
୨୦୨୭ରେ 'ବାରାଣସୀ'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-194 ♦FRIDAY ♦9 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୯୪ ♦ଶୁକ୍ରବାର ♦୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟ୍ରମ୍ପଙ୍କ ଦାଦାଗିରି

## ୬୬ ଅନ୍ତର୍ଜାତୀୟ ସଂଗଠନରୁ ଓହରିଲା ଆମେରିକା

■ ୱାସିଂଟନ, ୮ ।୧ (ଏଜେନ୍ସି): ରାଜନୈତିକ, ସାମରିକ ଓ ଅର୍ଥନୈତିକ ରୂପେ ସାରା ବିଶ୍ୱକୁ ଅସ୍ଥିର କରି ରଖିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଏଭଳି ଏକ ପଦକ୍ଷେପ ନେଇଛନ୍ତି, ଯାହାକି ଜଳବାୟୁ ସୁରକ୍ଷା ପାଇଁ ଚାଲିଥିବା ଅଭିଯାନକୁ ଗୁରୁତର ଝଟକା ଦେବ। ଆମେରିକା ଏବେ ୬୬ଟି ଅନ୍ତର୍ଜାତୀୟ ସଂଗଠନରୁ ଓହରିବ ବୋଲି ସେ ଘୋଷଣା କରିଛି। 'ଦି ଗାର୍ଡିଆନ' ଅନୁସାରେ ଜାତିସଂଘର ୩୧ ଓ ଜାତିସଂଘରେ ସାମିଲ ନଥିବା ୩୫ଟି ସଂଗଠନ ଏହି ତାଲିକାରେ ସାମିଲ ରହିଛି। ଟ୍ରମ୍ପ ଏସଂକ୍ରାନ୍ତ ଫାଇଲରେ ଆଜି ଦସ୍ତଖତ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ଟ୍ରମ୍ପ ଯୁକ୍ତି ଦର୍ଶାଇଛନ୍ତି। ତେଣୁ ଏହି ସବୁ



ସଂସ୍ଥାର କାର୍ଯ୍ୟକଳାପରେ ଆମେରିକା ସାମିଲ ହେବନାହିଁ କି ଏଗୁଡ଼ିକୁ ଆର୍ଥିକ ସହାୟତା ମଧ୍ୟ ଦେବନାହିଁ। ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରମ୍ପଙ୍କ ଏହି ତାଲିକାରେ ରହିଛି 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ। ଭାରତ ଓ ଫ୍ରାନ୍ସ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସଂଗଠନ 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ (ଆଇଏସ୍ଏ)। ୨୦୧୫ରେ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ଓଲାଣ୍ଡେଙ୍କ ମିଳିତ ଉଦ୍ୟମରେ ଏହାର ଆରମ୍ଭ କରାଯାଇଥିଲା। ସୌର ଶକ୍ତିର ବ୍ୟବହାର, ପ୍ରଚାର ଓ ପ୍ରସାର କରିବା ପାଇଁ ଭାରତ ଓ ଫ୍ରାନ୍ସ ଆଇଏସ୍ଏ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟାଳୟ ହରିୟାଣାର ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ସୋଲାର ଏନର୍ଜି କ୍ୟାମ୍ପସରେ ଅବସ୍ଥିତ। ବର୍ତ୍ତମାନ ଆଇଏସ୍ଏର ୧୨୦ରୁ ଅଧିକ ସଦସ୍ୟ ଅଛନ୍ତି। ଆମେରିକା ଏଥିରେ ୨୦୨୧ରେ ଯୋଗ ଦେଇଥିଲା। ଏହି ସଂଗଠନରେ ୧୨୦ରୁ ଅଧିକ ରାଷ୍ଟ୍ର ସଭ୍ୟ ଥିବା ବେଳ ୯୦ଟି ରାଷ୍ଟ୍ର ଏହାର ପୂର୍ଣ୍ଣାଙ୍ଗ ସଭ୍ୟ ହେବାକୁ ମଞ୍ଜୁରୀ ଦେଇଛନ୍ତି। ବର୍ତ୍ତମାନ ଏଥିରୁ ଆମେରିକା ବିଦାୟ ନେଉଥିବାରୁ ଏହି ପ୍ରକଳ୍ପକୁ ବଡ଼ ଧରଣର ଧକ୍କା ହୋଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ୬୬ଟି ସଂଗଠନ ଆମେରିକାର ସ୍ୱାର୍ଥ ବିରୋଧରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ଦ୍ୱାରା ଅର୍ଥ ମଧ୍ୟ ନଷ୍ଟ ହେଉଛି। ପୁଣି ଏହି ସଂଗଠନଗୁଡିକର ଖରାପ ଭାବେ ପରିଚାଳନା କରାଯାଉଛି ବୋଲି କୁହାଯାଇଛି। ଏହି ପଦକ୍ଷେପକୁ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତିର ଅଂଶଭାବେ ବିବେଚନା କରାଯାଉଛି।

# ଭାରତ ଉପରେ ୫୦୦% ଶୁଳ୍କ ଲଗାଇପାରେ ଆମେରିକା

■ ୱାସିଂଟନ, ୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ବନ୍ଧୁ ରାଷ୍ଟ୍ର କହି ସେ ଭାରତର ବଇରୀ ସାଜିଛନ୍ତି। ଗୋଟିଏ ପରେ ବଡ଼ ଝଟ୍କା ଦେଇ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କଟକଣା ଲଗାଇଛନ୍ତି। ଆଗାମୀ ଦିନରେ ଅଧିକ ଶୁଳ୍କ ଲଗାଇବା ବୋଲି ମଧ୍ୟ ଧମକ ଦେଇଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ସେ ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇପାରନ୍ତି। ଏଭଳି ବ୍ୟବସ୍ଥା ଥିବା ଏକ ବିଲ୍‌କୁ ଟ୍ରମ୍ପ ସ୍ୱୀକୃତି ଦେଇଛନ୍ତି। ଏହି ବିଲ୍‌ର ନାମ 'ସ୍ୟାଙ୍କସନିଂ ରଷିଆ ଆକ୍ଟ (ଏସଆରଏ)-୨୦୨୫' ରହିଛି। ଏଥିରେ ରୁଷ ବିରୋଧରେ କଠୋର କଟକଣା ଲଗାଇବାର ନିୟମ ରହିଛି। ରୁଷଠାରୁ ତୈଳ କିଣୁଥିବା ଭାରତ, ଚୀନ, ବ୍ରାଜିଲ ଭଳି ଦେଶ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ଏଥିରେ ବ୍ୟବସ୍ଥା ରହିଛି। ରୁଷ୍‌ରୁ ଶସ୍ତାରେ ଅଶୋଧିତ ତୈଳ କିଣି ଏହି ଦେଶଗୁଡ଼ିକ ୟୁକ୍ରେନ ଯୁଦ୍ଧକୁ ଖୋରା ଯୋଗାଉଛନ୍ତି ବୋଲି ଆମେରିକା କହୁଛି। ସେଥିପାଇଁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ପକାଇବାକୁ ଏହି ବିଲ୍ ଅଣାଯାଇଛି।

**ରୁଷ ବିରୋଧୀ କଟକଣା ସମ୍ବନ୍ଧିତ ବିଲ୍‌କୁ ଟ୍ରମ୍ପଙ୍କ ମଞ୍ଜୁରୀ**

ଆମେରିକାର କ୍ଷମତାସୀନ ଦଳ ରପବ୍ଲିକାନ ସିନେଟର ଲିଣ୍ଡସେ ଗ୍ରାହମ କହିଛନ୍ତି ଯେ ସେ ବୁଧବାର ହ୍ୱାଇଟ ହାଉସରେ ରାଷ୍ଟ୍ରପତିଙ୍କୁ ଭେଟି ଥିଲେ। ସଂସଦରେ ଏହି ବିଲ୍ ଉପସ୍ଥାପନ କରିବାକୁ ଟ୍ରମ୍ପ ସବୁଜ ସଙ୍କେତ ଦେଇଛନ୍ତି। ଗତ କିଛି ମାସ ହେଲା ଏହି ବିଲ୍‌କୁ ପ୍ରସ୍ତୁତ କରାଯାଉଥିଲା। ଆସନ୍ତା ସପ୍ତାହରେ ଏହି ବିଲ୍‌କୁ ସଂସଦରେ ଭୋଟିଂ ପାଇଁ ଉପସ୍ଥାପନ କରାଯିବ। ଆରଏସଏ ବିଲ୍‌ରେ ରୁଷର ଶକ୍ତି, ବ୍ୟାଙ୍କିଂ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ନିଶାଣ କରାଯାଇଛି। ଏଥିରେ ରୁଷର ତୈଳ-ଗ୍ୟାସ କମ୍ପାନୀ, ବଡ଼ ବ୍ୟାଙ୍କ, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଏହା ସହ ଜଡ଼ିତ ▶ପୃଷ୍ଠା-୭

**ଆଇ-ପ୍ୟାକ୍‌ରେ ଇଡି ଚଢ଼ଉ**

# କୋଲକାତାରେ ହାଇଡ୍ରାମା

## ତଦନ୍ତ ଅଧିକାରୀଙ୍କଠାରୁ ଫାଇଲ୍ ଛଡ଼ାଇନେଲେ ମମତା

■ କୋଲକାତା, ୮।୧ (ଏଜେନ୍ସି): ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜଧାନୀ କୋଲକାତାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। କ୍ଷମତାସୀନ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାରଙ୍କ ଘର ଓ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଅଧିକାରୀଙ୍କ ଚଢ଼ଉକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଆଜି ସକାଳେ ଇଡି ଏହି ଚଢ଼ଉ ଚଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସେଠାରେ ପହଞ୍ଚି କିଛି ଫାଇଲ ନେଇଯାଇଛନ୍ତି। ସେ ଅଭିଯୋଗ



କରିଛନ୍ତି ଯେ ବିଧାନସଭା ନିର୍ବାଚନ ପାଇଁ ତାଙ୍କ ଦଳ ପ୍ରସ୍ତୁତି ଚଳାଇଥିବା ବେଳେ ଇଡି ଅଧିକାରୀମାନେ ଦଳର ଏକସଂକ୍ରାନ୍ତ ତଥ୍ୟ ନେଇଯିବାକୁ ବସିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ

**ମୁଖ୍ୟମନ୍ତ୍ରୀ ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି**

**ଦଳୀୟ ନିର୍ବାଚନ ତଥ୍ୟ ଓ ରଣନୀତି ଲୁଟ୍ କରିବାକୁ ଚକ୍ରାନ୍ତ: ମମତା**

**ଆଇ-ପ୍ୟାକ୍ ଚଢ଼ଉରେ ମମତା ବିଚଳିତ କାହିଁକି: ବିଜେପି**

ଏତାଦୃଶ ଆଚରଣକୁ ବିରୋଧ କରି ଇଡି ଆଜି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇଡି କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଦେଇଥିବାରୁ ତାଙ୍କ ବିରୋଧରେ ମକଦ୍ଦମା ପାଇଁ ଇଡି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଛି। ଆସନ୍ତାକାଲି ହାଇକୋର୍ଟ ଏହା ଉପରେ ଶୁଣାଣି କରିବେ। ଆଜିର ଏହି ଘଟଣା ରାଜ୍ୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ଇଡି ଅଧିକାରୀମାନେ ଏକ ସମୟରେ ଆଇପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଅଫିସ ଏବଂ ଏହାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲେ। ଆଇପିଏସି ହେଉଛି ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାର ସଂସ୍ଥା। ୨୦୨୧ ବିଧାନସଭା ନିର୍ବାଚନରେ ▶ପୃଷ୍ଠା-୭

# ୩ ଅଦାଲତକୁ ଇ-ମେଲ୍‌ରେ ବୋମା ଧମକ

■ କଟକ, ୮ ।୧ (ସମିସ): ରାଜ୍ୟର ତିନି ଗୋଟି ଜିଲ୍ଲା ଅଦାଲତରେ ବୋମା ଆତଙ୍କ। ଅଦାଲତଗୁଡ଼ିକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍‌ରେ ଆସିଥିବା ଧମକ ଆଜି ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କଟକ, ଦେବଗଡ଼, ସମ୍ବଲପୁର ଜିଲ୍ଲା ଅଦାଲତ ସହ ହାଇକୋର୍ଟରେ ଧାଁଦଉଡ଼ ହୋଇଥିଲା। ଓକିଲ-ମହକିଲଙ୍କ ସମେତ ସାଧାରଣ ଜନତା କିଛି ସମୟ ଆତଙ୍କିତ ହୋଇପଡ଼ିଥିଲେ। ପୁଲିସ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ସ୍ଥାନରୁ ବୋମା କିମ୍ବା କିଛି ଆପତ୍ତିଜନକ ସାମଗ୍ରୀ ମିଳି ନଥିଲା। ଏଭଳି ଘଟଣା ପାଇଁ ଅଦାଲତର ଶୁଣାଣି ଦୁଇଘଣ୍ଟା ବାଧାପ୍ରାପ୍ତ ହୋଇଥିଲା। ଏହି ଅଜ୍ଞାତ ଧମକପୂର୍ଣ୍ଣ ଇ-ମେଲ୍ କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଜଜ୍ କୋର୍ଟକୁ ଆସିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଉକ୍ତ ଅଦାଲତଗୁଡ଼ିକରେ ସି-୪ ଆରଡିଏକ୍ସ ଭଳି ବିସ୍ଫୋରକ ରଖାଯାଇଛି। ଦିନ

**ଅଜ୍ଞାତ ଇ-ମେଲ୍‌ରେ ଧମକ ପରେ ରାଜ୍ୟରେ ଆଲୋଡ଼ନ**

**ଶୁଣାଣି ଦୁଇ ଘଣ୍ଟା ବାଧାପ୍ରାପ୍ତ**

**ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ**

୨ଟା ୩୫ରେ ଏହି ଆରଡିଏକ୍ସ ବିସ୍ଫୋରଣ ହେବ। ଏଣୁ, ସମୟପୂର୍ବରୁ ସମସ୍ତେ ଅଦାଲତ ଛାଡ଼ିଦେବାକୁ ଉକ୍ତ ମେଲ୍‌ରେ ଧମକ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ କଟକ ▶ପୃଷ୍ଠା-୭

## ଚିନ୍ତା ପ୍ରକଟ କଲେ ନବୀନ

■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ଜିଲ୍ଲା କୋର୍ଟଗୁଡ଼ିକୁ ବୋମା ଧମକକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଇମେଲ ଯୋଗେ ସମ୍ବଲପୁର, କଟକ ଓ ଦେବଗଡ଼ର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିବା ଅତ୍ୟନ୍ତ ଚିନ୍ତାଜନକ। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ,



**ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ ଦାବି**

**ନ୍ୟାୟିକ ପ୍ରତିଷ୍ଠାନ, ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି**

ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ▶ପୃଷ୍ଠା-୭

# ନଇଁଲେ ସରକାର: ଆନ୍ଦୋଳନରୁ ଓହରିଲା ଡାକ୍ତର ସଂଘ

■ ଭୁବନେଶ୍ୱର,୮।୧(ସମିସ): ଦାବି ପୂରଣ ନେଇ ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)। ଇତିମଧ୍ୟରେ ସଂଘର କେତେକ ଦାବି ସରକାର ପୂରଣ କରି ସାରିଛନ୍ତି। ବାକି ସମସ୍ତ ଦାବି ପୂରଣ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବଙ୍କର ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ନେଇ ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

ଗୁରୁବାର ଓମସା ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ସମାପ୍ତ ପରେ

**ଉଚ୍ଚସ୍ତରୀୟ କମିଟି ସୁପାରିସ ଆଧାରରେ ପୂରଣ ହେବ ଦାବି: ସ୍ୱାସ୍ଥ୍ୟମନ୍ତ୍ରୀ**

**ସବୁ ଦାବି ପୂରଣ ପାଇଁ ସରକାର ଦେଇଛନ୍ତି ଦୃଢ଼ ପ୍ରତିଶ୍ରୁତି : ଓମ୍‌ସା**

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଡାକ୍ତରମାନଙ୍କ ଦାବି ପୂରଣ ପାଇଁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ଡାକ୍ତରମାନଙ୍କର ଦାବିକୁ ତର୍ଜମା କରିବ। ଏହାପରେ ସଂଘର ଦାବି ତଥା କମିଟିର ସୁପାରିଶ ଆଧାରରେ ସରକାର ଯଥାଶୀଘ୍ର ଦାବି ପୂରଣ କରାଯିବ। ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଛି ଓ ଡାକ୍ତରମାନେ ଆନ୍ଦୋଳନ ବନ୍ଦ ପାଇଁ ସମ୍ମତି ପ୍ରକାଶ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର ମିଶ୍ରଙ୍କ ସୂଚନା ଅନୁଯାୟୀ ଆସନ୍ତା ୧୨ ତାରିଖରେ ସରକାର ଗଠନ କରିଥିବା ସଚିବସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାପରେ କେନ୍ଦ୍ରୀୟ ହାରରେ ଡିଏସିପି(ବେତନ) ପ୍ରଦାନର ରୂପରେଖ ସ୍ପଷ୍ଟ ହେବ। ସେହିପରି କେବିକେ ଅଞ୍ଚଳରେ ନିଯୁକ୍ତ ହୋଇଥିବା ଡାକ୍ତରମାନଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ଆଣିବା ପାଇଁ ସରକାର ସବୁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ କ୍ୟାଡର ▶ପୃଷ୍ଠା-୭

# ଆୟର ୭୫% ଦାନ କରିବେ ଅନିଲ ଅଗ୍ରୱାଲ

■ ମୁମ୍ବଇ, ୮।୧ (ଏଜେନ୍ସି): ପୁତ୍ର ଶୋକରେ ମର୍ମାହତ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ନିଜ ଆୟର ୭୫ ପ୍ରତିଶତ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ପୁଅର ମୃତ୍ୟୁକୁ ନେଇ ଅନିଲ ଭାଙ୍ଗି ପଡ଼ିଥିବା ବେଳେ ଦୁଃଖର ସହ କହିଛନ୍ତି ଯେ ଖରାପ ସମୟ ଚାଲିଯାଇଛି ବୋଲି ଆମକୁ ଲାଗିଥିଲା, କିନ୍ତୁ ଭାଗ୍ୟ ଆଉ କିଛି ଚାହୁଁଥିଲା। ସେ ପୁଅକୁ ମନେ ପକାଇ ଏହାକୁ ଜୀବନର ସବୁଠାରୁ ଅନ୍ଧକାରମୟ ଦିନ ବୋଲି କହିଛନ୍ତି। ପୁଅକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଅନିଲ ନିଜ ଆୟର ୭୫ ଅଂଶ ଦାନ କରିବେ ବୋଲି କହିଛନ୍ତି।

**ଅଗ୍ନିବେଶଙ୍କ ବିୟୋଗରେ ମୋଦୀ, ନବୀନଙ୍କ ଶୋକ**

ସୂଚନାଯୋଗ୍ୟ, ଏକ ଦୁର୍ଘଟଣାର ଶିକାର ହୋଇ ଆମେରିକାରେ ଚିକିତ୍ସିତ ହେଉଥିବା ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କର ଗତକାଲି ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଆମେରିକାରେ ସ୍କିଇଁ କରୁଥିବା ସମୟରେ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ନ୍ୟୁୟର୍କର ମାଉଣ୍ଟ ସିନାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ହେବାରୁ ବୁଧବାର ଅଗ୍ନିବେଶ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ▶ପୃଷ୍ଠା-୭

# ଆହୁରି ୨ ସପ୍ତାହ ଶୀତ

## ୧୨ରୁ କଲବଲ କରିବ ଅତି ଘନ କୁହୁଡ଼ି

■ ଭୁବନେଶ୍ୱର, ୮ ।୧ (ସମିସ): ରାଜ୍ୟରେ ଜାରି ରହିଥିବା ଶୀତରୁ ନିକଟରେ ମୁକ୍ତି ମିଳିବନି। ଯଦିଓ ବର୍ତ୍ତମାନ ତୁଳନାରେ ତାପମାତ୍ରା ସାମାନ୍ୟ ବଢ଼ିବ; ତେବେ ଆହୁରି ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଗୁରୁବାର ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏଭଳି ସୂଚନା ଦିଆଯାଇଛି। ଆଏମ୍‌ଡି ପକ୍ଷରୁ ପ୍ରକାଶିତ ଏହି ୧୫ ଦିନିଆ ଆକଳନରେ କୁହାଯାଇଛି, ଓଡ଼ିଶାରେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ଆଶଙ୍କା କରାଯାଉଛି।

**ରେକର୍ଡ ୨ ଡିଗ୍ରୀକୁ ଖସିଲା ତାପମାତ୍ରା**

**ଭୁବନେଶ୍ୱରରେ ୯ ଡିଗ୍ରୀ ତଳେ ପାରଦ**

ଶୀତ ସାଙ୍ଗକୁ ରାଜ୍ୟରେ ୧୨ ତାରିଖରୁ ଅନେକ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ରୁ ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ହେବାକୁ ଯାଉଛି। ଏହା ପ୍ରଭାବରେ ରାଜ୍ୟକୁ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଫଳରେ ରାଜ୍ୟରେ ଘନ କୁହୁଡ଼ି ଅନୁଭୂତ ହେବ। ଏହି ସମୟରେ ବିଶେଷ କରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଅତି ଘନ କୁହୁଡ଼ି ଆଶଙ୍କା କରି ୧୨ରୁ ବିଭିନ୍ନ ଜିଲ୍ଲା ପାଇଁ ଘନ କୁହୁଡ଼ି ଜନିତ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ରେକଡର୍ ୨ ଡିଗ୍ରୀକୁ ଖସିଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ସେମିଳିଗୁଡାରେ ପାରଦ ୩.୨କୁ ଖସିଥିବା ବେଳେ ୨୪ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଏଥି ମଧ୍ୟରେ ଫୁଲବାଣୀରେ ତାପମାତ୍ର ୫ ଡିଗ୍ରୀ, ରାଉରକେଲା ୫.୪, ଝାରସୁଗୁଡ଼ା ୫.୮, ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୯ ଡିଗ୍ରୀ ଛୁଇଁଛି। ▶ପୃଷ୍ଠା-୭

# ଯାତ୍ରୀଙ୍କଠାରୁ ଚୋରି କରି ବନ୍ଧାହେଲେ କ୍ୟାବ୍ ଡ୍ରାଇଭର

■ ଭୁବନେଶ୍ୱର,୮।୧(ସମିସ): ଯାତ୍ରୀଙ୍କଠାରୁ ଚୋରି ଅଭିଯୋଗରେ ବନ୍ଧା ହୋଇଛନ୍ତି ଓଲା କ୍ୟାବ୍ ଡ୍ରାଇଭର ନାଗେଶ୍ୱର ପ୍ରମାଣିକ। ନାଗେଶ୍ୱରଙ୍କ ଘର କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ହୋଇଥିଲା ବେଳେ ସେ ଭୁବନେଶ୍ୱରରେ କ୍ୟାବ୍ ଡ୍ରାଇଭାର ଭାବେ କାମ କରନ୍ତି। ପୁଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଜବତ କରିଛି। ଏହି ଚୋରି ସାମଗ୍ରୀ ମଧ୍ୟରେ ରହିଛି ସୁନା ଚେନ୍, ବ୍ରେସ୍‌ଲେଟ୍,



**୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ଅଳଙ୍କାର ଓ ଟଙ୍କା ଜବତ**

**ଯାଞ୍ଚ ହେଉନି ଘରୋଇ କ୍ୟାବ୍ ସଂସ୍ଥାରେ କାର୍ଯ୍ୟରତ ଡ୍ରାଇଭରଙ୍କ ତଥ୍ୟ**

ମୁଦି, ନଗଦ ୧ ଲକ୍ଷ ଟଙ୍କା, ୫୦ହଜାର ଥାଇଲାଣ୍ଡ କରେନ୍ସି, ଗୋଟିଏ ହୀରା କାନଫୁଲ, ୧୨ଟି କ୍ରେଡିଟ୍ କାଡର୍, ଡେବିଟ୍ କାର୍ଡର୍ ଏବଂ ଗୋଟିଏ ହାତଘଣ୍ଟା। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନାମରେ ପୂର୍ବରୁ ୪ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୁଚନା ମୁତାବକ, ଅମନ୍ କୁମାର ଅଗ୍ରୱାଲ କିଛିଦିନ ତଳେ ବ୍ୟାଙ୍କକ୍ ବୁଲିବାକୁ ଯାଇଥିଲେ। ବିମାନ ଯୋଗେ ବୁଧବାର ▶ପୃଷ୍ଠା-୭

# ପୁରୀରେ ପର୍ଯ୍ୟଟକଙ୍କୁ 'ପାର୍କିଂ' ଶୋଷଣ

## କେଉଁଠି ୫୦୦ ତ କେଉଁଠି ୨୦୦ ଟଙ୍କା

■ ପୁରୀ, ୮।୧ (ସମିସ): ପୁରୀରେ ପାର୍କିଂ ଫି' ଉପରେ କାହାର କୌଣସି ଲଗାମ୍ ନାହିଁ। ମନଇଚ୍ଛା ଯିଏ ଯେତେ ଚାହିଁଲା, ସେତେ ଆଦାୟ କଲା। ପାର୍କିଂ ଫି' ନାଁରେ ଭକ୍ତ, ପର୍ଯ୍ୟଟକଙ୍କୁ ଏକପ୍ରକାର ଶୋଷଣ କରାଯାଉଛି। ହେଲେ ଏଭଳି ଶୋଷଣ ବିରୁଦ୍ଧରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ଦୁର୍ଭାଗ୍ୟଜନକ କଥା ହେଉଛି, ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ବି ଏହି ଶୋଷଣ ତାଲିକାରେ ଯୋଡ଼ି ହୋଇଯାଇଛି। ମନ୍ଦିର ପ୍ରଶାସନ ପରିଚାଳିତ ଭକ୍ତନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ଫି' ଏବେ ୫୦୦ ଟଙ୍କା ହୋଇଯାଇଛି। କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଅନ୍ୟ କେଉଁଠି ଭକ୍ତଙ୍କୁ ୩ ଘଣ୍ଟା ପାଇଁ ପାର୍କିଂ ବାବଦ ୨୦୦ ତ ପୁଣି କେଉଁଠି

**ଶୋଷକ ତାଲିକାରେ ଯୋଡ଼ି ହେଲା ଶ୍ରୀମନ୍ଦିର ପ୍ରଶାସନ**

**ଭକ୍ତ ନିବାସରେ ୫୦୦ ଟଙ୍କା ହେଲା ପାର୍କିଂ ଫି'**

କାର୍ ପାଇଁ ୧୦୦ ନିଆଯାଉଛି।

ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର। ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଜିଲ୍ଲାବ୍ୟାପୀ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଧାର୍ମିକ ପୀଠ ରହିଛି। ବର୍ଷତମାମ୍ ଏହି ସବୁ ଜାଗାରେ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ହେଲେ ବିଭିନ୍ନ ଜାଗାରେ କିଛି ଅସାମାଜିକ ବ୍ୟକ୍ତି ଏମାନଙ୍କୁ ଏକପ୍ରକାଶ ଶୋଷଣ କରିଥା'ନ୍ତି। କେଉଁଠି ପାର୍କିଂ ଫି' ନାଁରେ ତ ପୁଣି କେଉଁଠି ଦର୍ଶନୀୟସ୍ଥାନ ବୁଲାଇବା ପାଇଁ ଗାଡ଼ି ଭଡ଼ା ବାବଦରେ ଅଧିକ ଟଙ୍କା ନେଇଥା'ନ୍ତି। ସେହିପରି ରାମଚଣ୍ଡୀରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କୁ ବିଭିନ୍ନ ଉପାୟରେ ଶୋଷଣ ଚାଲିଛି। ଆଉ ଏବେ ଏହି ତାଲିକାରେ ନିଜ ନାଁକୁ ଯୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ।

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇ ଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ▶ପୃଷ୍ଠା-୭

## ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଜମ୍ମୁସ୍ଥିତ ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତାକୁ ରଦ୍ଦ କରାଯାଇଛି । ଗତବର୍ଷ ହିଁ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଚଳାଇବାକୁ ମାନ୍ୟତା ମିଳିଥିଲା । ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) କଲେଜର ମାନଦଣ୍ଡ ଉଲ୍ଲଂଘନ ହେଉଥିବା ଦେଖି ଏହି ନିଷ୍ପତ୍ତି ନେଇଛି । ବର୍ତ୍ତମାନ ପଢୁଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଅନ୍ୟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ । ଏଠାରେ ମୁସଲିମ ଛାତ୍ରଙ୍କ ଆଡମିସନ ନେଇ ବିବାଦ ସୃଷ୍ଟି ହୋଇଥିଲା । ୨୦୨୫-୨୬ ବର୍ଷର ପ୍ରଥମ ବ୍ୟାଚ୍‌ରେ ୪୨ ମୁସଲମାନ, ୭ ହିନ୍ଦୁ ଓ ଜଣେ ଶିଖ ଛାତ୍ରଙ୍କୁ ସିଟ୍ ଆବଣ୍ଟନ ତାଲିକାରେ ରଖାଯାଇଥିଲା । ପରେ ଅନେକ ହିନ୍ଦୁ ସଂଗଠନ ଏହାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ । ସିଟ୍ ଆବଣ୍ଟନରେ ଭେଦଭାବ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହି କଲେଜ ବୈଷ୍ଣୋଦେବୀ ଭକ୍ତଙ୍କ ଦାନରେ ଚାଲୁଛି, ତେଣୁ ହିନ୍ଦୁ ଛାତ୍ରଙ୍କୁ ଆଡମିଶନରେ ଅଧିକ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଥିଲେ ।

## ବିଜେପିରେ ଯୋଗ ଦେଲେ ୧୨ ନିଲମ୍ବିତ କଂଗ୍ରେସ କାଉନସିଲର

ମୁମ୍ବଇ, ୮ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ଏଥର କେତୋଟି ଅଜବ ଘଟଣା ଦେଖିବାକୁ ମିଳିଛି । ଅମ୍ବରନାଥରେ ପାର୍ଟି ବିଚାରଧାରକୁ ଉଲ୍ଲଂଘନ କରି ବିଜେପି- ଏନ୍‌ସିପି ସହିତ ମେଣ୍ଟ କରିଥିବା ୧୨ କଂଗ୍ରେସ କାଉନସିଲରଙ୍କୁ ପାର୍ଟି ନିଲମ୍ବନ କରାଯାଇଥିଲା । ଏବେ ୧୨ କାଉନସିଲର ବିଜେପିରେ ଯୋଗ ଦେଇଛନ୍ତି ବୋଲି ମହାରାଷ୍ଟ୍ର ବିଜେପି ସଭାପତି ରବୀନ୍ଦ୍ର ଚୌହାନ ବୁଧବାର ରାତିରେ ଘୋଷଣା କରିଛନ୍ତି । ଫଳରେ ଅମ୍ବରନାଥ ପୌର ପରିଷଦରେ ରାଜନୀତି ନୂଆ ମୋଡ଼ ନେଇଛି । ଚୌହାନ କହିଛନ୍ତି ଯେ, 'ଲୋକମାନେ ଏହି କାଉନସିଲରମାନଙ୍କୁ ନିର୍ବାଚିତ କରିଥିଲେ ଓ ସେମାନେ ଲୋକଙ୍କୁ ବିକାଶର ପ୍ରତିଶ୍ରୁତି ଦେଇଥିଲେ । ଏବେ ସେମାନେ ଆମ ସହ ଯୋଗ ଦେଇଛନ୍ତି, କାରଣ ସରକାର ଗତିଶୀଳ ଭାବେ କାର୍ଯ୍ୟ କରୁଛି ଏବଂ ଲୋକଙ୍କୁ ନ୍ୟାୟ ଓ ବିକାଶ ପ୍ରଦାନ କରିବାରେ ସକ୍ଷମ' । ଡିସେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଫଳାଫଳ ବାହାରିବା ପରେ ବିଜେପି ଓ କଂଗ୍ରେସ ମିଶିକରି ଅମ୍ବରନାଥ ବିକାଶ ଅଘାଡ଼ି ଗଠନ କରିଥିଲେ । ଏହି ମେଣ୍ଟରେ ଅଜିତ ପାୱାରଙ୍କ ଏନ୍‌ସିପି ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଅମ୍ବରନାଥ ପୌର ପରିଷଦ ନିର୍ବାଚନରେ ମୋଟ୍ ୬୦ଟି ଆସନରୁ ସିନ୍ଦେ ଗୋଷ୍ଠୀ ଶିବସେନା ୨୭, ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ ଓ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ବିଜୟ ହାସଲ କରିଥିଲେ ।

## ବାଂଲାଦେଶରେ ଆଉ ଜଣେ ରାଜନେତାଙ୍କୁ ହତ୍ୟା

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଆଉ ଜଣେ ରାଜନେତାଙ୍କୁ ହତ୍ୟା କରାଯାଇଛି । ବୁଧବାର ରାତିରେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ନେତା ଅଜିଜୁର ରହମାନ ମୁସବିରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ତାଙ୍କ ସହ ଅବୁ ସୁଫିଆନ ମସୁଦ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ରାତି ୮.୪୦ରେ କରବାନ ବଜାରରେ ତେଜତୁରୀ ବଜାର ଅଞ୍ଚଳରେ ଏହି ଘଟଣା ଘଟିଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦୁଇଜଣ ଅଜ୍ଞାତ ବାଇକ ସବାର ଅଚାନକ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ମୁସବିର ଓ ମସୁଦ ଗୁରୁତର ଭାବେ ଆହତ ହୋଇଥିଲେ । ମୁସବିରଙ୍କୁ ବିଆରବି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାବେଳେ ସେ ମୃତ୍ୟୁବରଣ କରିଥିଲେ । ମୁସବିର ବିଏନ୍‌ପିର ସ୍ୱୟଂସେବୀ ୟୁନିଟ୍‌ର ମହାସଚିବ ଥିଲେ । ସେ ପୂର୍ବରୁ ବିଭିନ୍ନ ରାଜନୈତିକ ମାମଲା କାରଣରୁ ଜେଲ ଯାଇଥିଲେ । ୨୦୨୦ ମହାନଗର ନିର୍ବାଚନରେ ସେ ତେଜଗାଓଁ ୱାର୍ଡ-୨୬ରେ ବିଏନ୍‌ପି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ଗତମାସରେ ଛାତ୍ର ନେତା ଶରିଫ ଉସମାନ ହାଦିଙ୍କୁ ହତ୍ୟା କରାଯାଇଥିଲା ।

## ବାଂଲାଦେଶକୁ ଜେଏଫ୍-୧୭ ବିକ୍ରି କରିବ ପାକିସ୍ତାନ

ଢାକା, ୮ ।୧(ଏଜେନ୍ସି): ପାକିସ୍ତାନ ଜେଏଫ୍-୧୭ ଭଳି ଲଢୁଆ ବିମାନ ବାଂଲାଦେଶକୁ ବିକ୍ରି କରିବା ଖବର ସାମ୍ନାକୁ ଆସିଛି । ପାକିସ୍ତାନ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଦୁଇ ଦେଶର ବାୟୁସେନା ମୁଖ୍ୟ ଇସ୍‌ଲାମାବାଦ୍‌ରେ ପରସ୍ପର ସହ ଆଲୋଚନା କରିଛନ୍ତି ଓ ଏ ନେଇ ପାକିସ୍ତାନ ସେନା ତରଫରୁ ସୂଚନା ଦିଆଯାଇଛି । ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ଚିଫ ମର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁ ଓ ବାଂଲାଦେଶ ବାୟୁସେନା ମୁଖ୍ୟ ହସନ ମହମ୍ମୁଦ ଖାନ୍‌ଙ୍କ ମଧ୍ୟରେ ବିସ୍ତୃତ ଭାବେ ବୈଠକ ହୋଇଛି ବୋଲି ବାଂଲାଦେଶ ଖବର କାଗଜ 'ଡେଲି ଷ୍ଟାର' ସୂଚନା ଦେଇଛି । ବିମାନ କିଣାବିକା ସହ ପ୍ରତିରକ୍ଷା ସହଯୋଗ ନେଇ ଦୁଇ ଅଧିକାରୀ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଜେଏଫ୍-୧୭ ଥଣ୍ଡର ବିମାନ ହେଉଛି ଏକ ମଲ୍ଟି-ରୋଲ କମ୍ବାଟ ଲଢୁଆ ବିମାନ । ଏହାକୁ ପାକିସ୍ତାନ ଓ ଚୀନ ସାଥି ହୋଇ ବିକଶିତ କରିଥିଲେ । ଏହି ବିମାନ ବାୟୁରୁ ବାୟୁ ଓ ବାୟୁରୁ ଭୂମି ଉପରେ ଆକ୍ରମଣ କରିପାରିବ । ଅନ୍ତରୀଣ ସରକାର ଦାୟିତ୍ୱକୁ ଆସିବା ପରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟ ସମ୍ପର୍କ ସୁଦୃଢ ହେବାରେ ଲାଗିଛି ।

## କାର୍ ଦୁର୍ଘଟଣାରେ ୪ ଛାତ୍ର ମୃତ

ହାଇଦରାବାଦ, ୮ ।୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ ୪ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଛାତ୍ରମାନେ ଆଇସିଏଫ୍‌ଏଆଇ ବିଜନେସ ସ୍କୁଲର ଛାତ୍ର । ଏଥିରେ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପୁଲିସ ଦେଇଥିବା ସୂଚନା ଅନୁସାରେ ଦ୍ରୁତଗତିରେ ଆସୁଥିବା ଏହି କାର୍ ଡିଭାଇଡରରେ ଧକ୍କା ଦେବା ଫଳରେ ଏକ ଗଛକୁ ଧକ୍କା ଦେଇ ତା ଭିତରେ ଏକ ପ୍ରକାର ପଶିଯାଇଥିଲା । ସବୁ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇ ଫେରୁଥିଲେ ।

## ଆମେରିକାରେ କୋକେନ ସହ ଧରାପଡ଼ିଲେ ଦୁଇ ଭାରତୀୟ ଟ୍ରକ ଡ୍ରାଇଭର



ଇଣ୍ଡିଆନାପଲିସ୍, ୮ ।୧(ଏଜେନ୍ସି): ଆମେରିକାରେ ଇଣ୍ଡିଆନାପଲିସର ପୁଲିସ କର୍ମଚାରୀ ଦୁଇଜଣ ଭାରତୀୟ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି ସେମାନଙ୍କଠାରୁ ୩୦୯ ପାଉଣ୍ଡ କୋକେନ ଭଳି ନିଶାଦ୍ରବ୍ୟ ଜବତ କରିଛି । ଏହାର ଦାମ ପାଖାପାଖି ୭୦ ଲକ୍ଷ ଡଲାର ଅର୍ଥାତ ୫୮ କୋଟି ଟଙ୍କା ବୋଲି କୁହାଯାଇଛି । ଏହି ଦୁଇଜଣ ହେଲେ ୨୫ ବର୍ଷୀୟ ଗୁରପ୍ରୀତ ସିଂହ ଓ ୩୦ ବର୍ଷୀୟ ଯଶବୀର ସିଂହ । ଏହି ଦୁଇଜଣ କାଲିଫର୍ଣ୍ଣିଆର ବାସିନ୍ଦା ଓ ଅବୈଧ ଭାବେ ଆମେରିକାର ଅନୁପ୍ରବେଶ କରିଥିଲେ ବୋଲି କୁହାଯାଉଛି । ଏହି ମାମଲା ଗୁରୁତର ନିଶାଦ୍ରବ୍ୟ ଚୋରାଚାଲାଣ ସହିତ ଜଡିତ । ପୁଲିସ ସାଧାରଣ ଯାଞ୍ଚ୍ ପାଇଁ ଏହି ଟ୍ରକକୁ ଇଣ୍ଟରଷ୍ଟେଟ-୭୦ ହାଇୱେରେ ରୋକିଥିଲା । ଯାଞ୍ଚ ଅବସରରେ ପୁଲିସର ସନ୍ଦେହ ହେବା କାରଣରୁ ଡଗ୍‌ସ୍କ୍ୱାଡ଼କୁ ଡକାଯାଇଥିଲା ଓ ଟ୍ରକ୍‌ରେ କୋକେନ ଥିବା ଜଣାପଡ଼ିଥିଲା । ସେମାନେ ଏହି କୋକେନକୁ ସ୍ଲିପର ବର୍ଥରେ ଲୁଚାଇ ରଖିଥିଲେ । ଇମିଗ୍ରେସନ ଓ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ଉଭୟଙ୍କ ଉପରେ ଦେଶରୁ ନିଷ୍କାସନ ପ୍ରକ୍ରିୟାକୁ ରୋକିଛି । ଜବତ ହୋଇଥିବା

**ଲକ୍ଷେ ଲୋକଙ୍କ ଜୀବନକୁ ବିପଦ**

କୋକେନ ୧୧୩, ୦୦୦ ଆମେରିକୀୟ ନାଗରିକଙ୍କ ଜୀବନକୁ ବିପଦରେ ପକାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଫେଡେରାଲ ଅଧିକାରୀମାନେ କହିଛନ୍ତି । ଯଶବୀର ୨୦୧୭ ମାର୍ଚ୍ଚ ୨୧ରେ ବେଆଇନ୍ ଭାବେ ଆମେରିକାରେ ପ୍ରବେଶ କରିଥିଲେ । ତାଙ୍କୁ ମଧ୍ୟ ୨୦୨୫ ଡିସେମ୍ବରରେ ଚୋରା ଜିନିଷ ଗ୍ରହଣ କରିଥିବା ଅଭିଯୋଗରେ ଗିରଫ କରାଯାଇଥିଲା ।

## ବେଙ୍ଗାଲୁରୁ-ବିଜୟୱାଡ଼ା ଏକ୍ସପ୍ରେସୱେରେ ୨୪ ଘଣ୍ଟାରେ ୨୯ କିମିର ସଡ଼କ ନିର୍ମାଣ

ବିଜୟୱାଡ଼ା, ୮ ।୧(ଏଜେନ୍ସି): ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) ଗୁରୁବାର ଦୁଇଟି ଗିନିଜ ରେକର୍ଡ ସ୍ଥାପନ କରିଛି । ଆନ୍ଧ୍ରପ୍ରଦେଶର ବେଙ୍ଗାଲୁରୁ- କଡ଼ାପା- ବିଜୟୱାଡା ଅର୍ଥନୈତିକ କରିଡର (ଏନ୍‌ଏଚ୍-୫୪୪ଜି) ଉପରେ ଏନଏଚ୍‌ଏଆଇ ଦୁଇଟି ବଡ଼ ଉପଲବ୍ଧି ହାସଲ କରିଛି । ରାଜପଥ ଇନ୍‌ଫ୍ରାକନ ପ୍ରାଇଭେଟ ଲିମିଟେଡ ମାତ୍ର ୨୪ ଘଣ୍ଟା ମଧ୍ୟରେ ୨୮.୯୫ କିମି ଅର୍ଥାତ ୧୪.୫ କିମିର ଡବଲ ଲେନ୍ ରାସ୍ତା ନିର୍ମାଣ କରିଛି ଓ ୧୦, ୬୭୫ ମେଟ୍ରିକ ଟନ୍ ବିଟୁମିନାସ କଂକ୍ରିଟ (ପିଚୁ) ବିଛାଇ ଏହି ରେକର୍ଡ ସୃଷ୍ଟି କରିଛି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସାମାଜିକ ଗଣ ମାଧ୍ୟମରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛନ୍ତି । ସେ ଏହାକୁ ଭାରତ ଓ ଆନ୍ଧ୍ରପ୍ରଦେଶ ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ଉଲ୍ଲେଖ କରିଛନ୍ତି । ଏହି ପ୍ରକଳ୍ପ ଭାରତମାଳା ପର୍ଯ୍ୟାୟ-୨ ଅଧୀନରେ ଆରମ୍ଭ କରାଯାଇଥିଲା । ଏଥିରେ ଗ୍ରୀନ୍‌ଫିଲ୍ଡ ଓ ବ୍ରାଉନଫିଲ୍ଡ ଉଭୟ ରାସ୍ତା ନିର୍ମାଣ କରାଯାଉଛି । ଏହି ରାସ୍ତାରେ ଯାତ୍ରା କଲେ ଲୋକଙ୍କୁ ସହରର ଭିଡ଼ ଓ ପୁରୁଣା ରାଜପଥ ଦେଇ ଯିବାର ସମସ୍ୟାରୁ ମୁକ୍ତି ମିଳିବ ବୋଲି କୁହାଯାଇଛି । ଏହି ଏକ୍ସପ୍ରେସୱେର ମୋଟ ଲମ୍ବ ୬୨୪ କିମି । ଗ୍ରୀନ୍‌ଫିଲ୍ଡ ୩୪୨ କିମି ଧରି ବ୍ୟାପ୍ତ ହୋଇଛି ଓ ଏହା କୋଡିକୋଣ୍ଡାଠାରୁ ଆଡ୍ଡାଙ୍କି/ମୁପ୍ପାଭରମ ପର୍ଯ୍ୟନ୍ତ ଲମ୍ବିଛି ।

# ୭ଟି ରାଜ୍ୟର ୧୧ କୋର୍ଟକୁ ବୋମା ଧମକ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଗୁରୁବାର ଦେଶର ୭ଟି ରାଜ୍ୟର ୧୧ଟି କୋର୍ଟକୁ ବୋମା ଧମକ ମଳିଛି । ଫଳରେ ଆତଙ୍କ ସୃଷ୍ଟି ହେବା ସହ ଜରୁରୀକାଳୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଧମକ ପରେ ସମସ୍ତ ପ୍ରଭାବିତ କୋର୍ଟ ପରିସରକୁ ଖାଲି କରାଯାଇଛି । ପୁଲିସ ଦଳ, କୁକୁର ସ୍କ୍ୱାଡ଼, ଘଟଣାସ୍ଥଳକୁ ପଠାଯାଇଛି ଓ ତଲାସୀ ଚାଲିଛି । ୭ଟି ରାଜ୍ୟର ଏହି ୧୧ଟି କୋର୍ଟକୁ ଇ-ମେଲ ଜରିଆରେ

**ପଞ୍ଜାବ, ହରିୟାଣା, ହିମାଚଳ, ବିହାର, ଛତିଶଗଡ଼ରେ ସୁରକ୍ଷା କଡ଼ାକଡ଼ି**



ଏହି ଧମକ ମିଳିଛି । ପଞ୍ଜାବରେ ଫିରୋଜପୁର, ମୋଗା, ରୂପନଗର ଜିଲ୍ଲା କୋର୍ଟକୁ ବୋମା ଧମକର ବାର୍ତ୍ତା ମିଳିଥିଲା । ଏଥିସହ ହିମାଚଳ ପ୍ରଦେଶ ହାଇକୋର୍ଟକୁ ମଧ୍ୟ ଏକ ସମାନ ଧମକ ଇ-ମେଲ୍ ଜରିଆରେ ମିଳିଛି । ଫଳରେ କର୍ମଚାରୀ ଓ ଅନ୍ୟମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ପଞ୍ଜାବ ପୁଲିସ ଅନୁସାରେ ଏହି ଧମକପୂର୍ଣ୍ଣ ଇ-ମେଲ ଜିଲ୍ଲା ଓ ସେସନ୍ସ ବିଚାରପତିଙ୍କ ଅଧିକାରୀଙ୍କ ଇ-ମେଲ ଆଇଡିକୁ ପଠାଯାଇଥିଲା । ଏହାପରେ କୋର୍ଟ ପରିସରକୁ ତୁରନ୍ତ ଖାଲି କରାଯାଇଥିଲା । ଅଧିକାରୀମାନେ ଏପର୍ଯ୍ୟନ୍ତ ଇ-ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ବିଷୟରେ କିଛି ସୂଚନା ଦେଇନାହାନ୍ତି । ସତର୍କତା ସ୍ୱରୂପ କୋର୍ଟ କମ୍ପ୍ଲେକ୍ସ ଚାରି ପାଖରେ ଥିବା ପାର୍କିଂ ଅଞ୍ଚଳକୁ ମଧ୍ୟ ଖାଲି କରାଯାଇଛି ଓ ବ୍ୟାପକ ପୁଲିସ ମୁତୟନ କରାଯାଇଛି ଓ ଏକାଧିକ ଦଳ ତଲାସୀ ଜାରି ରଖିଛନ୍ତି । ମଧ୍ୟପ୍ରଦେଶର ରେୱାସ୍ଥିତ ଜିଲ୍ଲା କୋର୍ଟକୁ ମଧ୍ୟ ସମାନ ଧମକ ମିଳିଥିଲା । ସେହିପରି କେରଳର କାସାରଗୋଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧକମ ମିଳିଛି । ଅନ୍ୟପଟେ ବିହାରର ୪ଟି କୋର୍ଟକୁ ମଧ୍ୟ ବୋମା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଛି । ଧମକ ମିଳିଥିବା ବିହାରର ୪ଟି କୋର୍ଟ ହେଲା ପାଟନା ସିଭିଲି କୋର୍ଟ, ପାଟନା ସିଟି କୋର୍ଟ, କିଶାନଗଞ୍ଜ ସିଭିଲ କୋର୍ଟ ଓ ଗୟାଜୀ ସିଭିଲ କୋର୍ଟ । ଏକ ଅଜଣା ଇମେଲ ଆଇଡିରୁ ହିଁ ଏହି ଧମକ ମିଳିଥିଲା । ସେହିପରି ଛତିଶଗଡ଼ର ରାଜନନ୍ଦଗାଓଁ ଜିଲ୍ଲା କୋର୍ଟକୁ ମଧ୍ୟ ଏକ ବୋମା ଧମକ ମିଳିଥିଲା । ସବୁ କୋର୍ଟ ପରିସର ଭିତର ଓ ଚାରି ପାଖରେ ବ୍ୟାପକ ପୁଲିସ ମୁତୟନ କରାଯାଇ ଯାଞ୍ଚ୍ କରାଯାଉଛି ଓ କୋର୍ଟକୁ ଆସୁଥିବା ସବୁ ଲୋକ, କଏଦୀ, ସାକ୍ଷୀ ଓ ଅନ୍ୟମାନଙ୍କୁ ଫେରାଇ ଦିଆଯାଇଛି ।

## ଇରାନରେ ପୁଲିସ ଅଧିକାରୀଙ୍କୁ ହତ୍ୟା

ତେହେରାନ, ୮ ।୧(ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧି ନେଇ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଫଳରେ ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ବୁଧବାର ଏକ ଚଳନ୍ତା ଗାଡ଼ିରୁ ଜଣେ ଅଜ୍ଞାତ ବନ୍ଧୁକଧାରୀ ଜଣେ ପୁଲିସକର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଇରାନର ଦକ୍ଷିଣ- ପୂର୍ବ ରାଜ୍ୟ ସିସ୍ତାନ ଓ ବଲୁଚିସ୍ତାନରେ ଏହି ଘଟଣା ଘଟିଛି । ମୃତ୍ୟୁବରଣ କରିଥିବା ପୁଲିସକର୍ମୀ ହେଲେ ମହମୁଦ ହକିକତ ବୋଲି ଜଣାପଡ଼ିଛି । ଗତ ଦୁଇଦିନ ମଧ୍ୟରେ ଦ୍ୱିତୀୟ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଛି । ପୂର୍ବରୁ ମଙ୍ଗଳବାର ଏହସାନ ଆଗାଜାନୀ ନାମକ ଜଣେ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଥିଲା । ଗତ ୩ ବର୍ଷ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରଥମଥର ପାଇଁ ବ୍ୟାପକ ଭାବେ ଆନ୍ଦୋଳନ ହେଉଛି । ଏଥିରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ୍ ଆଗକୁ ବାହାରି ବିକ୍ଷୋଭର ନେତୃତ୍ୱ ନେଉଛି ।

## ମହିଳା ସୁରକ୍ଷାରେ ବେଙ୍ଗାଲୁରୁ, ଚେନ୍ନାଇ ସର୍ବୋତ୍ତମ ସହର

ବେଙ୍ଗାଲୁରୁ, ୮ ।୧(ଏଜେନ୍ସି): ମହିଳାଙ୍କ ସୁରକ୍ଷା ମାମଲାରେ ବେଙ୍ଗାଲୁରୁ, ଚେନ୍ନଇ ଦେଶର ସର୍ବୋତ୍ତମ ସହର ବିବେଚିତ ହୋଇଛି । କର୍ମକ୍ଷେତ୍ର ସଂସ୍କୃତି ପରାମର୍ଶଦାତା ସଂସ୍ଥା ଅବତାର ଗ୍ରୁପ୍ ଦ୍ୱାରା 'ଭାରତରେ ମହିଳାମାନଙ୍କ ଶ୍ରେଷ୍ଠ ସହର' (ଟିସିଡବ୍ଲୁଆଇ) ରିପୋର୍ଟର ଚତୁର୍ଥ ସଂସ୍କରଣରେ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି । ମହିଳାଙ୍କ ଅଂଶଗ୍ରହଣ, ସୁରକ୍ଷା ଓ କ୍ୟାରିଅର ଅଭିବୃଦ୍ଧି ଉପରେ ଅଧାରକରି ଏହି ରିପୋର୍ଟରେ ୧୨୫ଟି ସହର ସ୍ଥାନିତ ହୋଇଛନ୍ତି । ୫୩.୨୯ ସ୍କୋର ସହିତ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ରହିଛି । ସେହିପରି ଚେନ୍ନଇ ଦ୍ୱିତୀୟ, ପୁଣେ ତୃତୀୟ, ହାଇଦରାବାଦ ଚତୁର୍ଥ, ମୁମ୍ବଇ ୫ମ, ଗୁରୁଗ୍ରାମ ଷଷ୍ଠ, କୋଲକାତା ୭ମ, ଅହମଦାବାଦ ୮ମ, ତିରୁଅନନ୍ତପୁରମ ୯ମ ଓ କୋଏମ୍ବାଟୁର ୧୦ମ ସ୍ଥାନରେ ରହିଛି । ୨୦୨୨ରୁ ଏପର୍ଯ୍ୟନ୍ତ ପିଛଲା ରିପୋର୍ଟର ତୁଳନା କରାଯାଇଛି । ସହରଗୁଡିକର ର୍ୟାଙ୍କିଙ୍ଗ୍ ସିଟି ଇନ୍‌କ୍ଲୁଜନ ସ୍କୋର (ସିଆଇଏସ୍)କୁ ଆଧାର କରି କରାଯାଇଛି । ଏହା ଅବତାର ଗ୍ରୁପ୍‌ର ଗବେଷଣା ଓ ସରକାରୀ ତଥ୍ୟରୁ ପ୍ରାପ୍ତ । ଟିସିଡବ୍ଲ୍ୟୁଆଇ ରିପୋର୍ଟ ଏକ ଲମ୍ବା ଅନ୍ତର୍ଭୁକ୍ତି ସୂଚକାଙ୍କ ସ୍ଥାପନ କରେ । ଯାହା ଭାରତୀୟ ସହରଗୁଡିକରେ ମହିଳାଙ୍କ ଅଂଶଗ୍ରହଣ, କ୍ୟାରିଅର ସୁରକ୍ଷା ଅଭିବୃଦ୍ଧି ଓ ନିରନ୍ତରତାକୁ କେତେ ପରିମାଣରେ କାର୍ଯ୍ୟକ୍ଷମ କରେ ତାହା ମୂଲ୍ୟାଙ୍କନ କରିଥାଏ । ସହରଗୁଡିକର ର୍ୟାଙ୍କିଙ୍ଗ୍ ମୁଖ୍ୟତଃ ଦୁଇଟି ତଥ୍ୟ ଉପରେ ଆଧାରିତ ହୋଇଛି । ଗୋଟିଏ ହେଉଛି ସାମାଜିକ ଅନ୍ତର୍ଭୁକ୍ତି ସ୍କୋର (ଏସ୍‌ଆଇଏସ୍) ଓ ଔଦ୍ୟୋଗିକ ଅନ୍ତର୍ଭୁକ୍ତି ସ୍କୋର (ଆଇଆଇଏସ୍) । ଏସ୍‌ଆଇଏସ୍‌ରେ ଜୀବନର ସହଜତା, ମହିଳା ସୁରକ୍ଷା, କର୍ମଶକ୍ତିରେ ଅଂଶଗ୍ରହଣ ଓ ସଶକ୍ତିକରଣ ପାଇଁ ସୁଯୋଗ ସାମିଲ ରହିଛି । ସେହିପରି ଆଇଆଇଏସ୍‌ରେ ମହିଳା ଅନୁକୂଳ କମ୍ପାନୀଗୁଡିକର ଉପସ୍ଥିତି, ଶିଳ୍ପଗୁଡିକରେ ସମାନ ସୁଯୋଗ ଓ ମହିଳାଙ୍କ ପାଇଁ କ୍ୟାରିଅର ସହାୟତା ଅବସ୍ଥାନ ସାମିଲ ରହିଛି ।



## ବାଂଲାଦେଶରେ ଦୀପୁ ଦାସ ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଈଶ ନିନ୍ଦା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟା ମାମଲରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ୟାସିନ ଆରାଫତ ନାମକ ଜଣେ ପୂର୍ବତନ ଶିକ୍ଷକଙ୍କୁ ଏହି ମାମଲାରେ ବାଂଲାଦେଶ ପୁଲିସ ଗୁରୁବାର ଗିରଫ କରିଛି । ୟାସିନ ହିଁ ଭିଡ଼କୁ ଦୀପୁଙ୍କୁ ଆକ୍ରମଣ କରିବା ପାଇଁ ଉସୁକାଇଥିଲେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଭିଡ଼କୁ ଏକାଠି କରିବା ସହ ସେ ଦୀପୁଙ୍କୁ ଏକ ଛକକୁ ଟାଣି ନେଇଥିଲେ ଓ ସେଠାରେ ତାଙ୍କୁ ଗଛରେ ଟଙ୍ଗାଇ ନିଆଁ ଲଗାଇ ଦିଆଯାଇଥିଲା । ଆରାଫତ ଜଣେ ସ୍ଥାନୀୟ ବାସିନ୍ଦା ଓ ସେ ମସଜିଦ୍‌ରେ ପାଠ ପଢ଼ାଉଥିଲେ । ଜଣେ ଶିକ୍ଷକ ଭାବେ ତାଙ୍କର ପଦବୀକୁ ନେଇ ଏବେ ଯାଞ୍ଚ୍ କରାଯାଉଛି । ଆରାଫତଙ୍କ ସହ ଏହି ମାମଲାରେ ଗିରଫ ସଂଖ୍ୟା ଏବେ ୨୧ରେ ପହଞ୍ଚିଛି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଛନ୍ତି । ଦୀପୁଙ୍କ ହତ୍ୟା କରାଯିବା ପରେ ବାଂଲାଦେଶରେ ଆଉ ୫ ଜଣ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି ।

## ଝାଡ଼ଖଣ୍ଡରେ ମୁସଲମାନଙ୍କୁ ପିଟିପିଟି ହତ୍ୟା

ଗୋଡ୍ଡା, ୮ ।୧(ଏଜେନ୍ସି): ଝାଡ଼ଖଣ୍ଡର ଗୋଡ୍ଡା ଜିଲ୍ଲାରେ ଜଣେ ମୁସଲମାନ ବ୍ୟକ୍ତି ଭିଡ଼ ହତ୍ୟାର ଶିକାର ହୋଇଛନ୍ତି । ପୋରାଇୟାହାତ ଥାନ ଅନ୍ତର୍ଗତ ମାତିହାନୀ ଗାଁରେ ଗାଈ ଚୋରି ଅଭିଯୋଗରେ କେତେକ ଅଜଣା ବ୍ୟକ୍ତି ଏକାଠି ହୋଇ ବୁଧବାର ୪୫ ବର୍ଷୀୟ ପାପୁ ଅନସାରୀଙ୍କୁ ହତ୍ୟା କରିଛନ୍ତି ବୋଲି ଡିଏସ୍‌ପି ଜେପିଏନ୍ ଚୌଧୁରୀ କହିଛନ୍ତି । ଏହି ଘଟଣା କିପରି ଘଟିଲା ସେ ନେଇ ତଦନ୍ତ ଜାରି ରହିଛି । ତଦନ୍ତ ଶେଷ ହେବା ପରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଅନସାରୀ ଜଣେ ଅଭ୍ୟାସଗତ ଅପରାଧୀ ଥିଲେ ଓ ଏକାଧିକ ଆପରାଧିକ ମାମଲାରେ ସେ ପୂର୍ବରୁ ଜେଲ ଯାଇଛନ୍ତି । ପାପୁ ପଥରଗାମା ଥାନା ଅଞ୍ଚଳର ରାଣୀପୁର ଗାଁର ବାସିନ୍ଦା ବୋଲି କୁହାଯାଇଛି । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଥିବା ବେଳେ ଝାଡ଼ଖଣ୍ଡରେ ଏଭଳି ଘଟଣା ଘଟିବା ଚର୍ଚ୍ଚା ସୃଷ୍ଟି କରିଛି । ଏହାକୁ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତୃପକ୍ଷ ବେଶ୍ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ଛି ।

**ସାମାଜିକ ଗଣମାଧ୍ୟମରେ ହଇଚଇ**

## ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି ଜଣେ ଝିଅ !

ପାଟନା, ୮ ।୧(ଏଜେନ୍ସି): ସାମାଜିକ ଗଣମାଧ୍ୟମଗୁଡିକରେ ଏବେ ଏକ ଭିଡିଓ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି । ଏହି ଭିଡିଓରେ ଦାବି କରାଯାଇଛି ଯେ, ଜଣେ ଝିଅ ୧୦, ୨୦, ୩୦ କିମ୍ବା ୫୦ ନୁହେଁ ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି । ଏ ନେଇ ସୂଚନା ମିଳିବା ପରେ ଲୋକେ ସେହି ଝିଅକୁ ଧରିବା ପାଇଁ ପ୍ରୟାସ କରିଥିଲେ । ଏଥିସହ ଲୋକଙ୍କ ମଧ୍ୟ ଆତଙ୍କ ଖେଳିଯାଇଛି । ସେହି ଝିଅକୁ ବିହାର ରାଜଧାନୀ ପାଟନାର ବସ ଷ୍ଟାଣ୍ଡରେ ଧରିନିଆଯାଇଛି ବୋଲି କୁହାଯାଉଛି । ଏହାର ଭିଡିଓ ହିଁ ଭାଇରାଲ ହୋଇଛି । ପାଟନାରେ ଏଚ୍‌ଆଇଭି ମାମଲା ବୃଦ୍ଧି ପାଇବା ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଥିଲା । ଫଳରେ ଏହି ଖବରକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ତେବେ ଏହି ଭିଡିଓରେ ଦିଆଯାଇଥିବା ଖବର କେତେ ସତ ବା ମିଛ ସେ ବିଷୟରେ କାହାକୁ ଜଣାନାହିଁ । ଲୋକଙ୍କୁ ଦେଖି ସମ୍ପୃକ୍ତ ଝିଅ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା । ଏହି ଭିଡିଓକୁ ନେଇ ୟୁଜର୍ସମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଅବଶ୍ୟ ଏ ନେଇ କୌଣସି ପ୍ରାମାଣିକ ତଥ୍ୟ ମିଳିପାରିନାହିଁ । ଭିଡିଓରେ ଝିଅଙ୍କ ମୁହଁ କଭର ହୋଇଛି । ସାମାଜିକ ଜଣମାଧ୍ୟମ ଏକ୍ସରେ ଏହି ଭିଡିଓ ବେଶ୍ ଭାଇରାଲ ହୋଇଛି । ସ୍ଥାନୀୟ ପୁଲିସ ମଧ୍ୟ ଏ ନେଇ କୌଣସି ସୂଚନା ଦେଇନାହାନ୍ତି । କିନ୍ତୁ ଏହାକୁ ନେଇ ପାଟନାରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

# ଏବର୍ଷ ୫ ରାଜ୍ୟରେ ନିର୍ବାଚନ: ୩ଟି ରାଜ୍ୟରେ କେବେବି ଜିତିନାହିଁ ବିଜେପି

ନୂଆଦିଲ୍ଲୀ, ୮ ।୧ (ଏଜେନ୍ସି): ଏବର୍ଷ ଅର୍ଥାତ ୨୦୨୬ରେ ଦେଶରେ ୫ଟି ରାଜ୍ୟରେ ନିର୍ବାଚନ ଆୟୋଜନ ହେବ । ଦେଶର ୧୭ ପ୍ରତିଶତ ଜନସଂଖ୍ୟା ନିଜ ପାଇଁ ନୂଆ ସରକାର ଚୟନ କରିବେ । ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀରେ ନିର୍ବାଚନ ହେବ । ଏଥିମଧ୍ୟରୁ ବିଜେପି ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ କେବେବି ଜିତିବାକୁ ସକ୍ଷମ ହୋଇନାହିଁ । ସେହିପରି ବାଂଲାଦେଶ, ନେପାଳ, ନ୍ୟୁଜିଲାଣ୍ଡ ସମେତ ବିଶ୍ୱର ୩୬ଟି ଦେଶରେ ମଧ୍ୟ ଏହି ବର୍ଷ ନିର୍ବାଚନ ହେବ । ଦୁଇବର୍ଷ ହେବା ଗାଜା- ପାଲେଷ୍ଟାଇନ୍ ଯୁଦ୍ଧରେ ଫସି ରହିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କର ମଧ୍ୟ ଏହି ବର୍ଷ ଭାଗ୍ୟ ପରୀକ୍ଷା ହେବ ।

**■ ୧୭ ପ୍ରତିଶତ ଭୋଟର ନୂଆ ସରକାର ବାଛିବେ**
**■ ବିଶ୍ୱର ୩୬ଟି ଦେଶରେ ମଧ୍ୟ ହେବ ନିର୍ବାଚନ**

### ପଶ୍ଚିମବଙ୍ଗ: ମମତା ରେକର୍ଡ କରିବେ!

ଗତ ୧୪ ବର୍ଷ ଧରି ଏହି ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି । ଏଥର ତାଙ୍କ ସମ୍ମୁଖରେ ବିଜେପି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି । ଏଥର ଜିତିଲେ ମମତା କ୍ରମାଗତ ଚତୁର୍ଥଥର ମୁଖ୍ୟମନ୍ତ୍ରୀ ହୋଇ ମହିଳା ଭାବେ ରେକର୍ଡ ସୃଷ୍ଟି କରିବେ । ପୂର୍ବରୁ ଜୟଲଳିତା ତାମିଲନାଡୁରେ ୫ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ୧୯୯୧ରୁ ୨୦୨୬ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକାଳରେ (ଲଗାତର ନୁହେଁ) ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ପଶ୍ଚିମବଙ୍ଗରେ ୨୯୪ ସିଟ୍‌ରେ ନିର୍ବାଚନ ହେବ ।

### ଆସାମ: ବିଜେପି ବିରୋଧରେ ୮ଟି ପାର୍ଟି

ଆସାମରେ ଗତ ୧୦ ବର୍ଷ ହେବା ବିଜେପି ସରକାର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ମାସ ମଧ୍ୟରେ ୩ ଥର ଆସାମ ଗସ୍ତ କରିଛନ୍ତି । ୧୨୬ ଆସନରୁ ବିଜେପି ଏଥର ୧୦୦ରୁ ଅଧିକ ଆସନ ହାସଲ କରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଭାଗ୍ୟ ପରୀକ୍ଷା ମଧ୍ୟ ହେବ । ବାଂଲାଦେଶ ଅନୁପ୍ରବେଶକାରୀ ଓ ଏସ୍‌ଆଇଆର ମାମଲା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବ ।

### ତାମିଲନାଡୁ: କ୍ଷମତା ବାହାରେ କଂଗ୍ରେସ

ଦେଶର ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠାରେ ଗତ ୬୦ ବର୍ଷ ହେବ ଦୁଇ ବଡ଼ ଜାତୀୟ ପାର୍ଟି କଂଗ୍ରେସ କିମ୍ବା ବିଜେପି ସରକାରରେ ନାହାନ୍ତି । ଏଥର ବିଜେପି ଜୟଲଳିତାଙ୍କ ପାର୍ଟି ଏଆଇଏଡିଏମ୍‌କେ ସହ ମେଣ୍ଟ କରିପାରେ । ତାମିଲ ସୁପରଷ୍ଟାର ବିଜୟଙ୍କ ପାର୍ଟି ଟିଭିକେ ମଧ୍ୟ ନିର୍ବାଚନ ଲଢିବ । ତାମିଲନାଡୁର ୨୩୪ଟି ବିଧାନସଭା ଆସନରେ ନିର୍ବାଚନ ହେବ । ତେଣୁ ଏଥର ନିର୍ବାଚନ ରୋଚକ ହେବ ବୋଲି ଆଶା କରାଯାଉଛି ।

### କେରଳ: ବାମପନ୍ଥୀ ପାର୍ଟି କ୍ଷମତାରେ ଅଛି

ଦେଶର ଏକମାତ୍ର ରାଜ୍ୟ କେରଳ, ଯେଉଁଠାରେ ବାମପନ୍ଥୀ ପାର୍ଟି କ୍ଷମତାରେ ଅଛି । ଏଠାରେ ପ୍ରତି ୫ ବର୍ଷରେ କ୍ଷମତାରେ ପରିବର୍ତ୍ତନ ହେବାର ପରମ୍ପରା ରହିଆସିଛି । କିନ୍ତୁ ୨୦୨୧ରେ ବାମ ମୋର୍ଚ୍ଚ ଏଲ୍‌ଡିଏଫ୍ ଏହି ପରମ୍ପରାକୁ ଭାଙ୍ଗି କ୍ରମାଗତ ଦ୍ୱିତୀୟଥର ପାଇଁ କ୍ଷମତାକୁ ଆସିଛି । ଏଥର କଂଗ୍ରେସ ମେଣ୍ଟ ବିରୋଧ ହାୱାକୁ ପାଥେୟ କରି କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ଭାଗ୍ୟ ପରୀକ୍ଷା ଏଥର ହେବ । କେରଳରେ ୧୪୦ ଆସନରେ ନିର୍ବାଚନ ହେବ ।

## ପରିବହନ ବିଭାଗର ‘ଅନ୍ଧ ନୀତି’

# ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

ଭୁବନେଶ୍ୱର,୮।୧(ସମିସ): ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜ୍ୟ ସରକାରଙ୍କ ଅନ୍ଧ ନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହି ଅନ୍ଧ ନୀତିର ତୁରନ୍ତ ପ୍ରତ୍ୟାହାର ଦାବିରେ ଗୁରବାର ବିଜୁ ଯୁବ ଓ

■ ପଲ୍ୟୁସନ ସାର୍ଟିଫିକେଟ ବିନା ତେଲ ମନା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବି
■ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ, ସାରା ରାଜ୍ୟରେ ଆନ୍ଦୋଳନ ଲାଗି ଧମକ

ଛାତ୍ର ଜନତା ଦଳ ଭୁବନେଶ୍ୱରର ଆରଟିଓ-୧ ଅଫିସ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ କରିଛି। ପଲ୍ୟୁସନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନହେବା ପର୍ଯ୍ୟନ୍ତ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର



ନ କଲେ, ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।

ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାରଙ୍କ ଏହି ଅନ୍ଧ ନୀତିର ତୀବ୍ର ସମାଲୋଚନା କରାଯିବା ସହିତ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଥିଲା । ଚିନ୍ମୟ ସାହୁ କହିଥିଲେ ଯେ ରାଜ୍ୟ ବିଜେପି ସରକାର ଲୋକଙ୍କୁ ଧାଡିରେ ଛିଡା କରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲ କରିବା ପାଇଁ ମହିଳା ମାନଙ୍କୁ ଧାଡିରେ ଛିଡା କଲେ। ଲୋକେ ରାସନ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି । ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଜି ରାଜରାସ୍ତାରେ ଛିଡା ହୋଇଛନ୍ତି । ଏବେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡା ହେବାକୁ ପଡୁଛି । ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁସନ ସାଟିଫିକେଟ ନାମରେ ନୂଆ ଶୋଷଣ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ସାର୍ଟିଫିକେଟ ନ ଥିଲେ ତେଲ ମିଳିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ ।ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ଏହାଛଡା ଫାଇନ ପୈଠ ନହେଲେ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ । ୧୮ ମାସର ଶାସନରେ ବିଜେପି ସରକାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦେବାଳିଆ ଆଡ଼କୁ ନେଇଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ଶୋଷଣ କରିବାକୁ ବସିଛନ୍ତି । ରାଜ୍ୟ ସରକାର ତାଙ୍କ ଏହି ଅନ୍ଧ ନୀତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ନଚେତ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ଛାତ୍ର ନେତୃବୃନ୍ଦଙ୍କ ସହ ହଜାର ହଜାର ଯୁବ ଓ ଛାତ୍ର କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମା ଧମକ

# ରାଜ୍ୟରେ ଗୃହ ବିଭାଗ ସଂପୂର୍ଣ୍ଣ ଅଚଳ: ବିଜେଡି

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି କରିଛି। କୋର୍ଟକୁ ବୋମା ଧମକ ଦର୍ଶାଉଛି ଯେ ଗୃହ ବିଭାଗ ଅସହାୟ ହୋଇଯାଇଛି। ବିଜେପି ଦଳ ଓଡ଼ିଶାରେ ଶାସନ ଭାର ଗ୍ରହଣ କରିବା ଦିନଠୁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, କୋର୍ଟକୁ ବୋମା ଧମକ ଓଡ଼ିଶା ଇତିହାସରେ ପ୍ରଥମ ଘଟଣା। ଏହାକୁ ନେଇ ରାଜ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରାଧୀମାନେ ବିଜେପି ସରକାରକୁ ଡରିବା ତ ଦୂରର କଥା, ଓଲଟା ଇ-ମେଲ୍‌ରେ ଧମକ ଦେଇଛନ୍ତି। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ, ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ ବୋଲି ବିଜେଡି ଦାବି କରିଛି। କିଛି ଦିନ ପୂର୍ବରୁ ମଧ୍ୟ ରାଜ୍ୟର ଜଣେ ସାମ୍ବାଦିକଙ୍କୁ

■ ବିଭିନ୍ନ କୋର୍ଟରେ ଭୟର ବାତାବରଣ
■ ପୂର୍ବରୁ ଜୈନିକ ସାମ୍ବାଦିକଙ୍କୁ ଏଭଳି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା, ଗୃହ ବିଭାଗ ପାଇନଥିଲା କୌଣସି ସୁରାକ

ଏଭଳି ଇ-ମେଲ୍ ଜରିଆରେ ଧମକ ଦିଆଯାଇଥିଲା। ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ କି ଏ ସଂପର୍କରେ ସ୍ପଷ୍ଟତା ଦେଲେ ନାହିଁ। ଏଥିରୁ ସ୍ପଷ୍ଟ ବାରି ହେଉଛି, ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଗୃହ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ପୁଲିସ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛି। ନିକଟରେ ଡିଜିପି ବିଜେଡି ପ୍ରତିନିଧିଙ୍କୁ ଭେଟିବାକୁ ଅସହଜ ମନେ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ହେବା ଦରକାର ବୋଲି ସେ କହିଛନ୍ତି।

# କରଞ୍ଜିଆ ବଜାରରେ ଅଗ୍ନିକାଣ୍ଡ

କରଞ୍ଜିଆ, ୮।୧(ସମିସ): କରଞ୍ଜିଆ ବଜାରସ୍ଥିତ ଷ୍ଟାର୍ ମ୍ୟାଚିଓ ସେଣ୍ଟର୍, ସରିତା ଲୁଗା ଦୋକାନ ଓ ଗୋଦାମରେ ଆଜି ଭୋର୍‌ରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଲୁଗା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ

## ଲକ୍ଷାଧିକ ଟଙ୍କାର ଲୁଗା ଜଳିଗଲା



ହୋଇଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। କରଞ୍ଜିଆ, ସାହାରପଡ଼ା, ଶୁକ୍ରୁଳି, ଠାକୁରମୁଣ୍ଡା ଓ ଯଶିପୁରର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର ଏତେ ଭୟଙ୍କର ଥିଲା ଯେ ୫୦ଜଣ ଅଗ୍ନିକ ଦୀର୍ଘ ସମୟ ଧରି ଅକ୍ଲାନ୍ତ ପରିଶ୍ରମ କରିଥିଲେ ହେଁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ନିଆଁ ପୂରା ଲିଭି ନଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିଲେ ହେଁ ସର୍ଟସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। କରଞ୍ଜିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାନୁଯାୟୀ, ବଜାରରେ ଅଗ୍ରୱାଲ ପରିବାରଙ୍କ ଘର ଓ ଦୋକାନ ରହିଛି। ଆଜି ଭୋର୍‌ରେ କିଛି ଲୋକ ଦୋକାନରୁ ଧୂଆଁ ବାହାରୁଥିବା ଦେଖି ମାଲିକ ସୁରେଶ ଅଗ୍ରୱାଲଙ୍କୁ ଖବର ଦେଇଥିଲେ। ଜୀବନ ବିକଳରେ ସେମାନେ ଉପର ତାଲାରୁ ଓହ୍ଲାଇ ଆସିଥିଲେ। ପରେ ଚାହୁଁଚାହୁଁ ନିଆଁ ପୂରା ଦୋକାନକୁ ବ୍ୟାପି ଯାଇଥିଲା। ଦୋକାନ ଭିତରେ ଲୁଗା ଓ ଅନ୍ୟ ଦହନଶୀଳ ସାମଗ୍ରୀ ଥିବାରୁ ନିଆଁ ଭୟଙ୍କର ରୂପ ନେଇଥିଲା। କରଞ୍ଜିଆ ତହସିଲଦାର ଦିବାକର ମାଝୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

# ଲଢୁଆ ମହିଳା କର୍ମୀଙ୍କୁ ସଂଗଠନ ସହ ଯୋଡ଼ିବ କଂଗ୍ରେସ

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଦୁର୍ବାର ଆନ୍ଦୋଳନ ହେବ। ଏହି ଆନ୍ଦୋଳନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଓ ସମୟଓ ଶ୍ରମଦାନ ପାଇଁ ୧୦୦ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ। ସେମାନେ ମହିଳାମାନଙ୍କ ସମ୍ବିଧାନିକ ଅଧିକାର, ଅତ୍ୟାଚାରିତା ଓ ନିର୍ଯାତିତା ମହିଳାମାନଙ୍କ ପାଇଁ ନ୍ୟାୟର ଲଢ଼େଇ, ଗାଁରେ ଥିବା ମହିଳାଙ୍କ ସ୍ୱର ସାଜିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସଭାରେ ଯୋଗ ଦେଇ ଶ୍ରୀ ଦାସ କହିଛନ୍ତି, ସଂଗଠନର ସବୁ ୟୁନିଟ୍‌ରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ପ୍ରାପ୍ତି ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ଏବେ ରାଜ୍ୟରେ ଦୟନୀୟ



ସ୍ଥିତିରେ ଥିବା ୫ଲକ୍ଷ ମହିଳା ପ୍ରତିବାଦ କରିବାପାଇଁ ଜାଗ୍ରତ ହୋଇ ରାଜରାସ୍ତାକୁ ଓହ୍ଲାଇଲେ ଏ ସରକାର ଗାଦି ଛାଡ଼ି ପଳାୟନ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ଏକ ବିଶାଳ ମହିଳା ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି।

ଏହି ପ୍ରଶିକ୍ଷଣ ଶିବିରରେ ମହିଳା କଂଗ୍ରେସର ସାଂଗଠନିକ ଢାଞ୍ଚା ସମ୍ପର୍କରେ ସମାଜସେବୀ ତଥା ବିଶିଷ୍ଟ ସ୍ଥାପତ୍ୟ କଳାବିତ୍ ମିସ୍ ସୃଷ୍ଟି ସୋମେନ ଆଲୋଚନା କରିଥିଲେ। ବର୍ଷକୁ ୫ଲକ୍ଷ ନୂଆ ମହିଳା ସଂଗଠନ ସହ ଯୋଡ଼ିବାକୁ ସେ ଉପଦେଶ ଦେଇଥିଲେ। ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ପରିସର ଓ କ୍ଷେତ୍ରରୁ ମହିଳାମାନଙ୍କୁ ସାମିଲ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପ୍ରତି ଗାଁରେ ଅତି କମ୍‌ରେ ୫ଜଣ, ପଞ୍ଚାୟତରେ ୨୫ଜଣ ଏବଂ ସେହି ଅନୁପାତରେ ବ୍ଲକ ଓ ଜିଲ୍ଲାରେ ନୂତନ ପ୍ରତିନିଧି ନେବାକୁ ସେ ପରାମର୍ଶ ଦେଇଥିଲେ। ପିସିସି ମୁଖପାତ୍ର ତଥା ଆଇନଜୀବୀ ମନୀଷା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କ ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରଭାରୀ ତୁଳିକା କର୍ମା ଆଗାମୀ କାର୍ଯ୍ୟଖସଡ଼ା, ସଂଗଠନର ସୁଦୃଢ଼ତା ଓ ବିଶେଷକରି ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଆଲୋକପାତ କରିଥିଲେ। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ମାଲକାନଗିରି ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ମହିଳା ସମସ୍ୟା, ପଞ୍ଚାୟତଠାରୁ ରାଜ୍ୟସ୍ତରରେ ମହିଳାଙ୍କ ଅଧିକାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ଚଳିତ ମାସରେ ସାଢ଼େ ୪ ଲକ୍ଷ ହିତାଧିକାରୀଙ୍କୁ ‘ସୁଭଦ୍ରା’ ଟଙ୍କା



ଭୁବନେଶ୍ୱର,୮।୧(ସମିସ): ଚଳିତ ଜାନୁୟାରୀ ମାସରେ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୁଭଦ୍ରା ଯୋଜନାରେ ୧ଲକ୍ଷ ୭୮ହଜାର ୩୯୮ ନୂତନ ପଞ୍ଜିକୃତ ସୁଭଦ୍ରା ହିତାଧିକାରୀ, ଆଗରୁ କୌଣସି କାରଣରୁ ବାଦ୍ ପଡିଥିବା ଓ ଅଭିଯୋଗ ଶୁଣାଣିର ତଦନ୍ତ ପରେ ଯୋଡ଼ି ହୋଇଥିବା ୨୪ହଜାର ୧୮ ଜଣ ହିତାଧିକାରୀଙ୍କ ସମେତ ଅନ୍ୟ ୨ଲକ୍ଷ ୫୫ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ସମୁଦାୟ ୪ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରାଯିବାକୁ ଥିବା ଚତୁର୍ଥ କିସ୍ତି ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

## ଚତୁର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ୨୦୨୬ ଉଦ୍‌ଘାଟିତ

# ୩୦୦ରୁ ଅଧିକ କମ୍ପାନୀ କରିଛନ୍ତି ଅଂଶଗ୍ରହଣ

ଭୁବନେଶ୍ୱର,୮।୧(ସମିସ): ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ଚତୁର୍ଥ ସଂସ୍କରଣ ଗୁରବାର ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ପ୍ରାୟ ୩୦୦ରୁ

■ ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ପ୍ରଦର୍ଶିତ
■ ଆସନ୍ତା୧୧ ତାରିଖ ଚାଲିବ ଏକ୍ସପୋ

ଅଧିକ କମ୍ପାନୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଉତ୍ପାଦ ପ୍ରଦର୍ଶିତ କରିଛନ୍ତି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢୁଥିବା ଚାହିଦାକୁ ପୂରଣ କରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାରର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମଟିକୁ କେସିସିର ସିଏମଡି ତଥା ଏହି ଏକ୍ସପୋର ଆମ୍ବାସଡାର ସୌମ୍ୟ ରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ, ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ, ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ



ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ।

ଏହି ଅବସରରେ ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଥିଲେ ଯେ ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ବିଶ୍ୱସ୍ତରୀୟ ସହଭାଗିତା ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ରୁଷ, ଜର୍ମାନୀ, କୋରିଆ, ଜାପାନ, ଚୀନ ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ପ୍ରଦର୍ଶନୀ ଭାରତ ତଥା ବିଦେଶର ବହୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି ଯେ ସ୍ଥାୟୀ, ପ୍ରଦୂଷଣମୁକ୍ତ ଖଣି କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଏହି ପ୍ଲାଟଫର୍ମକୁ ବିଶ୍ୱ ମାନଦଣ୍ଡରେ ଉନ୍ନତ କରିବା ହେଉଛି ଆମର ଦୃଷ୍ଟିକୋଣ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଓଡ଼ିଶାକୁ ଭାରତର ସବୁଜ ଖଣି ହବ୍ ଏବଂ ଖଣି ଉପକରଣ ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛୁ, ଏବଂ ନୂତନ ଉଦ୍ୟୋଗୀମାନଙ୍କୁ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଉତ୍ସାହିତ କରିବୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଭୁବନେଶ୍ୱରରେ ଏଭଳି ଏକ ମାଇନିଂ ଏକ୍ସପୋ ଆୟୋଜନ କରାଯିବା ଉତ୍ସାହଜନକ । ଏହା ପ୍ରଯୁକ୍ତି ବିନିମୟ, ଶିଳ୍ପ ସହଯୋଗ ଏବଂ ନିରନ୍ତର ଖଣିଜ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ଏହି ଏକ୍ସପୋ ଆସନ୍ତା ୧୧ ତାରିଖ ଯାଏଁ ପ୍ରଦର୍ଶିତ ହେବ।

## ଭିଜିଲାନ୍ସ ଜାଲରେ ଆର୍‌ଆଇ

କିଶୋରନଗର,୮।୧(ସମିସ): ଜଣେ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଠମଲ୍ଲିକ ବ୍ଲକ କିଆକଟା ଥାନା ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାଶ। ସୁରେନ୍ଦ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ବ୍ୟକ୍ତିଜଣଙ୍କ ଗୁରୁବାର ସୁରେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଦେବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା କଟକ ଭିଜିଲାନ୍ସ ଟିମଙ୍କ ତାଙ୍କୁ ଧରିଥିଲେ। ସୁରେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି।

## ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି, ୮।୧(ସମିସ): ଆନ୍ଧ୍ରପ୍ରଦେଶ ତାମିଲନାଡୁ ବୋର୍ଡର ଚିତୁର ତ୍ରିପତିର ଏକ ଘରୋଇ କମ୍ପାନିରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମୌଲାଭଣଜା ଗୋପାବନ୍ଧୁ ନଗରର ପୀତାମ୍ବର ସେଠୀ। ହାଇୱାରେ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୀତାମ୍ବରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କମ୍ପାନୀ ହାଇୱାରେ ମାଟି ଚାଲାଣ ହେଉଥିବା ବେଳେ ଟ୍ରକ୍‌ରେ ସର୍ଟସର୍କିଟ୍ ହୋଇ ନିଆଁ ଲାଗି ଯାଇଥିଲା। ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିବା ବେଳେ ପୀତାମ୍ବରଙ୍କ ସମେତ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଶ୍ରମିକଙ୍କ ମର ଶରୀର ଜନ୍ମ ମାଟିକୁ ଫେରାଇ ଆଣିବାକୁ ଦାବି କରିଛନ୍ତି ପରିବାର।

# ଓଡ଼ିଆ ଓ ଓଡ଼ିଶୀର ଅପୂର୍ବ ସଙ୍ଗମ ଗୁରୁ କେଳୁଚରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧(ସମିସ): ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ ହେଉଛନ୍ତି ଗୁରୁ କେଳୁଚରଣ ମହାପାତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ

## ନୃତ୍ୟଗୁରୁଙ୍କ ଜନ୍ମ ଶତବାର୍ଷିକୀରେ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ଗୁରୁବାର ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ପଦ୍ମ ବିଭୂଷଣ ଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଗୁରୁ କେଳୁଚରଣ ମହାପାତ୍ର କେବଳ ଜଣେ ମହାନ ନୃତ୍ୟଶିଳ୍ପୀ ନୁହେଁ; ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ



ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା, ସମସ୍ତଙ୍କ ସମନ୍ୱୟରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟକୁ ଏକ ଅଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସମେତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ‘କେଳୁଚରଣ କୀର୍ତ୍ତି ଶତକମ୍’ ନାମରେ ଆୟୋଜିତ ତିନିଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ରକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ୍, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଗୁରୁ କେଳୁଚରଣଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ନୃତ୍ୟଗୁରୁ ବିଷ୍ଣୁତତ୍ତ୍ୱ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



## ପଥର ବୋଝେଇ ଡମ୍ଫର ଜବତ

ରାଜଘାଟ, ୮।୧ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ପଥର ବୋଝେଇ ଡମ୍ଫରକୁ ପୁଲିସ ଜବତ୍ କରିଛି । ବାଲେଶ୍ୱର ଜିଲାର ବିଭିନ୍ନ ପଥର ଖାଦାନରୁ ପଥର ବୋଝେଇ ହୋଇ ପ୍ରତ୍ୟେକ ଦିନ ରାତିରେ ୩୦ରୁ ଅଧିକ ଡମ୍ଫର ଯୋଗେ ଜାତୀୟ ରାଜପଥ ଦେଇ ଜଳେଶ୍ୱର ଅଞ୍ଚଳକୁ ଚାଲାଣ ହୋଇଆସୁଥିଲା । ଗତକାଲି ରାତି ସାଢେ ୧୦ଟା ସମୟରେ ଏକ ପଥର ବୋଝେଇ ଡମ୍ଫର ଦ୍ରୁତଗତିରେ ଜଳେଶ୍ୱର ଅଭିମୁଖେ ଯିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଗାଡ଼ିଟିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ଏଏସଆଇ ଗୁରୁଦତ୍ତ ସାହୁ ସଦଳବଳେ ପହଞ୍ଚି ଡମ୍ଫରଟିକୁ ଜବତ କରି ଥାନାକୁ ଆଣିବା ସହ ଚାଳକ ଓ ଖଲାସୀକୁ ଅଟକ ରଖିଥିଲେ ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାଜଘାଟ, ୮।୧ (ସମିସ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଭଗୀଚକୁରାଇ ଗ୍ରାମରେ ଚଢାଉ କରାଯାଇ ଜଣେ ବେପାରୀ ସମେତ ୩କେଜି ଗଞ୍ଜେଇ ଜବତ ହୋଇଛି । ଅଭିଯୁକ୍ତ ଜଣକ ହେଲେ ଅଭିରାମ ପଣ୍ଡା(୭୪) । ଅଭିରାମ ଦୀର୍ଘଦିନ ଧରି ଗଞ୍ଜେଇ ବେପାର କରିଆସୁଥିଲା । କୌଣସି ସୂତ୍ରରୁ ଖବରପାଇ ସବ୍ ଇନ୍ସପେକ୍ଟର ଜଗନ୍ନାଥ ଭିତିରିଆ, ଏଏସଆଇ ଦିଲ୍ଲୀପ କୁମାର ଟୁଡୁ ସଦଳବଳେ ଚଢ଼ଉ କରି ସ୍ଥାନୀୟ ୟୁପି ସ୍କୁଲ ନିକଟରୁ ଅଭିରାମକୁ କାବୁ କରିଥିବା ବେଳେ ତା ନିକଟରୁ ୩କେଜି ଗଞ୍ଜେଇ ଜବତ ହୋଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ଜଣକୁ କୋର୍ଟ ଚାଲାଣ କରାଯାଇଛି ।

## ପିଲା ଚୋରି; ଭଦ୍ରକରୁ ଶିଶୁ ଉଦ୍ଧାର, ୨ ଅଟକ

ସିମୁଳିଆ, ୮।୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅବଝୁଣା ଗାଁର ପ୍ରଫୁଲ୍ଲ ବେହେରା ନୀଳଗିରି ଅଞ୍ଚଳର ଜଣେ ମହିଳାଙ୍କୁ ବାଡ଼ି ବଗିଚାରେ କାମ କରିବାକୁ ରଖିଥିଲେ । ସେହି ମହିଳା ଜଣକର ୩ ମାସର ଶିଶୁ ପୁତ୍ର ଥିଲେ । ମାଲିକ ନିକଟରେ ୬ ଦିନ କାମ କରିବା ପରେ ପ୍ରଫୁଲ୍ଲ ତାଙ୍କ ଶିଶୁ ପୁତ୍ରକୁ ଚୋରାଇ ନେଇଥିଲେ । ବାରମ୍ବାର ମହିଳା ତାଙ୍କ ପିଲାକୁ ଫେରାଇବାକୁ ନିବେଦନ କରିବା ପରେ ଫେରାଇ ନଥିଲେ । ତେଣୁ ସେ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତାଙ୍କ ଶିଶୁ ପୁତ୍ରକୁ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳରୁ ପୁଲିସ ଉଦ୍ଧାର କରିଛି । ଏଥିସହିତ ପୁଲିସ ପ୍ରଫୁଲ୍ଲ ବେହେରା ଓ ତାଙ୍କ ସହଯୋଗୀକୁ ଅଟକ ରଖି ତଦନ୍ତ କରୁଛି ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ସୋର, ୮।୧(ସମିସ): ସୋର ବ୍ଲକ ବାଲଙ୍ଗ ପଞ୍ଚାୟତ ରେଓଦା ଗ୍ରାମର ସ୍ୱର୍ଗତ ଶମ୍ଭୁନାଥ ଦାସଙ୍କ ଧର୍ମପତ୍ନୀ ରମଣୀ ମଣୀ ଦାସଙ୍କ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତକାଲି ଅପରାହ୍ନରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ରମଣୀମଣି ଜଣେ ଧର୍ମପରାୟଣ ମହିଳା ହୋଇଥିବାରୁ ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ମରଶରୀର ନିକଟରେ ବଡ଼ ପୁଅ, ବୋହୂ, ପୁତୁରା, ନାତି ନାତୁଣୀଙ୍କ ସହ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ । ବଡପୁଅ ଶୁଭେନ୍ଦୁ ଦାସ ମୁଖାଗ୍ନି ଦେଇଥିଲେ ।

## ଦାଦନ ଦୁଃଖ
# ହାଇଦରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଲେଶ୍ୱର(ଉତ୍ତର), ୮।୧(ସମିସ)

ହାଇଦରାବାଦରେ ପୁଣି ଆଉ ଜଣେ ଓଡ଼ିଆ ଶ୍ରମିକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ରସଲପୁର ଗ୍ରାମର ରମାକାନ୍ତ ବେହେରାଙ୍କ ୨୬ବର୍ଷୀୟ ପୁଅ ପ୍ରଦୀପ । ତେବେ ପୁଅର ମୃତ୍ୟୁ ସ୍ୱାଭାବିକ ନୁହଁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ମୃତ ଶରୀରକୁ ଘରକୁ ଆଣିବା ସହିତ ହତ୍ୟାକାଣ୍ଡର ତଦନ୍ତ କରାଯିବା ନେଇ ପରିବାର ଲୋକେ ଓଡିଶା ସରକାରଙ୍କଠାରେ ନିବେଦନ ରଖିଛନ୍ତି । ରସଲପୁର ଗ୍ରାମର ରମାକାନ୍ତ ବେହେରା ନିଜର ଜମିବାଡି କିଛି ନ ଥିବାରୁ ପରଘରେ ମୂଲ ଲାଗି ଯାହା କିଛି ଆଣନ୍ତି ସେଥିରେ ତେଲ ଲୁଣର ସଂସାର କଷ୍ଟେମଷ୍ଟେ ଚଳେଇ ନିଅନ୍ତି । ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ଝିଅ । ସାନପୁଅ ପ୍ରଦୀପ ଆଇଟିଆଇ ପାସ କରିବା ପରେ ଘରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ହାଇଦରାବାଦରେ ଏକ ଘରୋଇ କମ୍ପାନୀରେ ଦାଦାନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ଯାହା କିଛି ରୋଜଗାର କରୁଥିଲେ ଘରକୁ ପଠାଉ ଥିଲେ । ସେଥିରେ କଷ୍ଟେ ମଷ୍ଟେ ପରିବାର ଚଳୁଥିଲା । ତେବେ ଗତ କାଲି ହଠାତ ହାଇଦରାବାଦରୁ ଫୋନ୍ ଆସିଲା ଯେ ପ୍ରଦୀପର ମୃତ୍ୟୁ ହୋଇଯାଇଛି । ଏକଥା ଶୁଣିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସି ଯାଇଥିଲା । ମା' କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇ ଯାଉଥିବା ବେଳେ ବୁଢା ବାପାଙ୍କ ଆଖିରୁ ଲୁହ ଶୁଖୁନି । ସାହି ପଡିଶାଠୁ ଆରମ୍ଭ କରି ବନ୍ଧୁ ବାନ୍ଧବ ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଚାରିଆଡେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ । ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବୁଢ଼ାବାପା ମା' ବେସାହାରା ହୋଇଯାଇଛନ୍ତି । ଅନ୍ୟପକ୍ଷରେ ଅର୍ଥ ଅଭାବରୁ ପୁଅର ଶବ ଘରକୁ ଆଣିବା ସମ୍ଭବ ହେଉନଥିବାରୁ ସେଠାରୁ ଆଣିବା ପାଇଁ ବୃଦ୍ଧ ବାପା ମା' ଓଡ଼ିଶା ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଥିବା ବେଳେ ପୁଅର ଏଭଳି ସନ୍ଦେହ ଜନକ ମୃତ୍ୟୁର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ମଧ୍ୟ ଦାବି କରିଛନ୍ତି ।



ହତ୍ୟା ଅଭିଯୋଗ ଆଣିଲା ପରିବାର

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ବାଲିଆପାଳ, ୮।୧ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୮୧ ତମ ପ୍ରତିଷ୍ଠା ଦିବସ ବାଲିଆପାଳ ଗୁରୁକୁଳ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବାଲିଆପାଳର ସଭାପତି ପ୍ରଭାତ ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତିର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ନେତା ଆଦିତ୍ୟ କୁମାର ରାଉତ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ସମନ୍ୱୟ ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱମ୍ବର ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ଏନପିଏସର ସାଧାରଣ ସମ୍ପାଦକ ନିତାଇ ଚରଣ ରାଉଳ, ଆବାହକ ସୁଶାନ୍ତ କୁମାର ଗିରି, ପ୍ରଧାନଶିକ୍ଷକ ମହେନ୍ଦ୍ର ପଡ଼ିଆରୀ, ମାୟାଧର ପରିଡ଼ା, ବଂଶୀଧର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଅରବିନ୍ଦ ସାମଲ ଅତିଥି ପରିଚୟ ଓ ସଞ୍ଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପଙ୍କଜ ସାହୁ, ସୁରେଶ ଚନ୍ଦ୍ର ପାତ୍ର, ପଦ୍ମାଳୟା ବେହେରା, ତୁଳସୀ ଜେନା ପ୍ରମୁଖ ସହଯୋଗ କରିଥିଲେ ।

## ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୮।୧ (ସମିସ) : ଜଳେଶ୍ୱରର ପୁରାତନ ଲକ୍ଷ୍ମଣନାଥ ଉଚ୍ଚ ବିଦ୍ୟାଳୟର ୧୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ସ୍କୁଲ ପରିଚାଳନା ସଭାପତି ମିହିର କୁମାର ଭୂୟାଁ ଯୋଗଦେଇ ଶିକ୍ଷକମାନେ ଶିକ୍ଷାର୍ଥୀ ମଧ୍ୟରେ ଜିଜ୍ଞାସୁ ମନଭାବ ସୃଷ୍ଟି କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଂଜନ କୁମାର ମହାନ୍ତି, ସମିତି ସଦସ୍ୟ ଜିତେନ୍ଦ୍ର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଶ୍ୟାମାଚରଣ ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀର ମାରାଣ୍ଡି ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନର ମାର୍ଗ ବୋଲି କହିଥିଲେ । ପ୍ରଦୀପ କୁମାର ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ କିଷ୍ଟ ସୋରେନ୍ ବିବରଣୀ ପାଠ କରିଥିଲେ । ସମୀର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଂଗାରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ପରିଚାଳନରେ ସହଯୋଗ କରିଥିଲେ ।

## ପଣ୍ଡରୁଙ୍ଗୀ ଭଗବତୀ କ୍ଲବ ଦିବାରାତ୍ର କ୍ରିକେଟ ଉଦ୍‌ଯାପିତ

ରାଜଘାଟ, ୮।୧ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ପଣ୍ଡରୁଙ୍ଗୀ ମା ଭଗବତୀ କ୍ରିକେଟ କ୍ଲବର ବାର୍ଷିକ କ୍ରୀଡ଼ା ଉତ୍ସବ ଦିବାରାତ୍ରି କ୍ରିକେଟ ପ୍ରତିଯୋଗିତା ଗତ କାଲି ବିଳମ୍ବିତ ରାତ୍ରରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ମଥାନୀ କ୍ରିକେଟ କ୍ଲବ ଓ ବାଇଗଣଡିହା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିଣି ମଥାନୀ କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୨୬ ରନ୍ କରିଥିଲା । ଜବାବ ରେ ବାଇଗଣଡିହା ଦଳ ପାଞ୍ଚ ଉଇକେଟ ହରାଇ ୧୨୨ ରନ୍ ସଂଗ୍ରହ କରି ନିର୍ଦ୍ଧାରିତ ଓଭର ଶେଷ କରି ପରାଜିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମହାଦେବ ଦାସ, ମୁଖ୍ୟବକ୍ତା ଭାବେ କଂଗ୍ରେସ ଯୁବ ନେତା, ଇଂ ସୁଧାଂଶୁ ଶେଖର ଜେନା ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଜୟ ଧଳ ଯୋଗ ଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ନଳିନୀ ପଣ୍ଡା ଓ ସୁଶାନ୍ତ ଧଳ ଖେଳ ପରିଚାଳନା କରିଥିଲେ ।

## ଜ୍ଞାନବିକାଶ ତାଲିମ ଶିଳ୍ପ କେନ୍ଦ୍ରର ବାର୍ଷିକ କ୍ରୀଡ଼ା




ଜଳେଶ୍ୱର, ୮।୧(ସମିସ): ଜଳେଶ୍ୱର ନନ୍ଦିକାସ୍ଥିତ ଜ୍ଞାନବିକାଶ ତାଲିମ ଶିଳ୍ପ କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରୋଟାରିଆନ୍ ତାରାପଦ ମହାନ୍ତି ଉଦଘାଟନ କରିଥିଲେ । ଏଥିରେ ଶିକ୍ଷା ଅନୁଷ୍ଠାନର ସମସ୍ତ ଛାତ୍ର ମାନେ ବିଭିନ୍ନ କ୍ରୀଡ଼ା ଭଲିବଲ, କ୍ରିକେଟ, କବାଡି, କେରମ, ହାଇଜମ୍ପ, ଲଙ୍ଗଜମ୍ପ ଭଳି ଖେଳରେ ଭାଗ ନେଇଥିଲେ । ଅଧ୍ୟକ୍ଷ ତଥା ସମ୍ପାଦକ ଲେଲିନ କୁମାର ପ୍ରଧାନ ପରାମ୍ଭିକ ଅଭିଭାଷଣ ଦେଇ ଖେଳ ଏକ ସୁସ୍ଥ ଏବଂ ସକଳ ମାନସୀକତାର ପରିଚୟ ବୋଲି ପ୍ରକାଶ କହିଥିଲେ । ଏହି ଖେଳକୁ ଶିକ୍ଷକ ସଞ୍ଜୀବ ପ୍ରଧାନ, ଅକ୍ଷୟ ଭଞ୍ଜ, ରବି ନାରାୟଣ ଚନ୍ଦ, ମାନସ ଦତ୍ତ, ଏସ କେ ହୋସେନ ଓ ମୋନାଲିସା ମିସ୍ତ୍ରି ପରିଚାଳନା କରିଥିଲେ ।

## ସ୍କୁଟିକୁ ଚାପିଦେଲା ଡମ୍ଫର, ଚାଳକ ଗୁରୁତର
# ବେଆଇନ ବାଲି ଉତ୍ତୋଳନ ବିରୋଧରେ ରାସ୍ତାରୋକ

ଜଳେଶ୍ୱର, ୮।୧ (ସମିସ)





ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ କମିବାରେ ନାଁ ଧରୁନାହିଁ। ଜଳେଶ୍ୱର ବ୍ଲକରେ ସରକାରୀ ଭାବେ ୩ଟି ସୈରାତରୁ ଉତ୍ତୋଳନ ହେଉଥିବା ବେଳେ ପ୍ରାୟ ୩୦ରୁ ଉଦ୍ଧର୍ୱ ସ୍ଥାନରେ ବେଆଇନ୍ ବାଲି ଉତ୍ତୋଳନ ହେଉଛି । ଫଳରେ ସରକାରଙ୍କ ପ୍ରତିବର୍ଷ ୧୦୦ କୋଟିରୁ ଉଦ୍ଧର୍ ଟଙ୍କାର ରାଜସ୍ୱ ହାନି ଘଟୁଛି । ବାଲି ଚୋରା ଚାଲାଣ ରୋକିବା ଲାଗି କନିଷ୍ଠ ଖଣି ଅଧିକାରୀଙ୍କ ଏକ କାର୍ଯ୍ୟାଳୟ ମଧ୍ୟ ଖୋଲାଯାଇଛି । ତହସିଲଦାର, ପୁଲିସ୍ ଓ ମାଇନିଂକୁ ନେଇ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିଲେ ମଧ୍ୟ ଖୁଲମଖୁଲା ବେଆଇନ ବାଲି ପରିବହନ ହୋଇ ପଶ୍ଚିମବଂଗକୁ ଚାଲାଣ ହେଉଛି । ଗୁରୁବାର ସକାଳେ ରାଜଘାଟ-ଜଳେଶ୍ୱର ମୁଖ୍ୟ ରାସ୍ତାର ମହମ୍ମଦନଗରପାଟଣା ଠାରେ ଏକ ବେଆଇନ୍ ବାଲି ଖାଦାନକୁ ଏକ ଡମ୍ଫର ଗଲାବେଳେ ସ୍କୁଟିକୁ ଧକ୍କା ଦେଇଥିଲା । ମହମ୍ମଦନଗରପାଟଣ ଗାଁର ବାଲୁକେଶ୍ୱର ଭୂୟାଁଙ୍କ ସ୍ତ୍ରୀ ଲାବଣ୍ୟପ୍ରଭା ଭୂୟାଁ (୩୫) ନିଜ ସ୍କୁଟିରେ ଟ୍ୟୁସନରୁ ଫେରିବା ବେଳେ ଡମ୍ଫରଟି ସ୍କୁଟିକୁ ଧକ୍କା ଦେବାରୁ ସେ ଛିଟିକି ପଡିଥିଲେ । ସ୍କୁଟି ଉପରେ ଡମ୍ଫରଟି ଚଢିଯାଇଥିବା ବେଳେ ଲାବଣ୍ୟପ୍ରଭାଙ୍କୁ ଗୁରୁତର ଅବସ୍ଥାରେ ଜିକେଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ସ୍କୁଟିଟି ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଓ ବେଆଇନ୍ ବାଲି ପରିବହନ ପ୍ରତିବାଦରେ କେତେକ ଗ୍ରାମବାସୀ ମୁଖ୍ୟରାସ୍ତାକୁ ପ୍ରାୟ ୨ ଘଣ୍ଟା ଧରି ଅବରୋଧ କରି ରଖିଥିଲେ । କେତେକ ସେହିସ୍ଥାନରେ ସୁବର୍ଣ୍ଣରେଖା ନଦୀବନ୍ଧ କାଟି ପ୍ରତିଦିନ ହଜାର ହଜାର ଡମ୍ଫର ବାଲି ବେଆଇନ୍‌ଭାବେ ଉତ୍ତୋଳନ କରି ବର୍ଷ ବର୍ଷଧରି ଚାଲାଣ କରି ଆସୁଥିବାର ଅଭିଯୋଗ ହୋଇଛି । ଗତବର୍ଷ ମାଇନିଂ ବିଭାଗ ପକ୍ଷରୁ ସେଠାରେ ବେଆଇନ୍ ମହଜୁଦ ଥିବା ବାଲିକୁ ଜବତ୍ କରିଥିଲେ ମଧ୍ୟ ପରେ ପୁଣି ସେଠାରୁ ବାଲି ଉତ୍ତୋଳନ ଚାଲୁ ରହିଥିଲା । ଗ୍ରାମବାସୀଙ୍କ ଅଭିଯୋଗପରେ ତହସିଲ ପକ୍ଷରୁ ମଧ୍ୟ ଉକ୍ତ ବେଆଇନ୍ ବାଲି ଖାଦାନ ରାସ୍ତାକୁ କାଟି ବନ୍ଦ କରିଥିଲା । କିଛିଦିନ ପରେ ସେଠାରେ ପୁଣି ଖୁଲମଖୁଲା ବାଲି ଉତ୍ତୋଳନ ହେଉଥିବା ସଂପର୍କରେ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବାଲିଖାଦାନକୁ ସଂପୂର୍ଣ୍ଣ ବନ୍ଦ କରିବା ଦାବି କରି ଆଜି ରାସ୍ତାରୋକ କରାଯାଇଥିଲା । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ଆଇଆଇସି ଅଶୋକ ବାରିକ, ତହସିଲଦାର ସତ୍ୟଜିତ୍ ମହାନ୍ତି ପହଞ୍ଚି ବେଆଇନ୍ ମହଜୁଦ ଥିବା ବାଲି ଓ ଦୁର୍ଘଟଣା ଘଟାଇଥିବା ଡମ୍ଫରକୁ ଜବତ୍ କରିଥିଲେ । ଆନ୍ଦୋଳନକାରୀଙ୍କୁ ବୁଝାସୁଝା କଲାପରେ ପ୍ରାୟ ଦୁଇଘଣ୍ଟା ଧରି ହୋଇଥିବା ରାସ୍ତାରୋକର ପରିସମାପ୍ତି ଘଟିଥିଲା । ସୂଚନାଯୋଗ୍ୟ ବାଲି ଉତ୍ତୋଳନ ହେଉଥିବା ସ୍ଥାନରୁ ମାତ୍ର ୧୦୦ ମିଟର ଦୂରରେ ଖଣିବିଭାଗର କାର୍ଯ୍ୟାଳୟ ରହିଥିବା ବେଳେ ଏପରି ଖୁଲମଖୁଲା ଚୋରା ବାଲି ଚାଲାଣ ପଛର ରହସ୍ୟ କ'ଣ ଅଛିବୋଲି ଗ୍ରାମବାସୀ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

## ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ପରିଡ଼ାଙ୍କ ଦେହାନ୍ତ

ନୀଳଗିରି, ୮।୧ (ସମିସ): ନୀଳଗିରି କଂଗ୍ରେସର ବରିଷ୍ଠନେତା ତଥା ଠିକାଦାରସଂଘର ସଦସ୍ୟ ଲକ୍ଷ୍ମୀଧର ପରିଡା ଆଜି ଇହଲୀଳା ସମ୍ବରଣ କରିଛନ୍ତି । ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ରାଇପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀଧର ଦୀର୍ଘଦିନଧରି ନୀଳଗିରି କଂଗ୍ରେସର ଜଣେ ଆଗଧାଡ଼ିର କର୍ମୀ ଭାବରେ ନିଜକୁ ସାମିଲକରି ଲୋକଙ୍କ ସୁଖଦୁଃଖର ସାଥୀଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ବିକାଶ ଏବଂ ବିଜୟ, ଦୁଇବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ । ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବରିଷ୍ଠ କଂଗ୍ରେସ ନେତା ଦୀପ୍ତିକାନ୍ତ ମହାପାତ୍ର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ, ୱାର୍ଡସଭ୍ୟ ରତିକାନ୍ତ ବିଶ୍ୱାଳ, ବିଜୟ ଗିରି, ଦୁଷ୍ମନ୍ତ ଲେଙ୍କାଙ୍କ ସମେତ ନୀଳଗିରି ଠିକାଦାର ସଂଘର ସଭାପତି ପ୍ରଫୁଲ୍ଲ ପରିଡା, ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ଶତ୍ରୁଘ୍ନ ପୃଷ୍ଟି, ମାନସ ବାରିକ ପ୍ରମୁଖ ଉପସ୍ଥିତରହି ଶେଷଦର୍ଶନ କରିଥିଲେ । ବଡପୁଅ ବିକାଶର ମୂଖାଗ୍ନି ଦେଇଥିବାବେଳେ ଶହଶହ ଲୋକ ଶବଧାରରେ ଯାଇ ପୈତୃକ ବାଡିରେ ସଂସ୍କାର କରାଯାଇଥିଲା ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଚନ୍ଦନେଶ୍ୱର, ୮।୧ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ମାଟିକେଞ୍ଚା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ସାଂସ୍କୃତିକ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ଜଗନ୍ନାଥ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲାପରିଷଦ ପ୍ରଦୀପ ବେହେରା, ସମିତି ସଭ୍ୟ ବିଶ୍ୱନାଥ ଗିରି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀହରି ବାଣୁଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀକୁମାର ବାଣୁଆ, ସଦସ୍ୟ କାର୍ତ୍ତିକ ଚନ୍ଦ୍ର ଜେନା, ହେମନ୍ତ ଗିରି ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷକ ମିଥୁନ ଗଙ୍ଗେଇ, ଆଦିକନ୍ଦ ମଲ୍ଲିକ, ଗୋପାଳ ଚନ୍ଦ୍ର ଗିରି, ବସନ୍ତ ପାତ୍ର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ ଜେନା ଏବଂ କିର୍ତ୍ତନୀଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗୁଳି ସିଂ ପରୀକ୍ଷକ ଭାବରେ ଯୋଗଦାନ କରି ମୁଲ୍ୟାୟନ କରିଥିଲେ ।




## ସମାଜବାଦୀ ଆନ୍ଦୋଳନର ପୁରୋଧା ଲକ୍ଷ୍ମୀନାରାୟଣ ନାୟକଙ୍କ ସ୍ମୃତିସଭା

ସୋର, ୮।୧ (ସମିସ): ସୋର ବ୍ଲକ କେଦାରପୁର ଗ୍ରାମରେ ସମାଜବାଦୀ ଆନ୍ଦୋଳନର ପୁରୋଧା ଲକ୍ଷ୍ମୀନାରାୟଣ ନାୟକଙ୍କ ସ୍ମୃତିଚାରଣ ସଭା ପଦ୍ମଲୋଚନ ଦ୍ୱିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସେ ସମାଜବାଦୀ ଆନ୍ଦୋଳନର ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସାରଥି ତଥା ତତ୍ ସଙ୍ଗେ ସଙ୍ଗେ ନାଗରିକ ମଞ୍ଚର ପ୍ରଥମ ସଭାପତି ରାଧାନାଥ ସ୍ମୃତି ସଂସଦର ଆଜୀବନ ସଭାପତି, ରାଧାନାଥ ପାଠାଗାରର ଉପସଭାପତି, ସୋର ଗୋଶାଳାର ସମ୍ପାଦକ, ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ସମ୍ପାଦକ, ସତ୍ୟାନନ୍ଦ ହାଇସ୍କୁଲ, ହେମପ୍ରଭା ହାଇସ୍କୁଲ ରେ ବିଭିନ୍ନ ସମୟରେ ସେ ପଦପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ସଭାରେ ସର୍ବଶ୍ରୀ ଶୁଭେନ୍ଦୁ କୁମାର ରାୟ, ଭରତ ଚନ୍ଦ୍ର ବେହେରା, ନେତ୍ରାନନ୍ଦ ରାଉତ, ସୁରେନ୍ଦ୍ର ବେହେରା, ଶ୍ରୀକାନ୍ତ ପଣ୍ଡା, ଶରତ ମହାନ୍ତୀ, ଅଶୋକ ମହାନ୍ତି, ରବିନ୍ଦ୍ର ନାୟକ, ଶିଶିର ନାୟକ,ଗଙ୍ଗାଧର ପାଢୀ, ନିରଞ୍ଜନ ପଣ୍ଡା, ମହେନ୍ଦ୍ର ପାତ୍ର ସ୍ୱର୍ଗତ ଶ୍ରୀ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ ଖଗେନ୍ଦ୍ର ମହାନ୍ତି, ଗୌରାଙ୍ଗ ଚନ୍ଦ୍ର ଦାସ, ରାଜେନ୍ଦ୍ର ମହାନ୍ତି, ବଙ୍କେଶ ନେହେରା, କାର୍ତ୍ତିକ ମହାପାତ୍ର ଓ ବହୁ ଲକ୍ଷ୍ମିନାରାୟଣ ପ୍ରେମୀ ଉପସ୍ଥିତ ଥିଲେ । ବିଶ୍ୱନାଥ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।




**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ବିଭାଗ (SAMD)
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୪୧୭୧, ୨୫୪୧୪୦୬, ଇ-ମେଲ:0815samd@iob.in

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେଶୀ ଆକ୍ଟ) ଅନ୍ତର୍ଗତ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩(୧) ଅନୁଯାୟୀ ଡିମାଣ୍ଡ ନୋଟିସ୍

୧) ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଅନୁସାରେ ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ରୁଲ୍ ୩ ଅନୁଯାୟୀ କ୍ଷମତାପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା (ଏହାପରେ କଥିତ ଋଣଗ୍ରହୀତା ଭାବେ ଦର୍ଶିତ)ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ନୋଟିସ୍ ଦର୍ଶିତ ବକେୟା ରାଶି ପୈଠ କରିବାକୁ କୁହାଯାଇଥିଲା ।
୨) କଥିତ ଡିମାଣ୍ଡ ନୋଟିସ୍ ଗୁଡିକ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇନପାରି / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ସ୍ୱିକୃତ ନହୋଇ ଫେରସ୍ତ ଆସିଛି । ସୁତରାଂ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରିଛନ୍ତି । କଥିତ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଶେଷ ଜ୍ଞାତ ଠିକଣାରେ ଥିବା ଆବାସର ଉକ୍ତ ନୋଟିସ୍ ଗୁଡିକ ସଂଲଗ୍ନ କରାଇଛନ୍ତି । ଉକ୍ତ ନୋଟିସ୍‌ର କପିଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ । ତେଣୁ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେଗୁଡିକ ବ୍ୟାଙ୍କର କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ ।
୩) ଉପରୋକ୍ତ କାରଣ ଯୋଗୁ ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ଋଣକାଗଜାତ୍ ଏବଂ ଅନ୍ୟାନ୍ୟ କାଗଜାତ୍ ଅନୁସାରେ ସେମାନଙ୍କର ବକେୟା ରାଶି ଯାହା ନିମ୍ନ ସାରଣୀରେ ଦର୍ଶିତ ତାହା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରନ୍ତୁ । ସମ୍ପୃକ୍ତ ପକ୍ଷମାନେ ସେମାନଙ୍କର ବକେୟା ପରିଶୋଧ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରଖିଛନ୍ତି ଯାହାକି ସେମାନଙ୍କ ନାମ ବିପକ୍ଷରେ ନିମ୍ନ ସାରଣୀରେ ଦର୍ଶାଯାଇଛି ।

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | (କ)ଋଣ/ମଞ୍ଜୁରି ଋଣ (ଖ)ଏନ୍‌ପିଏ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ* | ଡିମାଣ୍ଡ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| **ରସୁଲଗଡ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, ସ୍ୱା: ଶ୍ରୀ ବିଭୂତିଭୂଷଣ ପ୍ରଧାନ, ସ୍ଥାୟୀ ଠିକଣା: ସା/ପୋ.- ତଳଜଙ୍ଗ, ଜିଲ୍ଲା: ପୁରୀ, ପିନ୍- ୭୫୨୦୦୨, ଯୋଗାଯୋଗ ଠିକଣା: (୧)ପ୍ଲଟ ନଂ. ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୦୦୨, (୨) ଫ୍ଲାଟ ନଂ. ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଡା, ଥାନା: ପିପିଲି, ଜିଲ୍ଲା: ପୁରୀ, ପିନ୍- ୭୫୨୧୦୪ । | (କ)ଟ.୨୬,୫୦,୦୦୦/- (ଖ)୧୬.୧୦.୨୦୨୫ | ୧୮.୧୧.୨୦୨୫ ସୁଦ୍ଧା ଟ.୨୭,୦୪,୧୩୭.୧୬ | ୧୦.୧୨.୨୦୨୫ | ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହାର ଉନ୍ନତ ନିର୍ମାଣ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ ନଂ.୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୦୧୧, ଦକ୍ଷିଣ- ଖୋଲା ଡକ୍ ଏରିଆ, ପୂର୍ବ- ସାଧାରଣ ବାରଣ୍ଡା, ପଶ୍ଚିମ- ଖୋଲା ଜମି / ରାସ୍ତା । |
| **ବାଲେଶ୍ୱର ଶାଖା** ଋଣଗ୍ରହୀତା: ଶ୍ରୀ ଭଗବତୀ କ୍ରିଏସନ୍, ସତ୍ତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ, ୫୭, ଭାସ୍କରଗଞ୍ଜ, ଏ.ଆଇ.ଏମ୍ ସର୍କଲ, ବାଲେଶ୍ୱର, ଓଡିଶା-୭୫୬୦୦୧, ବନ୍ଧକଦାତା:ଶ୍ରୀ ଦିଲ୍ଲିପ କୁମାର ଦାଶ, ପିତା: ଶ୍ରୀ ନିରଞ୍ଜନ ଦାଶ, ଜାମିନ୍‌ଦାର: ଶ୍ରୀ ନିରଞ୍ଜନ ଦାଶ, ଉଭୟଙ୍କ ଠିକଣା: ସା- ଦୁର୍ଗାପୁର, ପୋ.: ନରସିଂପୁର, ଜିଲ୍ଲା: ବାଲେଶ୍ୱର, ଓଡିଶା- ୭୫୬୦୨୦ । | (କ)ଟ.୯,୨୪,୦୦୦/- (ଖ)୩୦.୦୬.୨୦୨୧ | ୩୦.୧୧.୨୦୨୫ ସୁଦ୍ଧା ଟ.୧୬,୪୮,୮୫୧.୫୧ | ୧୫.୧୨.୨୦୨୫ | ଶ୍ରୀ ଦିଲ୍ଲିପ କୁମାର ଦାଶଙ୍କ ନାମରେ ଥିବା ଫ୍ରିହୋଲ୍ଡ ବାସପୋଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୧୨୬/ ୧୬୩୯, ଖାତା ନଂ.୧୩୭, ଏରିଆ: ଏ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ.: ନରସିଂପୁର, ଥାନା/ତହସିଲି: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଓଡିଶା- ୭୫୬୦୨୦, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୨୩୪ ଏବଂ ୧୨୫୮, ଦକ୍ଷିଣ- ପ୍ଲଟ ନଂ.୧୨୪୯ ଏବଂ ୧୨୫୦, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୨୪୧ ଏବଂ ୧୨୪୫ । |

*ଉପର ଦର୍ଶିତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସହମତି କ୍ରମେ ବୃଦ୍ଧିହାରରେ ପରବର୍ତ୍ତି ସେବାବଦ ଅର୍ଜିତ ସୁଧ, ଖର୍ଚ୍ଚ, ଦେୟ / ଚକ୍ରବୃଦ୍ଧି ସୁଧ ସହିତ ପ୍ରଦାନ କରାଯିବ ।
୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ଦେୟ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦାୟ, ଦାୟୀତ୍ୱ ଏବଂ ଫଳାଫଳରେ ସମ୍ପନ୍ନ କରାଯିବ ଓ ସେଥିପାଇଁ ସେମାନେ ଦାୟୀ ରହିବେ ।
୫) ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।
୬) ବ୍ୟାଙ୍କ ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି ଏବଂ ଏହାପରେ ଯଦି କୌଣସି ବ୍ୟକ୍ତି ଏହି ଆଇନ କିମ୍ବା ନିୟମର ଉଲଙ୍ଘନ କରନ୍ତି ତେବେ ଏହି ଆକ୍ଟର ଧାରା ୨୯ ଅନୁଯାୟୀ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ନିମନ୍ତେ ଯୋଗ୍ୟ ହେବେ ।

ତାରିଖ-୦୭.୦୧.୨୦୨୬, ସ୍ଥାନ-ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

### ବାୟୁ ପ୍ରଦୂଷଣ କଟକଣାକୁ ଖୁଲମଖୁଲା ଅବମାନନା

# ସହରାଞ୍ଚଳରେ ଦିନରେ ଚାଲୁଛି ଭାରୀଯାନ

ରାଇରଙ୍ଗପୁର, ୮।୧(ସମିସ)

ଗତ କିଛିଦିନ ହେବ ମୟୂରଭଞ୍ଜ ଜିଲ୍ଲାରେ ବାୟୁ ପ୍ରଦୂଷଣ ମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବାୟୁର ଗୁଣବତ୍ତାରେ ବିଭିନ୍ନ ପ୍ରଦୂଷଣକାରକ ମାତ୍ରା ବଢ଼ି ଚାଲିଥିବାରୁ ଏବେ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ମୟୂରଭଞ୍ଜ ଜିଲ୍ଲାର ସହର ଗୁଡ଼ିକ ରହିଛି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କିନ୍ତୁ ଉକ୍ତ କଟକଣାକୁ ରାଇରଙ୍ଗପୁର ସହରରେ ଖୁଲମଖୁଲା ଭାବେ ଅବମାନନା କରାଯାଇଛି। ବାୟୁମଣ୍ଡଳ ପ୍ରଦୂଷଣ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କଟକଣା ଅନୁଯାୟୀ, ସହରାଞ୍ଚଳ



ମଧ୍ୟରେ ଭାରୀଯାନ ଟ୍ରକ୍ ଚଳାଚଳ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ବିନା ପାଲରେ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ଚଳାଚଳ କରିପାରିବନାହିଁ। ଆବର୍ଜନା ଜଳାଇବା, ଢାବାରେ କୋଇଲା ଜଳାଇବା ଓ ଯେକୌଣସି ପ୍ରକାର ଖୋଲାରେ ନିଆଁ ଜାଳିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ସହରାଞ୍ଚଳ ଓ ଜାତୀୟ ରାଜପଥ ପ୍ରାଧିକରଣ ସମସ୍ତ ରାସ୍ତାରେ ପ୍ରତି ୩ ଘଣ୍ଟା ବ୍ୟବଧାନରେ ପାଣି ସିଞ୍ଚନ କରିବାକୁ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ କରିଥିବାବେଳେ ଉପଜିଲ୍ଲାପାଳଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି।

କିନ୍ତୁ ତାହାକୁ ରାଇରଙ୍ଗପୁର ସହରରେ ଅବମାନନା କରି ଦିନ ବେଳେ ଭାରୀଯାନ ଚଳାଚଳ କରୁଛି। ସହର ମଧ୍ୟ ଦେଇ ଯାଇଥିବା ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ନମ୍ବର ୨୨୦ରେ ଭାରୀଯାନ ଚଳାଚଳ କରୁଛି। ପୌରପାଳିକା ପକ୍ଷରୁ ରାସ୍ତା ପରିଷ୍କାର ନିମନ୍ତେ ନିୟମିତ ବ୍ୟବଧାନରେ ଧୂଳି ତଥା ଅଳିଆ ସଫା ହେଉନାହିଁ। କଡ଼ାକଡ଼ି ନିୟମ ପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଥିବାବେଳେ ଏହାକୁ ଅବମନନା କରାଯାଉଛି। ଏମିତିକି ପୁଲିସ ଏହା ଦେଖି ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଦେଖଣାହାରି ସାଜିଛନ୍ତି। ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଓ ଗ୍ରାପ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ ବାୟୁ ପ୍ରଦୂଷଣକୁ ରୋକିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ନ କଲେ ସ୍ଥିତି ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି। ଉକ୍ତ କଟକଣା ସପ୍ତାହକ ପାଇଁ ଲାଗି ଥିବାବେଳେ ଆଗକୁ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନ ବିଫଳ ରହିଛନ୍ତି। ବାୟୁ ପ୍ରଦୂଷଣ ବିଷୟରେ ସଚେତନ ନ ହେଲେ ଆଗାମୀ ଦିନରେ ସ୍ଥିତି ଉଦ୍‌ବେଗଜନକ ହେବ ବୋଲି ଆଶଙ୍କା କରାଯାଉଛି। ଉକ୍ତ ଘଟଣା ନେଇ ଉପ ଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ, ଏନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଟକଣା ଅନୁଯାୟୀ ନିୟମିତ ଯାଞ୍ଚ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି।

## ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇବାକୁ ଜେଏମ୍‌ଏମ୍‌ର ଦାବି



**ବାରିପଦା, ୮।୧(ସମିସ):** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଜିଲ୍ଲା ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇବାକୁ ଦାବି କରାଯାଇଛି। ଗ୍ରାମାଞ୍ଚଳର ଜନସାଧାରଣ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଗତ ସରକାରଙ୍କ ସମୟରେ ଗ୍ରାମାଞ୍ଚଳରେ ବସୁଧା ଯୋଜନା ମାଧ୍ୟମରେ ପାଇପ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ସେଗୁଡିକ ମଧ୍ୟରେ ବହୁ ପ୍ରକଳ୍ପ ଏବେ ସମ୍ପୂର୍ଣ୍ଣ ହୋଇନାହିଁ। ଯେଉଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ସେଗୁଡିକ ପାଣିଟାଙ୍କି ପରିବର୍ତ୍ତେ ସିଧାସଳଖ ମେସିନ ଯୋଗେ ପାଣି ଯୋଗାଉଛି। ଯଦିଓ କିଛି ପାଣିଟାଙ୍କି ସାହାଯ୍ୟରେ ପାଣି ଯୋଗାଉଛି, ତେବେ ପାଣିଟାଙ୍କି ଠିକ୍ ସମୟରେ ସଫା କରାଯାଉନାହିଁ କିମ୍ବା ବ୍ଲିଚିଂ ପକାଯାଉନାହି। ତେଣୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏହାକୁ ଘୋର ବିରୋଧ କରି ୩ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ବସୁଧା ଯୋଜନାରେ ସମ୍ପୂର୍ଣ୍ଣ ହୋଇ ନ ଥିବା ପ୍ରକଳ୍ପକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା, ସମ୍ପୂର୍ଣ୍ଣ ଓ କାର୍ଯ୍ୟକ୍ଷମ ପ୍ରକଳ୍ପରେ ବିଶୁଦ୍ଧ ପିଇବା ପାଣି ପାଇଁ ୱାଟର ଟ୍ରିଟମେଣ୍ଟର ବ୍ୟବସ୍ଥା କରିବା ଓ ବସୁଧା ଯୋଜନାରୁ ବାଦ୍ ପଡ଼ିଥିବା ଗ୍ରାମକୁ ବସୁଧା କିମ୍ବା ଅନ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରି ବିଶୁଦ୍ଧ ପିଇବା ପାଣି ପାଇପ ଯୋଗେ ଯୋଗାଇ ଦେବା ବ୍ୟବସ୍ଥା କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଦଳ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବାରିପଦା, ୮।୧(ସମିସ):** ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଚାଲାଣ ବେଳେ ବଡ଼ଷୋଲ ଅଞ୍ଚଳରୁ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହିତ ବାରିପଦା ସଦର ଥାନା ଅନ୍ତର୍ଗତ କୁଣ୍ଡଳବଣି ଗ୍ରାମର ରାମଚନ୍ଦ୍ର ସିଂ (୩୦) ଟ୍ରାକ୍ଟର ଚାଳକକୁ ଗିରଫ କରାଯାଇଛି। ବାରିପଦା ସଦର ଥାନା ପୁଲିସ ବଡ଼ଷୋଲ ଛକ ଅଞ୍ଚଳରେ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବ ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ଅଭିଯୋଗକ୍ରମେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଆଜାଦ ସ୍ପୋର୍ଟିଂକୁ ହରାଇ ୟୁନିଅନ ସ୍ପୋର୍ଟିଂ ସେମିକୁ ଉନ୍ନୀତ



**କରଞ୍ଜିଆ, ୮।୧(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଡ଼େଇଭଳର ଆଜଦ୍ ସ୍ପୋର୍ଟ୍ସ ଏଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗ୍ରୁପ-ବିର ଦ୍ୱିତୀୟ ମ୍ୟାଚ୍‌ରେ ଆଜାଦ ସ୍ପୋର୍ଟିଂକୁ ହରାଇ କଟକର ୟୁନିଅନ ସ୍ପୋର୍ଟିଂ କ୍ଲବ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଅତିଥି ଭାବେ କିଶୋର ଦାସ, ସୁରେନ୍ଦ୍ର ବେହେରା, ଓ ନଦିଆ ବେହେରା ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଆରମ୍ଭ କରିଥିଲେ। ଆଜାଦ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳି ୭ ୱିକେଟ ହରାଇ ୧୧୧ ରନ କରିଥିଲା। ଜବାବରେ ୟୁନିଅନ ସ୍ପୋର୍ଟିଂ ୭.୪ ଓଭର ଖେଳି ୨ ୱିକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା। ତାପସ ବେହେରା ଓ ପ୍ରମୋଦ ସିହ୍ନା ଖେଳ ପରିଚାଳନା କରିଥିବାବେଳେ ଏମଡି ଅସଗୋର ଅଲ୍ଲୀ ଓ ଅବଦୁଲ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ଏମଡି ସବୀରଲ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଗଣେଶଙ୍କୁ କରିଥିଲେ। ସମ୍ପାଦନ ସବୀର ଅଲ୍ଲୀ, ପୂର୍ବତନ ସମ୍ପାଦକ ଖଲିଲ ରହମନ, ଏମଡି କାୟମ ପ୍ରମୁଖ ସହଯୋଗ କରିଥିଲେ।

## ବାଲ୍ୟ ବିବାହ ଲୋପ ନିମିତ୍ତ ପ୍ରଣୀତ ଆଇନ ଶୀର୍ଷକ ଆଲୋଚନାଚକ୍ର

**ମୋରଡା, ୮।୧(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ସାନମୁଣ୍ଡାବଣି ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ 'ବାଲ୍ୟ ବିବାହ ଲୋପ ନିମିତ୍ତ ପ୍ରଣୀତ ଆଇନ' ଶୀର୍ଷକ ଆଲୋଚନାଚକ୍ର ପ୍ରଧାନଶିକ୍ଷକ ହରିଶ୍ ଚନ୍ଦ୍ର ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ରାଜଶ୍ରୀ ପଟ୍ଟନାୟକ ଅଂଶଗ୍ରହଣ କରି ବାଲ୍ୟ ବିବାହ ଭଳି କୁସଂସ୍କାରକୁ ସମାଜରୁ ଲୋପ ନିମିତ୍ତ ପ୍ରଣୀତ ଆଇନ ଓ ଦଣ୍ଡବିଧାନ ସମ୍ବନ୍ଧରେ ଅତି ସରଳ ଭାବେ ଅବତାରଣା କରିଥିଲେ। ଆଇନ ସ୍ୱେଚ୍ଛାସେବୀ ରବୀନ୍ଦ୍ର ମହାନ୍ତି ଉଦାହରଣ ମାଧ୍ୟମରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଉପଦେଷ୍ଟା ଡ. ଗଣେଶ୍ୱର ଭୋଇ ଆଲୋଚନାଚକ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ କିଛି ପ୍ରଶ୍ନ ଓ ମୁଖ୍ୟଅତିଥିଙ୍କ ଉତ୍ତର ଆଲୋଚନାକୁ ଜୀବନ୍ତ କରିଥିଲା। ଶିକ୍ଷକ ରାମସାଏ ହାଁସଦା, ଅଂଶୁମାନ ଗିରି, ଗଣେଶ ମାର୍ଣ୍ଡି, ଚନ୍ଦ୍ରମୋହନ ହାଁସଦା, କପିଳ ବେହେରା ଓ ଶିକ୍ଷୟିତ୍ରୀ କୁଇଲୁ ମୁର୍ମୁ, ଦେବଶ୍ରୀ ଧଳ, ଲିପ୍‌ସା ପରିଡ଼ା ସହଯୋଗ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ଚାଇନିଜ କମଳା ଚାରା ମୁଖ୍ୟଅତିଥି ରୋପଣ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମିନୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବାମନଘାଟି ଉପଖଣ୍ଡରେ ଥମୁନି ଗୋଚାଲାଣ

## ସକ୍ରିୟ ଅଛନ୍ତି ଗୋଚାଲାଣକାରୀ; ରୋକିବାରେ ପ୍ରଶାସନ ବିଫଳ



**ରାଇରଙ୍ଗପୁର, ୮।୧(ସମିସ):** ବାମନଘାଟି ଉପଖଣ୍ଡରେ ଗୋଚାଲାଣ ଥମିବାରେ ନାଁ ନେଉନାହିଁ। ଗୋ-ଚାଲାଣକାରୀ ସକ୍ରିୟ ରହିଥିବାବେଳେ ରୋକିବାରେ ସରକାର ଓ ପୁଲିସ ପ୍ରଶାସନ ବିଫଳ ରହିଛି। ଗୋଚାଲାଣକାରୀ ନିୟମିତ ବ୍ୟାବଧାନରେ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳକୁ ଗୋଚାଲାଣ କରୁଛନ୍ତି। ଗୋମାତାଙ୍କୁ ହିନ୍ଦୁ ସମାଜ ପୂଜା କରୁଥିବାବେଳେ ଅର୍ଥ ଲାଳସାରେ ଲୋକେ କଂସେଇଖାନାକୁ ପଠାଇ ଦେଉଛନ୍ତି। ବାରମ୍ବାର ଗୋଚାଲାଣ ହେଉଥିବାବେଳେ ବୁଧବାର ରାତିରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଅଞ୍ଚଳର କାଦୁଆଣି ଛକ ନିକଟରେ ଗୋଚମଡା, ହାଡ଼ ବୋଝେଇ ଟାଟା ଏସସି ଓଲଟିଥିଲା। ପଶ୍ଚିମବଙ୍ଗର ଏକ ଟାଟା ଏସସି ଗାଡ଼ିଟି ଉକ୍ତ ରାସ୍ତା ଦେଇ ଏହା ଚାଲାଣ କରୁଥିବା ନେଇ ଜଣାପଡ଼ିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଓ ସହାୟକ ଫେରାର ହୋଇଯାଇଥିଲେ।

ରାଜ୍ୟର ବିଜେପି ସରକାର ଗୋଚାଲାଣ ରୋକିବା ପାଇଁ କୌଣସି କଡାକଡି ପଦକ୍ଷେପ କିମ୍ବା ଆଇନ ପ୍ରଣୟନ କରିପାରି ନ ଥିବାବେଳେ ଗୋ ଚାଲାଣକାରୀ ସକ୍ରିୟ ହେଉଛନ୍ତି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ନିମନ୍ତେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ରାଇରଙ୍ଗପୁର ଶାଖା କର୍ମକର୍ତ୍ତା ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଇରଙ୍ଗପୁର ଅଞ୍ଚଳର ଦୁନ୍ଦୁ, ତେଣ୍ଟପୋଷି, ଦେଓଗାଁ ଓ ଅନ୍ୟ ଗ୍ରାମରୁ ପ୍ରତ୍ୟେକ ଦିନ କଣ୍ଟେନର ଜରିଆରେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋମାଂସ ଓ ଗୋଚାଲାଣ ହେଉଛି। ଏ ନେଇ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନ ଜାଣି ସୁଦ୍ଧା କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ଉପରୋକ୍ତ ଗ୍ରାମରେ ଥିବା କଂସେଇଖାନା ଉପରେ ଚଢ଼ଉ କରିବାକୁ ଦାବି କରିଛନ୍ତି। ନଚେତ ଆଗକୁ ହିନ୍ଦୁ ଜାଗରଣ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବା ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଯୋଜକ ଲିଙ୍ଗରାଜ ସେଠୀ, ସହସଂଯୋଜକ ଧୀରଜ ରାମ, ଓଁମ ମହାନ୍ତ, ଦିବ୍ୟରଞ୍ଜନ ମହାନ୍ତ, ଭବାନୀଶଙ୍କର ମହାନ୍ତ, ହରେକୃଷ୍ଣ ମହାନ୍ତ ଓ ଚିନ୍ମୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବୈଶିଙ୍ଗା ମହୋତ୍ସବ ଉଦ୍‌ଯାପିତ

## ଦର୍ଶକଙ୍କ ମନ ମୋହିଲେ ମୟୂରଭଞ୍ଜ ଉପଜିଲ୍ଲାପାଳ



**ବୈଶିଙ୍ଗା, ୮।୧(ସମିସ):** ବୈଶିଙ୍ଗା ଉପକଣ୍ଠ ମହୁରୀ ପଡ଼ିଆଠାରେ ଚାଲିଥିବା ବୈଶିଙ୍ଗା ମହୋତ୍ସବ-୨୦୨୬ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ସୁମଧୁର କଣ୍ଠରୁ ଝରି ପଡୁଥିବା ମନମୁଗ୍ଧକାରୀ ସଙ୍ଗୀତର ତାଳେ ତାଳେ ଝୁମି ଉଠିଥିଲେ ହଜାର ହଜାର ଦର୍ଶକ। ସେହିପରି ଓଡ଼ିଶାର ଖ୍ୟାତିସମ୍ପନ୍ନ ଆଟ୍ରାକ୍ସନ ମେଲୋଡ଼ି ଗାୟକଙ୍କ ଗୀତ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବ ସଂଯୋଜକ ଦୀପକ ପ୍ରଧାନଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଏଥିରେ ମୟୂରଭଞ୍ଜ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, କମିଟି ସଦସ୍ୟ ଦେବେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ବରିଷ୍ଠ ସଦସ୍ୟ ସତ୍ୟପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର




**ବାରିପଦା, ୮।୧(ସମିସ):** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ସଦଭାବନା ଗୃହରେ ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଉପଜିଲ୍ଲାପାଳ ତଥା ଜିଲ୍ଲା ଯୌତୁକ ନିରୋଧ ଅଧିକାରୀ ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ସବିତା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଆଇନ ମହାବିଦ୍ୟାଳୟ ବାରିପଦାର ଅଧ୍ୟାପକ ସୁନୀଲ ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ସତ୍ୟନାରାୟଣ ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିଲେ।ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଉପଜିଲ୍ଲାପାଳ କହିଥିଲେ, ଯୌତୁକ ଏକ ସାମାଜିକ ବ୍ୟାଧି। ସୁସ୍ଥ ଚିନ୍ତାଧାରା ଓ ଉନ୍ନତ ମାନସିକତା ଦ୍ୱାରା ହିଁ ଏହାକୁ ସମାଜରୁ ସମ୍ପୂର୍ଣ୍ଣ ବିଲୋପ କରିବା ସମ୍ଭବ। ଆଇନ ଓ ଦଣ୍ଡ ବିଧାନ ଦ୍ୱାରା ଏହାର ସମ୍ପୂର୍ଣ୍ଣ ନିରାକରଣ ବହୁ ସମୟ ସାପେକ୍ଷ। ପ୍ରତ୍ୟେକ ପିତାମାତା ନିଜ ନିଜ କନ୍ୟା ସନ୍ତାନକୁ ବିବାହ କରାଇ ଦେଇ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ନ ଦେଇ ବରଂ ନିଜ କନ୍ୟାଙ୍କୁ ଉପଯୁକ୍ତ ଶିକ୍ଷାଦାନ ଦ୍ୱାରା ଶିକ୍ଷିତ ଓ ସଶକ୍ତ କରାଇ ଆତ୍ମନିର୍ଭରଶୀଳ କରିବା ଉପରେ ପ୍ରାଧାନ୍ୟ ଦେବା ଉଚିତ। ସେହିପରି ଅନ୍ୟ ଅତିଥିବୃନ୍ଦ ମଧ୍ୟ ବିବାହ ସମୟରେ ବର ପରିବାର ପକ୍ଷରୁ କନ୍ୟା ପରିବାର ପକ୍ଷଙ୍କୁ ଯୌତୁକ ଦାବି କରିବା, ସଭ୍ୟ ସମାଜ ପାଇଁ ଏକ ବିକୃତ ଓ ଘୃଣ୍ୟ ମାନସିକତା ବୋଲି ଅଭିହିତ କରିବା ସହ ଯୌତୁକ ନିରୋଧ ସମ୍ବନ୍ଧୀୟ ସାମାଜିକ, ପାରିବାରିକ, ଆଇନଗତ ଇତ୍ୟାଦି ବିଭିନ୍ନ ଦିଗ ଉପରେ ପର୍ଯ୍ୟାଲୋଚନା କରିଥିଲେ। ଏହାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସମାଜରେ ସମସ୍ତଙ୍କ ସହଭାଗିତାରେ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାରୁ ଆସିଥିବା ସବରେଜିଷ୍ଟ୍ରାର, ମହାବିଦ୍ୟାଳୟ ଅଧ୍ୟକ୍ଷ, ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ, ପୁଲିସ ବିଭାଗ, ୱାନ୍‌ଷ୍ଟପ ସେଣ୍ଟର, ଶକ୍ତି ସଦନ ଓ ପରିବାର ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ।

## ନୂଆଗାଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ଶୁକ୍ଳି, ୮।୧(ସମିସ):** ବୁଧବାର ମୁଖ୍ୟମନ୍ତ୍ରୀ ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି ଅବସରରେ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ମୁଣ୍ଡା, ଏବିଓ ସୁରେନ୍ଦ୍ର ରାଉତ, ଟିସି ନିହାର ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଅଜିତ୍ ତିରିଆ ଏବଂ ଉପଜିଲ୍ଲାପାଳ ନଡ଼ିଆ ଭାଙ୍ଗି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଶ୍ଚିମ ମୟୂରଭଞ୍ଜର ବିଜେପି ଉପସଭାପତି ରୋହିତ୍ କୁମାର ବୈଦ୍ୟ, ସାଂସଦ ପ୍ରତିନିଧି ବିଦ୍ୟାଧର ବେହେରା, ଘାଗରବେଡ଼ା ମଣ୍ଡଳ ସଭାପତି ଭରତ ଚନ୍ଦ୍ର ମହାନ୍ତ, ପ୍ରଭାକର ଦଳେଇ, ସମାଜସେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୂଆଗାଁର ଲଦ ହୋ, ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟର ବୈଠକ

# ଗୁରୁ ଗୋମକେଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେବ ଚଳଚ୍ଚିତ୍ର

ରାଇରଙ୍ଗପୁର, ୮।୧(ସମିସ)

ଅଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ ହେବ। ଯାହାକି ଆଜିର ଆଧୁନିକ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ସାଜିବ। ଏ ନେଇ

### ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେବ ଶତବାର୍ଷିକୀ କାର୍ଯ୍ୟକ୍ରମ

ରାଇରଙ୍ଗପୁର ମହୁଲଡିହାସ୍ଥ ପ୍ରଦକ୍ଷଣ ଗୃହରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟି ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ମାନସ ସାହୁଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ରେ 'ଅଲଚିକ' ଲିପି ସୃଷ୍ଟି କରିଥିଲେ। ସାନ୍ତାଳୀ ଭାଷା କୋଷ ପାଇଁ ଉକ୍ତ ଅବଦାନ ସଦା ସ୍ମରଣୀୟ ଅଟେ। ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କ ସ୍ମୃତିଚାରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶତବାର୍ଷିକୀ ପାଳନ ଅବସରରେ ଅଲଚିକ ଭାଷା ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଯାହାକୁ ନେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀକୁ ନେଇ ଓଲଚିକ ଭାଷାରେ ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ।



ଏଥିସହିତ ୧୦୦ ବର୍ଷ ପାଳନ ଅବସରରେ ଯଥୋଚିତ ସମ୍ମାନ ପ୍ରଦାନ କରିବାକୁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ପାଳନ କରାଯିବ। ଆର୍ନ୍ତଜାତିକ ସ୍ତରରେ ତାଙ୍କ ନାମକୁ ଉଜ୍ଜୀବିତ ରଖିବା ନିମନ୍ତେ ଦୁବାଇର ବୁର୍ଜ ଖଲିପାଠାରେ ଶତବାର୍ଷିକୀ କାର୍ଯ୍ୟକ୍ରମ ଆୟୋଜନ କରାଯିବକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ସରକାରୀ ସ୍ତରରେ ସହାୟତା ଯୋଗାଇବା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯିବ। ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସାନ୍ତାଳ ଲୋକେ ବସବାସ କରୁଥିବାବେଳେ ସେଠାକାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସହାୟତା ନିମନ୍ତେ ନିବେଦନ କରାଯିବ ବୋଲି ସ୍ଥିର କରାଯାଇଛି। ଉକ୍ତ ବୈଠକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ, କୋଷାଧ୍ୟକ୍ଷ ଆଲୋକ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | | | |
|---|---|---|---|
| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ହୃଦୟର ଆହ୍ୱାନରେ ନିଜ ପସନ୍ଦ ମୁତାବକ କାର୍ଯ୍ୟ କଲେ ଉତ୍କର୍ଷ ଅବଶ୍ୟମ୍ଭାବୀ।
-ସୁନ୍ଦର ପିଚାଇ

## ଗଣତନ୍ତ୍ର ପାଇଁ ଶୁଭସଙ୍କେତ

ଆମ ଗଣତନ୍ତ୍ରର ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ନିକଟରେ ଏଭଳି ଦୁଇଟି ଘଟଣା ଘଟିଛି, ଯାହା ବିଭେଦ ଓ ବିଦ୍ୱେଷ ରାଜନୀତିର ଭିତ୍ତିକୁ ଦୋହଲାଇ ଦେବାର କ୍ଷମତା ରଖିଛି। ତେଣୁ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ମୃଦୁ କମ୍ପନ ସୃଷ୍ଟି ହୋଇଛି। ଅହି-ନକୁଳ ସମ୍ପର୍କ ଥିବା ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ମହାରାଷ୍ଟ୍ରର ଥାନେ ଜିଲ୍ଲାର ଅମ୍ବରନାଥ ପୌରପରିଷଦ ନିର୍ବାଚନରେ ଏବଂ ଆସାଦୁଦ୍ଦିନ ଓୱେସୀଙ୍କ ଏଆଇଏମ୍ଆଇଏମ୍ ପ୍ରାର୍ଥୀଙ୍କ ସହିତ ବିଜେପି ପ୍ରାର୍ଥୀ ଅକୋଟ ପୌରପରିଷଦ ନିର୍ବାଚନରେ ଆପୋସ ବୁଝାମଣା କରିଛନ୍ତି। ଭାରତର ସାମ୍ପ୍ରତିକ ମେଣ୍ଟ ରାଜନୀତି ଦୃଷ୍ଟିକୋଣରୁ ଉପରୋକ୍ତ ଦୁଇଘଟଣାରେ ସେଭଳି କୌଣସି ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା ଚମକ୍‌ପ୍ରଦ ଓ ଚର୍ଚ୍ଚିତ ଆଖ୍ୟା ପାଇବା ପଛର କାରଣ ହେଉଛି ଏହି ମେଣ୍ଟ ବା ନିର୍ବାଚନୀ ବୁଝାମଣାରେ ଜାତୀୟ ଦଳ ବିଜେପି ଓ କଂଗ୍ରେସ ହାଇକମାଣ୍ଡମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି ବା ସେମାନଙ୍କ ଅଜ୍ଞାତସାରରେ ହୋଇଛି। ଗତାନୁଗତିକ ରୀତିରେ ହାଇକମାଣ୍ଡମାନେ ଏହା ଜାଣିବା ପରେ ଉତ୍‌କ୍ଷିପ୍ତ ଓ ବିବତ୍ର ହୋଇପଡ଼ି ସମ୍ପୃକ୍ତ କର୍ପୋରେଟର ଓ ପ୍ରାର୍ଥୀମାନଙ୍କ ବିରୋଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ମାମୁଲି ଲାଗୁଥିଲେ ମଧ୍ୟ ସାମଗ୍ରିକ ଘଟଣାକ୍ରମ ଆପାତତଃ ଗଣତନ୍ତ୍ର ପ୍ରତି ଏକ ଭିନ୍ନ ସନ୍ଦେଶ ଦେଇଛି। ବୋଧହୁଏ ପୌରପରିଷଦ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନେ ଆଞ୍ଚଳିକ, ରାଜ୍ୟ ଓ ଜାତୀୟ ରାଜନୀତିକୁ ଏହି ବାର୍ତ୍ତା ଦେବାକୁ ଚାହିଁଛନ୍ତି ଯେ 'ଯଦି ହାଇକମାଣ୍ଡମାନେ ଉପରସ୍ତରରେ ଲୋକଲୋଚନ ଆଢୁଆଳରେ ଏବଂ ତୃଣମୂଳସ୍ତରର ସମର୍ପିତ କର୍ମୀଙ୍କ ଭାବାବେଗକୁ ଉପେକ୍ଷା କରି ନିଜ ନିଜ ସ୍ୱାର୍ଥସାଧନ ପାଇଁ କାନ୍ଧରେ କାନ୍ଧ ଓ ହାତରେ ହାତ ମିଳାଇ ପାରୁଛନ୍ତି, ତୃଣମୂଳସ୍ତରରେ ତାହା କାହିଁକି ସମ୍ଭବ ନ ହେବ?' ଏପରିକି ଏଥିପାଇଁ ସେମାନେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ଭ୍ରୂକ୍ଷେପ କରିନାହାନ୍ତି। ୧୮୫୭ ମସିହାରେ କାର୍ଟିଜ୍‌ର ଆବରଣକୁ ଦାନ୍ତରେ ଛିଡ଼ାଇବା ପାଇଁ ମନା କରିବା ଭଳି ମାମୁଲି ଘଟଣା ବ୍ରିଟିଶ୍ ଶାସନ ବିରୋଧୀ ସିପାହୀ ବିଦ୍ରୋହ ବା ସ୍ୱାଧୀନତା ସଂଗ୍ରାମର ଭିତ୍ତି ସ୍ଥାପନ କରିଥିଲା। ୧୮୯୩ ମସିହାର ସେହି ଶୀତରାତିରେ ଯଦି ଜଣେ ଭାରତୀୟ ବାରିଷ୍ଟରଙ୍କୁ ଦକ୍ଷିଣ ଆଫ୍ରିକାର ଏକ ରେଳଷ୍ଟେସନ୍‌ରେ ପ୍ରଥମ ଶ୍ରେଣୀ ବଗିରୁ ଗୋରାମାନେ ତଡ଼ି ଦେଇ ନ ଥା'ନ୍ତେ ତେବେ ଜଣେ 'ମୋହନ ଦାସ' 'ମହାତ୍ମା'ରେ ପରିବର୍ତ୍ତନ ହୋଇ ନ ଥା'ନ୍ତେ କି ଦକ୍ଷିଣ ଆଫ୍ରିକାରୁ ବ୍ରିଟିଶ୍ ଉପନିବେଶବାଦ ବିଲୋପର ଭିତ୍ତି ପଡ଼ି ନ ଥା'ନ୍ତା। ୧୯୪୬ରେ ରୟାଲ୍ ଇଣ୍ଡିଆନ୍ ନେଭିର ବମ୍ବେ ଡକ୍‌ୟାର୍ଡରେ କାର୍ଯ୍ୟରତ ମାତ୍ର ଆଠଜଣ କର୍ମଚାରୀ ବାସି ରୁଟି ଖାଇବାକୁ ମନା କରି ଯେଉଁ ବିକ୍ଷୋଭର ସୂତ୍ରପାତ କରିଥିଲେ ତାହାର ନିଆଁ ଅଚିରେ କ୍ୟାପ୍‌ଟେନ୍, ସେନା ଓ ନାଗରିକଙ୍କ ମଧ୍ୟରେ ବ୍ୟାପି ଯାଇଥିଲା। ଐତିହାସିକଙ୍କ ମତରେ ଏହି ଘଟଣା ହିଁ ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ପତନ ପାଇଁ ନିର୍ଣ୍ଣାୟକ ଥିଲା। ତେଣୁ ମହାରାଷ୍ଟ୍ର ପୌରପରିଷଦ ନିର୍ବାଚନୀ ବୁଝାମଣା ଘଟଣା ମାମୁଲି ଲାଗୁଥିଲେ ମଧ୍ୟ ତା'ଭିତରେ ଥିବା ଗୂଢ଼ସଂକେତ ଆଜିର ଅବକ୍ଷୟମୁଖୀ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ସତର୍କ ଘଣ୍ଟି। କାରଣ ଗୋଟିଏ ମୁହୂର୍ତ୍ତ ଗୋଟିଏ ମାମୁଲି ଘଟଣା ମଧ୍ୟ ଇତିହାସ ବଦଳାଇ ଦେଇପାରେ।

ଦଳୀୟ ନୀତି ଓ ଆଦର୍ଶ ଆଧାରରେ ଆରୋପ-ପ୍ରତ୍ୟାରୋପ ଓ ବିଷୋଦ୍‌ଗାରର ସର୍ବାଧିକ ଉଦାହରଣ ଦେଖାଯାଏ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦରେ। ଅଥଚ ପ୍ରତି ଅଧିବେଶନ ପରବର୍ତ୍ତୀ ଚା'ଭୋଜିରେ ସମ୍ପୂର୍ଣ୍ଣ ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ପୁଣି ଆଜି ଯାହା ବିରୋଧରେ ବିଷୋଦ୍‌ଗାର କରାଯାଉଛି, ଆଇନକାନୁନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଆସନ୍ତା କାଲି ନିର୍ବାଚନୀ ରଣନୀତିରେ ତାକୁ ପୁଣି କୋଳେଇ ନିଆଯାଉଛି। କ୍ଷମତା ରାଜନୀତିରେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ବାଘ-ମିରିଗ ଗୋଟିଏ ଘାଟରେ ପାଣି ପିଉଥିବାର ଏଭଳି ଦୃଶ୍ୟ ଦେଖି ଦେଖି ଜନତା ଜଳକା ହୋଇସାରିଲେଣି। ଅଥଚ ତୃଣମୂଳସ୍ତରରେ ଦଳୀୟ ନୀତି-ଆଦର୍ଶର ସପକ୍ଷ-ବିପକ୍ଷବାଦୀ ବା ଦଳୀୟ କର୍ମୀମାନଙ୍କ ଆଚରଣ ଓ ଉଚ୍ଚାରଣଗତ ବିଦ୍ୱେଷ, ଘୃଣା ଓ ହିଂସାର ମାତ୍ରା କେତେ ଉଗ୍ର ହେଲାଣି ତାହା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉଥିବା ପ୍ରତିକ୍ରିୟା, ମନ୍ତବ୍ୟ, କୁସ୍ୱାରଚନାର ଅତିନିମ୍ନମାନର ଓ ଅଶାଳୀନ ଭାଷା ପ୍ରୟୋଗରୁ ଅନୁମେୟ। ଶୀର୍ଷସ୍ତରରେ ଥିବା ନେତାମାନେ ତୃଣମୂଳସ୍ତର କର୍ମୀଙ୍କୁ ଚିହ୍ନିବା ଜାଣିବା କଳ୍ପନାତୀତ। ଅଥଚ ସେହି ଶୀର୍ଷନେତାଙ୍କ ପାଇଁ ତୃଣମୂଳସ୍ତରରେ ସାହି-ପଡ଼ିଶା, ଭାଇ-ଭାଇ, ବାପା-ପୁଅଙ୍କ ମଧ୍ୟରେ ବିବାଦ, ବଚସା, ବିଦ୍ୱେଷ, ଘୃଣାର ପରିସମାପ୍ତି ହିଂସାରେ ଘଟୁଛି।

ଆମ ଗଣତନ୍ତ୍ରର ତୃଣମୂଳସ୍ତରର ଏହି ଅନ୍ଧତ୍ୱ ଓ ମୂର୍ଖାମୀର ପରିସୀମା ଓ ସ୍ତର ଯେତେ ବଢ଼ିଚାଲିଥିବ ତାହାର ସେତେ ଅଧିକ ଫାଇଦା ଶୀର୍ଷସ୍ତରୀୟ ନେତୃତ୍ୱ ନେଇ ଚାଲିଥିବେ। ଏହା ହିଁ ତ କ୍ଷମତା ରାଜନୀତିର ରହସ୍ୟ ଓ ସଫଳ-ମନ୍ତ୍ର। କିନ୍ତୁ ଯେଉଁଦିନଠାରୁ ତୃଣମୂଳସ୍ତର ମୂର୍ଖାମୀ ଦୂର ହୋଇ ଦଳୀୟକର୍ମୀମାନେ ସଚେତନ-ଚକ୍ଷୁଷ୍ମାନ ହେବେ ସେହିଦିନ ଚା'ଦୋକାନରେ କିମ୍ବା ସାହି ଛକ ବଜାରରେ କଟୁ-ତିକ୍ତ ପରିବେଶର ବିନାଶ ଘଟି ଭ୍ରାତୃତ୍ୱ ଓ ଶାନ୍ତିର ବାତାବରଣ ସୃଷ୍ଟି ହେବ। ବିବାଦ-ବିଭେଦ-ବିଦ୍ୱେଷର ରାଜନୀତିର ବିଲୋପ ଘଟି ଶାନ୍ତି ଓ ସୌହାର୍ଦ୍ଦ୍ୟର ଗଣତନ୍ତ୍ରର ନବଉନ୍ମେଷର ଯୁଗ ଆରମ୍ଭ ହେବ। ଗଣତାନ୍ତ୍ରିକ ମୂଲ୍ୟବୋଧର ପୁନଃ ଆସ୍ଥା ସ୍ଥାପନା ପାଇଁ ଏହା ହିଁ ଆଜିର ଅପରିହାର୍ଯ୍ୟ ଆବଶ୍ୟକତା। ଏହାର ପରୋକ୍ଷ ଅଥଚ ସ୍ପଷ୍ଟ ବାର୍ତ୍ତା ମହାରାଷ୍ଟ୍ର ପୌରନିର୍ବଚାନର ତୃଣମୂଳସ୍ତରୀୟ ବୁଝାମଣାରୁ ମିଳୁନାହିଁ କି?

ମହାରାଷ୍ଟ୍ର ପୌର-ରାଜନୀତିରୁ ଆଉ ଏକ ଆପ୍ତବାକ୍ୟ ପୁଣି ଥରେ ପ୍ରମାଣିତ ହୋଇଛି - ରାଜନୀତିରେ ସବୁ କିଛି ସମ୍ଭବ ଏବଂ କେହି ପର କିମ୍ବା ଆପଣାର ନୁହନ୍ତି। ଭିଟାମାଟି ବା ମୂଳ ଶିବସେନା ଛାଡ଼ି ଏକନାଥ ସିନ୍ଦେ କ୍ଷମତା ଲୋଭରେ ଯେଉଁମାନଙ୍କର ହାତ ଧରିଥିଲେ ଏବେ ସେମାନେ ହିଁ ଏକନାଥଙ୍କୁ ଏକଘରିକିଆ କରିବାର ସୁଯୋଗ ହାତଛଡ଼ା କରିନାହାନ୍ତି। ଏଥିରୁ ଏକନାଥ ନିଜ ଭୁଲ୍ ସୁଧାରି ଘରବାହୁଡ଼ା କରିବେ କି ନାହିଁ ତାହା ତାଙ୍କ ବିବେକ, ବିଚାର ଓ କ୍ଷମତା ଲକ୍ଷ୍ୟ ଉପରେ ନିର୍ଭର କରେ; କିନ୍ତୁ ପର କେବେ ଘର ହୋଇପାରିବ ନାହିଁ ଏହି ଶିକ୍ଷା ପୁଣି ଥରେ ରାଜନୀତିକୁ ସାହାରା କରିଥିବା ବ୍ୟକ୍ତିବିଶେଷଙ୍କୁ ମିଳିଛି। କ୍ଷମତାକୈନ୍ଦ୍ରିକ ସ୍ୱାର୍ଥସର୍ବସ୍ୱ ଗୋଳମାଳିଆ ମେଣ୍ଟ ରାଜନୀତିର ପରିସମାପ୍ତି ପାଇଁ ଏହା ମଧ୍ୟ ଆଉ ଏକ ବଡ଼ ସୁଯୋଗ ଆଣିଛି, ଯାହା ସାମଗ୍ରିକ ଭାବେ ଗଣତନ୍ତ୍ର ପାଇଁ ଏକ ଶୁଭସୂଚନା।

## ଡୋନ୍‌ରୋ ଡକ୍‌ଟ୍ରାଇନ୍ ଓ ଭେନେଜୁଏଲା

ଡାକ୍ତର ରାଜକିଶୋର ପଣ୍ଡା

ଗତ ୩ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଭେନେଜୁଏଲା ଆକ୍ରମଣ କରି ଏହି ଲାଟିନ ଆମେରିକୀୟ ଦେଶର ରାଷ୍ଟ୍ରମୁଖ୍ୟ ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ବନ୍ଦୀ କରିଛନ୍ତି। ନ୍ୟୁୟର୍କର ଏକ ଅଦାଲତରେ ସେମାନଙ୍କର ବିଚାର ଚାଲିଛି। ଏହି ଆଲେଖ୍ୟଟି ଲେଖିବା ବେଳକୁ ଖବର ମିଳୁଛି କି, ସୈନ୍ୟ ଅଭିଯାନରେ ମାଦୁରୋଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ଆମେରିକାର ସୈନ୍ୟମାନେ ତାଙ୍କୁ ଘୋଷାଡ଼ି ନେବାବେଳେ ଆଘାତ ଲାଗି ତାଙ୍କର ପିଞ୍ଜରା ହାଡ଼ ଭାଙ୍ଗିଯାଇଛି। ଜଣେ ରାଷ୍ଟ୍ରମୁଖ୍ୟଙ୍କ ପତ୍ନୀଙ୍କୁ ଏପରି ବ୍ୟବହାର ବାସ୍ତବିକ ଦୁଃଖଦାୟକ।

ଟ୍ରମ୍ପଙ୍କ ଅଭିଯୋଗ ହେଉଛି, ମାଦୁରୋ ଦୀର୍ଘ ବର୍ଷ ଧରି ଭେନେଜୁଏଲାରେ ଏକ ଭ୍ରଷ୍ଟାଚାର ସରକାରର ନେତୃତ୍ୱ ନେବା ସହ ଏକଛତ୍ରବାଦ ଏବଂ ନିଶା ସାମ୍ରାଜ୍ୟ ଗଢ଼ିବାରେ ଲିପ୍ତ ରହିଛନ୍ତି। ମାଦୁରୋଙ୍କ ପରିବାର ସଦସ୍ୟ ଓ କିଛି ଘନିଷ୍ଠ ସହଯୋଗୀ ଅସତ୍ ଉପାୟରେ ବିପୁଳ ଅର୍ଥ ଉପାର୍ଜନ କରିବା ସହିତ ଭେନେଜୁଏଲା ମାଟିକୁ ନିଶା ବା ଡ୍ରଗ୍ସ ପ୍ରସ୍ତୁତିର କେନ୍ଦ୍ରସ୍ଥଳ କରି ଆମେରିକାକୁ ବ୍ୟାପକ ପରିମାଣର ଡ୍ରଗ୍ସ ଚୋରାଚାଲାଣ କରୁଛନ୍ତି। ମାଦୁରୋଙ୍କ ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ପଛରେ ସତ୍ୟତା କେତେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଆନ୍ତର୍ଜାତିକ ନିୟମ ଅନୁସାରେ ବିନା କାରଣରେ କୌଣସି ଦେଶକୁ ଆକ୍ରମଣ କରି ଏହାର ଶାସକଙ୍କୁ ବନ୍ଦୀ କରିବା, ସେଠାରେ ଅସ୍ଥିରତା ସୃଷ୍ଟି କରିବା ଏବଂ ସେଠାରେ ନିର୍ବାଚିତ ସରକାରକୁ ବିତାଡ଼ିତ କରି ନିଜ ସୁବିଧା ମୁତାବକ ଅନ୍ୟ ଏକ ସରକାର ଗଠନ କରିବା ଆନ୍ତର୍ଜାତିକ ସମ୍ବିଧାନର ଖୋଲା ଉଲ୍ଲଙ୍ଘନ।

ଅନ୍ୟ ଦେଶ ଉପରେ ଅନଧିକୃତ ଭାବରେ ସାମରିକ ଅଭିଯାନ କରିବା ଆମେରିକା ପକ୍ଷରେ ନୂଆ କଥା ନୁହେଁ। ପୂର୍ବରୁ ଆମେରିକା କ୍ୟୁବା, ମେକ୍ସିକୋ, ପାନାମା, ହାଇତି, ଡୋମିନିକା ଗଣତନ୍ତ୍ର ଓ ନିକାରାଗୁଆ ଆଦି ଦେଶ ବିରୁଦ୍ଧରେ ସାମରିକ ଅଭିଯାନ କରିଛି। ୧୯୫୪ ମସିହାରେ ଗ୍ୱାଟେମାଲା ଓ ୧୯୭୩ ମସିହାରେ ଚିଲି ବିରୁଦ୍ଧରେ ଛଦ୍ମ ସାମରିକ ଅଭିଯାନରେ ଆମେରିକାର ଗୁଇନ୍ଦା ସଂସ୍ଥା ସି.ଆଇ.ଏ ସଂପୃକ୍ତ ଥିବାର ପ୍ରମାଣ ମିଳିଛି। ୧୯୮୯ ମସିହାରେ ରାଷ୍ଟ୍ରପତି ଜର୍ଜ ବୁଶ (ସିନିଅର), ପାନାମା ଉପରେ ଆକ୍ରମଣ କରି ଏହାର ଶାସକ ମାନୁଏଲ ନରିଗାଙ୍କୁ କ୍ଷମତାରୁ ଅପସାରିତ କରିଥିଲେ। ମାଦୁରୋଙ୍କ ଭଳି ନରିଗାଙ୍କୁ ମଧ୍ୟ ଅବୈଧ ନିଶା କାରବାରରେ ସଂପୃକ୍ତ ବୋଲି ଦର୍ଶାଯାଇଥିଲା। ୨୦୦୩ ମସିହାରେ ଇରାକ୍ ଏବଂ ୨୦୧୧ ମସିହାରେ ଲିବ୍ୟା ଉପରେ ଆକ୍ରମଣ କରି ଯୁକ୍ତରାଷ୍ଟ୍ର ଆମେରିକା ଯଥାକ୍ରମେ ଏହି ଦୁଇଦେଶର ଶାସକ ସଦ୍ଦାମ ହୁସେନ ଓ ଗଦ୍ଦାଫିଙ୍କୁ ଗାଦିରୁ ହଟାଇଥିଲା। ଡଲାରରେ ତେଲ ବିକ୍ରି କରିବା ପାଇଁ ଅନିଚ୍ଛୁକ ହେବାରୁ ଆମେରିକା ଉପରୋକ୍ତ ଦୁଇଦେଶ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଗୋଟିଏ ବିଶେଷ କଥା ଏଠାରେ ପରିଲକ୍ଷିତ ହୁଏ ଯେ, ଇରାକ୍ ଓ ଲିବ୍ୟାର ଆକ୍ରମଣ ସମୟରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଯଥାକ୍ରମେ ବୁଶ ଓ ଓବାମା ମିଳିତ ଜାତିସଂଘର ନିରାପତ୍ତା ପରିଷଦ ଓ ନାଟୋର ପରାମର୍ଶ ନେଇଥିଲେ। କିନ୍ତୁ ଭେନେଜୁଏଲା କ୍ଷେତ୍ରରେ ଟ୍ରମ୍ପ୍ ନିଜ ଦେଶର ରାଜନେତାମାନଙ୍କ ସହିତ ମଧ୍ୟ ପରାମର୍ଶ କରିବାକୁ ଉଚିତ୍ ମନେକରିନାହାନ୍ତି, ଯାହା ତାଙ୍କର ରାଜନୈତିକ ଅଦୂରଦର୍ଶିତା ଓ ଏକଛତ୍ରବାଦୀ ମାନସିକତାର ପରିଚାୟକ।

ଆମେରିକାର ଏହି ଦମନନୀତି ମୁଖ୍ୟତଃ ଏକ ବିଶିଷ୍ଟ ମତବାଦ ଉପରେ ପର୍ଯ୍ୟବସିତ। ଏହାର ନାମ ହେଉଛି 'ମୋନ୍‌ରୋ ଡକ୍‌ଟ୍ରାଇନ'। ୧୮୨୩, ଡିସେମ୍ବର ୨ ତାରିଖରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେମ୍‌ସ ମୋନ୍‌ରୋ ଏହି ନୀତି ପ୍ରଣୟନ କରିଥିଲେ। ଏହି ନୀତି ୟୁରୋପୀୟ ଦେଶଗୁଡ଼ିକୁ ଦକ୍ଷିଣ ଆମେରିକାରେ ଉପନିବେଶ ସ୍ଥାପନ କରିବା ବା ଏଥିରେ ଥିବା ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ବିରୋଧ କରେ। ପଶ୍ଚିମ-ଗୋଲାର୍ଦ୍ଧରେ ଆମେରିକାର ସର୍ବବ୍ୟାପୀ ପ୍ରଭାବକୁ ମଧ୍ୟ ଏହା ଗୁରୁତ୍ୱ ଦେଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ନୀତିଟିର ଆମେରିକା ବହୁଳ ଉପଯୋଗ କରିଥିଲା। ଯଦିଓ ନବେ ଦଶକରେ ଏହା ପ୍ରଭାବହୀନ ହୋଇ ପଡ଼ିଥିଲା, ବର୍ତ୍ତମାନ ରାଷ୍ଟ୍ରପତି ଟ୍ରମ୍ପ୍ ପୁନଶ୍ଚ ଏହି 'ମୋନ୍‌ରୋ ଡକ୍‌ଟ୍ରାଇନ୍'କୁ ଆନ୍ତର୍ଜାତିକ ରାଜନୀତିର ମୁଖ୍ୟସ୍ରୋତକୁ ଆଣିବା ସହିତ ଏହାର ନୂତନ ନାମକରଣ ନିଜ ନାମ ଅନୁଯାୟୀ କରିଛନ୍ତି 'ଡୋନ୍‌ରୋ ଡକ୍‌ଟ୍ରାଇନ୍'। ଟ୍ରମ୍ପ୍ କହିଛନ୍ତି ଯେ ଭେନେଜୁଏଲା ଆକ୍ରମଣ ପରେ ପଶ୍ଚିମ-ଗୋଲାର୍ଦ୍ଧ ଓ ଦକ୍ଷିଣ-ଆମେରିକୀୟ ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭୁତ୍ୱକୁ ଆଉ କୌଣସି ଦେଶ ପ୍ରଶ୍ନ କରିବେ ନାହିଁ।

ବିଶ୍ୱବ୍ୟାପୀ ଆଠଟି ସଂଘର୍ଷ ବନ୍ଦ କରିଥିବା କଥା କହି ବାହୁସ୍ଫୋଟ ମାରୁଥିବା ଡୋନାଲଡ୍ ଟ୍ରମ୍ପ୍ ନିଜକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସବୁଠାରୁ ଉପଯୁକ୍ତ ପ୍ରାର୍ଥୀ ଭାବରେ ଉପସ୍ଥାପିତ କରିଥିଲେ। ପୁରସ୍କାର ନ ମିଳିବାରୁ ବର୍ତ୍ତମାନ ସେ ଯୁଦ୍ଧ ଆଡ଼କୁ ମନ ବଳାଇଛନ୍ତି। ଦୀର୍ଘ ଚାରିବର୍ଷ ଧରି ଚାଲିଥିବା ରୁଷ୍-ୟୁକ୍ରେନ ଯୁଦ୍ଧକୁ ବିଭିନ୍ନ ସ୍ତରରେ ଆଲୋଚନା କରି ବନ୍ଦ କରିବାରେ ସେ ବିଫଳ ହେଲେ। ଭାରତ ଓ ପାକିସ୍ତାନ ମଧ୍ୟରେ 'ଅପରେସନ ସିନ୍ଦୂର' ସମୟରେ ହୋଇଥିବା ସଂଘର୍ଷକୁ ବନ୍ଦ କରିବାରେ ଟ୍ରମ୍ପ୍‌ଙ୍କର କୌଣସି ଭୂମିକା ନଥିଲେ ମଧ୍ୟ ଯୁଦ୍ଧକୁ ସେ ବନ୍ଦ କରିଛନ୍ତି ବୋଲି ବାରମ୍ବାର ବୃଥା ଆସ୍ଫାଳନ କରିଆସୁଛନ୍ତି। ବର୍ତ୍ତମାନ ଟ୍ରମ୍ପ୍ ଶାନ୍ତିପ୍ରିୟ ରାଷ୍ଟ୍ରପତିରୁ ଯୁଦ୍ଧପ୍ରିୟ ରାଷ୍ଟ୍ରପତିରେ ପରିଣତ ହେବା ସହ ଦେଶର ପ୍ରତିରକ୍ଷା ବିଭାଗକୁ ଯୁଦ୍ଧ ବିଭାଗରେ ପରିବର୍ତ୍ତିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ମାଦୁରୋଙ୍କୁ ଗିରଫ ପରେ ଟ୍ରମ୍ପ୍ ସାମ୍ବାଦିକ ସମ୍ମିଳନୀରେ ଆମେରିକାର ତୈଳ କମ୍ପାନୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ସେମାନେ ଭେନେଜୁଏଲାର ବୃହତ୍ ତୈଳ ଖଣିମାନଙ୍କୁ ଅକ୍ତିଆର କରି ପ୍ରଚୁର ତୈଳ ଉତ୍ପାଦନ କରନ୍ତୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ପ୍ରଚୁର ପୁଞ୍ଜି ସୃଷ୍ଟି କରନ୍ତୁ। ବିଶ୍ୱର ବୃହତ୍ତମ ତୈଳ ଖଣିଗୁଡ଼ିକ ଭେନେଜୁଏଲାରେ ଅବସ୍ଥିତ। ଚାଇନା ଭେନେଜୁଏଲା ଉପରେ ଲାଗିଥିବା ପ୍ରତିବନ୍ଧକକୁ ଖାତିର୍ ନକରି ଏହାଠାରୁ ବିପୁଳ ପରିମାଣର ଅଶୋଧିତ ତୈଳ କ୍ରୟ କରେ। ଚୀନଠାରୁ ଭେନେଜୁଏଲା କରିଥିବା ବିପୁଳ ପରିମାଣର ଋଣକୁ ତୈଳ ମାଧ୍ୟମରେ ହିଁ ପରିଶୋଧ କରିଥାଏ। ତେବେ ବର୍ତ୍ତମାନ ପରିସ୍ଥିତିରେ ଟ୍ରମ୍ପ୍ ଭେନେଜୁଏଲାର ତୈଳ ଖଣିଗୁଡ଼ିକୁ ଅଧିକାର କରି ଆମେରିକାର ସ୍ୱାର୍ଥ ଅନୁସାରେ ସେଗୁଡ଼ିକୁ ପରିଚାଳିତ କରିବେ।

ଏହାମଧ୍ୟରେ ପୂର୍ବରୁ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗେଜ୍ ବର୍ତ୍ତମାନ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଛନ୍ତି। ଦେଶର ବିରୋଧୀଦଳ ନେତ୍ରୀ ତଥା ୨୦୨୫ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାରିଆ କୋରିନା ମାଚାଡୋ ଟ୍ରମ୍ପଙ୍କ ପଦକ୍ଷେପକୁ ଦୃଢ଼ ପ୍ରଶଂସା କରିଛନ୍ତି। ଦୀର୍ଘଦିନ ଧରି ମାଦୁରୋଙ୍କର ଏକଛତ୍ରବାଦ ଶାସନକୁ ବିରୋଧ କରି ମାରିଆ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଆସିଛନ୍ତି। ନିକୋଲାସ୍ ମାଦୁରୋଙ୍କ ଗିରଫ ପ୍ରକ୍ରିୟା ପରେ ଅନୁମାନ କରାଯାଉଥିଲା ଯେ ରାଷ୍ଟ୍ରପତି ଭାବେ ମାରିଆ ଆସୀନ ହୋଇପାରନ୍ତି। କିନ୍ତୁ ସମସ୍ତ ଅନୁମାନକୁ ଭୁଲ ସାବ୍ୟସ୍ତ କରି ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶାନୁଯାୟୀ ବିତାଡ଼ିତ ରାଷ୍ଟ୍ରମୁଖ୍ୟଙ୍କ ଘନିଷ୍ଠ ସହଯୋଗୀ ହିଁ ପରବର୍ତ୍ତୀ ରାଷ୍ଟ୍ରପତି ହେଲେ।

ଟ୍ରମ୍ପ୍‌ଙ୍କ ଏତାଦୃଶ ବ୍ୟବହାରରେ ଘୋର ଆପତ୍ତି ଉଠାଇଛନ୍ତି ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ରାଷ୍ଟ୍ରପତି ଗୁଷ୍ଟାଭୋ ପେଟ୍ରୋ। ତାଙ୍କୁ ମଧ୍ୟ ଗିରଫ କରିବା ପାଇଁ ସେ ଟ୍ରମ୍ପଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ଗ୍ରୀନ୍‌ଲ୍ୟାଣ୍ଡ ଉପରେ ଆକ୍ରମଣ କରି ଏହାକୁ କବ୍‌ଜା କରିବା କଥା କହି ଟ୍ରମ୍ପ୍ ଏକ ନୂତନ ବିବାଦ ସୃଷ୍ଟି କରିଛନ୍ତି। ଟ୍ରମ୍ପ୍‌ଙ୍କ ମନ୍ତବ୍ୟର ଦୃଢ଼ ବିରୋଧ କରି ଡେନ୍‌ମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡାରିକସନ୍ କହିଛନ୍ତି ଯେ ଯଦି ଆମେରିକା ଗ୍ରୀନଲ୍ୟାଣ୍ଡ ଆକ୍ରମଣ କରେ ସମ୍ପୂର୍ଣ୍ଣ 'ନାଟୋ' ସାମରିକ ମେଣ୍ଟର ଅବସାନ ଘଟିବ। ପ୍ରକାଶ ଥାଉ କି ଏହି ଗ୍ରୀନଲ୍ୟାଣ୍ଡ ହେଉଛି ଡେନ୍‌ମାର୍କର ଏକ ସ୍ୱାୟତ୍ତ ଶାସିତ ଅଞ୍ଚଳ।

ଏକଦା ମଧ୍ୟଯୁଗରେ ସ୍ପେନର ଯୁଦ୍ଧଜାହାଜ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲା। ସମୟ ଆସିଲା ସ୍ପେନ୍ ବିଶ୍ୱ ରାଜନୀତିରୁ ବିସ୍ମୃତ ହୋଇଗଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ସୂର୍ଯ୍ୟାସ୍ତ ହେଉନଥିବା ଏବଂ ବିଶ୍ୱବ୍ୟାପୀ ଉପନିବେଶବାଦୀ ଅତ୍ୟାଚାର ଚଳାଇଥିବା ଦେଶ ବ୍ରିଟେନର ମଧ୍ୟ ପତନ ଘଟିଲା। ଆଜି ବିଶ୍ୱବ୍ୟାପୀ ଏକଛତ୍ରବାଦ ଓ ଡଲାର ବଳରେ ବଳୀୟାନ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଦିନେ ସମୟର ସ୍ରୋତରେ ହଜିଯିବ। ବିଖ୍ୟାତ ଇଂରାଜୀ କବି ଶେଲିଙ୍କ 'ଓଜିମାଣ୍ଡିଆସ' କାବ୍ୟର ଏହା ହିଁ ତ ନିର୍ଯ୍ୟାସ ଯେ, ଯେତେ ପ୍ରତାପୀ ରାଜା ବା ଦେଶ ହେଉ ସମୟର ସୁଅରେ ସମସ୍ତଙ୍କର ପତନ ସୁନିଶ୍ଚିତ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)
ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

## ଆମେ ତ ହତଭାଗ୍ୟ ପିଲାରେ!

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଏକଦା ପ୍ରାଥମିକ ଶ୍ରେଣୀରେ ପଢ଼ାଯାଉଥିବା କବିତାଟିଏ ଥିଲା 'ଆମେ ତ ଭାଗ୍ୟବାନ ପିଲା ରେ...'। ତହିଁରେ ସୂଚୀତ କରାଯାଇଥିଲା କିପରି ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଫଳରେ ଉନ୍ନତ ହୋଇପାରିଛି ସେମାନଙ୍କ ଜୀବନଧାରଣର ମାନ। ତେବେ ମାତ୍ର କେତୋଟି ଦଶକ ପରେ ଏହା ଆହୁରି ବିକଶିତ ହୋଇ ପରିବେଶକୁ କିପରି ବିପର୍ଯ୍ୟସ୍ତ କରିଛି ଏବଂ ଶିଶୁମାନଙ୍କ ଉପରେ ତାହାର କିପ୍ରକାର କୁପ୍ରଭାବ ପଡୁଛି ସେ କଥା ବିଚାରକୁ ନେଲେ ସେମାନେ ନିଶ୍ଚୟ ନିଜକୁ ହତଭାଗ୍ୟ ବୋଲି ମନେ କରିବେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ରୂପେ ପରିବେଶବିତ୍‌ମାନେ ଉପସ୍ଥାପିତ କଲେଣି ଦିଲ୍ଲୀରେ ପ୍ରଦୂଷିତ ବାୟୁର ସେମାନଙ୍କ ଉପରେ ପ୍ରଭାବ। ଆମ ରାଜ୍ୟ ସମେତ ଦେଶର ବହୁସ୍ଥାନ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ।

ସର୍ବୋଚ୍ଚ ପ୍ରଦୂଷିତ ରାଜଧାନୀ ରୂପେ ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ଅଧିବାସୀମାନେ ବାୟୁପ୍ରଦୂଷଣ ଜନିତ ବିବିଧ ଯନ୍ତ୍ରଣା ଭୋଗ କରୁଛନ୍ତି। ୨୦୨୪ ମସିହାରେ ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରଦୂଷଣ ଯୋଗୁଁ ଶିଶୁମାନଙ୍କର ୭.୬ ରୁ ୧୦ ବର୍ଷ ପର୍ଯ୍ୟନ୍ତ ହାରାହାରି ଆୟୁ କ୍ଷୟ ଘଟୁଛି ଏବଂ ବିବିଧ ରୋଗବ୍ୟାଧି ଓ ବହୁସଂଖ୍ୟକ ଅକାଳମୃତ୍ୟୁର କାରଣ ହେଉଛି। ବିଶେଷକରି ଦୀର୍ଘସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମକଣିକା ବା ପାର୍ଟିକୁଲେଟ୍‌ମାଟର(ପିଏମ୍) ଉନ୍ମୁକ୍ତ ହୋଇ ରହିବା ଫଳରେ ତାହା ଶ୍ୱାସକ୍ରିୟା ଜନିତ ରୋଗଠାରୁ ଆରମ୍ଭ କରି ନିମୋନିଆ ଆଦିର କାରଣ ହେଉଛି। ଦିଲ୍ଲୀର ବାୟୁରେ ଏହି କଣିକାର ମାତ୍ରା ଅନେକ ସମୟରେ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରାଠାରୁ ୫୦ ଗୁଣ ପର୍ଯ୍ୟନ୍ତ ଅଧିକ ହୋଇ ଯାଉଛି।

ଉପରୋକ୍ତ ଅଧ୍ୟୟନ ଅନୁଯାୟୀ ଯଦି କେହି ଜଣେ ସେଠାରେ ୫ ବର୍ଷ ପୂର୍ବେ ଜନ୍ମ ହୋଇଥିବ ଆଜିର ଦିନରେ ପ୍ରାୟ ୮୩୦ ରୁ ୮୫୦ ଦିନ, ଅର୍ଥାତ୍ ଜୀବନକାଳର ଅଧାସମୟ ଅତି ଖରାପ କିମ୍ବା ତହିଁରୁ ନିମ୍ନମାନର ବାୟୁ ସେବନ କରିବାକୁ ପଡ଼ିଥିବ। ସେଥିରୁ ପ୍ରାୟ ୮୧ ଦିନ 'ଗମ୍ଭୀର' ଭାବେ ପ୍ରଦୂଷିତ ବାୟୁ। ଏହାର ବିଷାକ୍ତ ପ୍ରଭାବ ଜୀବନଘାତକ। ଏଣୁ 'ସେଣ୍ଟର ଫର ସାଇନସ ଆଣ୍ଡ ଏନଭାର୍ଣ୍ଣମେଣ୍ଟ' ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ 'ବାୟୁ ପ୍ରଦୂଷଣ ଏବେ ଏକ ଜାତୀୟ ଆପତ୍‌କାଳୀନ ପରିସ୍ଥିତି ସୃଷ୍ଟି କରିଛି, ଯାହାକି ପ୍ରତିବର୍ଷ ଭାରତରେ ୫ ବର୍ଷରୁ କମ୍ ବୟସ୍କ ପ୍ରାୟ ଲକ୍ଷେ ଶିଶୁଙ୍କର ଅକାଳ ମୃତ୍ୟୁର କାରଣ ହେଉଛି।'

ବର୍ତ୍ତମାନ ଏହା ପ୍ରମାଣିତ ହୋଇସାରିଲଣି ଯେ, ଦୂଷିତ ବାୟୁ ମସ୍ତିଷ୍କର ବିକାଶକୁ ବାଧା ପହଞ୍ଚାଏ। ବାଲ୍ୟକାଳରେ ଦୀର୍ଘ ସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମ କଣିକା ଓ ନାଇଟ୍ରିକ୍ ଅକ୍ସାଇଡ୍ ଆଘ୍ରାଣ କଲେ ମସ୍ତିଷ୍କର ଗାଠନିକ ପରିବର୍ତ୍ତନ ଆସେ ଏବଂ ବୋଧଶକ୍ତିର ଅବକ୍ଷୟ ଘଟେ ବୋଲି ସୂଚୀତ କରାଯାଇଥିଲା 'ଲାନସେଟ ହେଲ୍‌ଥ' ପତ୍ରିକାରେ (୨୦୧୫)। ୨୦୧୭ ମସିହାରେ ୟୁନିସେଫ୍ ସତର୍କବାଣୀ ଶୁଣାଇଥିଲା ଯେ ବିଶ୍ୱର ପ୍ରାୟ ୧୭ ନିୟୁତରୁ ଅଧିକ ଶିଶୁ ନିରାପଦ ମାତ୍ରାଠାରୁ ୬ ଗୁଣ ବା ତତୋଧିକ ପ୍ରଦୂଷିତ ବାୟୁ ଥିବା ସ୍ଥାନମାନଙ୍କରେ ବାସ କରୁଛନ୍ତି। ଅତଏବ ସେମାନଙ୍କର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ, ଜନ୍ମପୂର୍ବରୁ ମା' ଏଥିପ୍ରତି ଉନ୍ମୁକ୍ତ ରହିଲେ ଶିଶୁର ମେଧାଶକ୍ତି (ଆଇକ୍ୟୁ) କମ୍ ହୁଏ ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ମୃତି ଶକ୍ତି ବିଶେଷ କାମ କରେ ନାହିଁ ବୋଲି ଦର୍ଶାଯାଇଥିଲା ୨୦୧୯ ମସିହାରେ 'ଏନ୍‌ଭାର୍ଣ୍ଣମେଣ୍ଟାଲ ହେଲଥ୍' ରେ ପ୍ରକାଶିତ ଏକ ନିବନ୍ଧରେ। ସେହିପରି ୨୦୨୪ ମସିହାରେ ଆମେରିକାରେ ଅନୁଷ୍ଠିତ ଅଧ୍ୟୟନରୁ ଦୀର୍ଘକାଳ ଧରି ଦୂଷିତ ବାୟୁର ସମ୍ମୁଖୀନ ହେଲେ ଶିଶୁମାନଙ୍କର ଶିକ୍ଷା କରିବା ଶକ୍ତି, ସ୍ମୃତି ଶକ୍ତି ଏବଂ ଧ୍ୟାନ ଶକ୍ତି ହ୍ରାସ ପାଏ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ 'କେକ୍ ସ୍କୁଲ୍ ଅଫ୍ ମେଡିସିନ୍'ର ଡକ୍ଟର ମେଗାନ ହର୍ଟିଂ ମତ ଦେଇଥିଲେ ଯେ ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକର ଏଥିରେ ବିଶେଷ ଭୂମିକା ଥିବାର ମନେ ହୁଏ। ଏଣୁ ଏହାର ଉତ୍ସ ଓ ରାସାୟନିକ ସଂରଚନା ସହିତ ଦୀର୍ଘସ୍ଥାୟୀ ମସ୍ତିଷ୍କ ସମ୍ବନ୍ଧୀୟ ବୋଧଶକ୍ତିର ସଂପର୍କକୁ ନେଇ ଫୁଙ୍ଖାନୁଫୁଙ୍ଖ ଗବେଷଣା ଦରକାର।

ଅଦ୍ୟାବଧି ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ କୌଣସି ସ୍ଥାନର ବାୟୁରେ ଭାସମାନ ସୂକ୍ଷ୍ମ କଣିକା ପ୍ରତି ଘନମିଟରରେ ୧୦ ଗ୍ରାମ ବୃଦ୍ଧି ଶିଶୁମାନଙ୍କ ମଧ୍ୟରେ ଶ୍ୱାସରୋଗ, ଶ୍ୱାସନଳୀରେ ପ୍ରଦାହ, ନିମୋନିଆ ଆଦି ବୃଦ୍ଧି କରାଇଥାଏ। ଫଳରେ ଦିଲ୍ଲୀର ଡାକ୍ତରଖାନାମାନଙ୍କରେ ଶିଶୁମାନଙ୍କ ଚିକିତ୍ସା ଲାଗି ସ୍ଥାନାଭାବ ଘଟିଲାଣି। ପୁନଶ୍ଚ ସେମାନେ ଅଧିକକାଳ ଲାଗି ଚିକିତ୍ସା ଆବଶ୍ୟକ କରୁଛନ୍ତି। ଗତବର୍ଷ 'ଏମ୍ସ'ର ଡାକ୍ତରମାନେ ସୂଚନା ଦେଇଛନ୍ତି ଯେ ଏ ସମୟରେ ଶ୍ୱାସରୋଗୀ ସଂଖ୍ୟା ୨୦/୨୫ ପ୍ରତିଶତ ବୃଦ୍ଧି ପାଉଛି। ଏଥିପୂର୍ବରୁ ପୃଥିବୀର ବିଭିନ୍ନ ସ୍ଥାନରେ ବହୁଳଭାବେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ଦୀର୍ଘସମୟ ଧରି ଶିଶୁମାନେ ପ୍ରଦୂଷିତ ବାୟୁର ସମ୍ମୁଖୀନ ହେବା ତାଙ୍କର ବିଦ୍ୟାଳୟରେ କମ ନମ୍ବର ରଖିବା ଏବଂ ବୋଧଶକ୍ତିର ହ୍ରାସ ସହିତ ସଂପୃକ୍ତ(ଆମେରିକାନ୍ ଇକୋନୋମିକ ଜର୍ଣ୍ଣାଲ୍: ଆପ୍ଲାଏଡ ଇକୋନୋମିକସ୍ ୨୦୨୧)। ୨୦୨୪ରେ ଅନୁଷ୍ଠିତ ସର୍ବେକ୍ଷଣରୁ ମଧ୍ୟ ଏହାକୁ ସମର୍ଥନ ମିଳିଥିଲା। ଶିଶୁମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିବା ସଂଗେ ସଂଗେ ସେମାନେ ଖୁବଶୀଘ୍ର ଦୁର୍ବଳ ଅନୁଭବ କରିବା ଏବଂ ଅସୁସ୍ଥତା ହେତୁ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଆଦିକୁ ଏହାର କାରଣ ରୂପେ ଦର୍ଶାଯାଇଥିଲା।

ପ୍ରାୟ ୫ ବର୍ଷ ତଳେ ଦିଲ୍ଲୀର କେତେକ ଶିଶୁ ବିଶୁଦ୍ଧ ବାୟୁ ଯୋଗାଇ ଦେବାକୁ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ। ସେ ସମୟର ସରକାର ତାଙ୍କୁ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ରକ୍ଷା କରିବା ତ ଦୂରର କଥା, ବରଂ ପରିସ୍ଥିତି ଅଧିକରୁ ଅଧିକ ବିଗିଡ଼ିବାରେ ଲାଗିଛି। ସେଠାରେ ବାୟୁମାନ ସୂଚକାଙ୍କ ୩୦୦ ରୁ ୪୦୦ ଅର୍ଥାତ୍ 'ଅତିଶୟ ଖରାପ' ଏବଂ ବେଳେ ବେଳେ ୪୦୦ ରୁ ଅଧିକ ଅର୍ଥାତ୍ 'ଭୟଙ୍କର' ସ୍ତରରେ ପହଞ୍ଚିଯାଉଛି। ଦେଶର ଅନେକସ୍ଥାନରେ ଏହି ସ୍ଥିତି ସୃଷ୍ଟି ହେଲାଣି। ଓଡ଼ିଶାର ୭/୮ ଟି ସହରରେ ବାୟୁମାନ ସୂଚକାଙ୍କ ୩୦୦ ଅତିକ୍ରମ କରିଯାଉଛି। ଅତଏବ ଜନସାଧାରଣ, ବିଶେଷକରି ଶିଶୁମାନେ, ଏହାର କୁପରିଣାମ ଭୋଗୁଛନ୍ତି। ସେଥିରେ ହଜି ଯାଉଛି ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ। ଏସବୁର ମୂଳରେ ରହିଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଣନିୟନ୍ତ୍ରିତ ଅଗ୍ରଗତି ହେତୁ ଶିଳ୍ପର ପ୍ରସାର, ସହରୀକରଣ, ଯାନବାହନ ସଂଖ୍ୟାବୃଦ୍ଧି ଏବଂ ସେଥିପାଇଁ ଆବଶ୍ୟକ ପଡୁଥିବା ବୃକ୍ଷଛେଦନ ଇତ୍ୟାଦି। ଏପରିସ୍ଥଳେ, ବର୍ତ୍ତମାନର ଶିଶୁମାନେ ନିଜକୁ ହତଭାଗ୍ୟ ବୋଲି ମନେ କରିବା ସ୍ୱାଭାବିକ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ନାଗନୀ ମାତା ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତର ବିଭିନ୍ନ ଅଞ୍ଚଳରେ ଥିବା ବିଚ୍ଛା ମନ୍ଦିର ସମ୍ପର୍କରେ ଆମେ ଗତ ଦୁଇ ସପ୍ତାହର ଦୁଇଟି ଅଧ୍ୟାୟରେ ଆଲୋଚନା କରି ଆସୁଛେ। ସେଥିମଧ୍ୟରୁ କିଛି ଲୋକଲୋଚନକୁ ଆସିଛି ଏବଂ ଅନେକ ଅନାଲୋଚିତ ହୋଇ ରହିଯାଇଛି। କିନ୍ତୁ ଏହି ମନ୍ଦିର ଯେ ଭାରତୀୟ ଧର୍ମଧାରଣା, ଆସ୍ଥା ଓ ବିଶ୍ୱାସର ମୂଳଦୁଆ ଉପରେ ଗଢ଼ିଉଠିଛି ତାହା ଅନସ୍ୱୀକାର୍ଯ୍ୟ। ଏହି ଆସ୍ଥା ଓ ବିଶ୍ୱାସର ପ୍ରତିଦାନରେ ଉକ୍ତ ମନ୍ଦିରର ଚମତ୍କାରୀ ଶକ୍ତି ଓ ଅଲୌକିକତାର ଧାରା ଏବେ ମଧ୍ୟ ଜନକଲ୍ୟାଣ ପାଇଁ ଜାରି ରହିଛି। ସେହିଧାରାରେ ଆଜି ଭାରତବର୍ଷର ଆଉ କିଛି ବିଚ୍ଛା ମନ୍ଦିର ବିଷୟରେ ଆଲୋଚନା କରିବା।

ହିମାଚଳ ପ୍ରଦେଶ ଓ ପଞ୍ଜାବ ସୀମାବର୍ତ୍ତି ଅଞ୍ଚଳରେ ନାଗନୀ ମାତା ନାମକ ଗୋଟିଏ ଚମତ୍କାରୀ ମନ୍ଦିର ଅଛି। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରର ମାଟିକୁ ଘରେ ଆଣି ରଖିବା ଦ୍ୱାରା ବିଚ୍ଛା ଓ ସାପ ଭଳି ବିଷାକ୍ତ ପ୍ରାଣୀ ଘରକୁ ଆସିନଥା'ନ୍ତି। ଯଦି କୌଣସି ବ୍ୟକ୍ତିକୁ ବିଚ୍ଛା କିମ୍ବା ସର୍ପଦଂଶନ କରିଥାଏ, ତେବେ ଏହି ମନ୍ଦିରର ମାଟିକୁ ଲେପ ଦେଲେ ବିଷ କ୍ଷୟ ହୋଇ ରୋଗୀର ପ୍ରାଣ ରକ୍ଷା ହୁଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ୨ ମାସ ଧରି ଏଠାରେ ଏକ ବିଶେଷ ମେଳାର ଆୟୋଜନ ହୋଇଥାଏ। ଦେବୀଙ୍କର ବିଶେଷ ପୂଜାର୍ଚ୍ଚନା ପରେ ଭକ୍ତମାନେ ମନ୍ଦିରର ମାଟିକୁ ନେଇ ଘରେ ରଖିଥା'ନ୍ତି।



ଲୋକକଥା ଅନୁଯାୟୀ, ଏକଦା ଜଣେ ଗୋରଖ ବାବା ଏହି ସ୍ଥାନକୁ ନିଜର ତପୋଭୂମି ଭାବେ ବାଛି ନେଇଥିଲେ। ଘନ ଜଙ୍ଗଲରେ ପରିପୂର୍ଣ୍ଣ ଏହି ସ୍ଥାନରେ ଗୋରଖ ବାବା ବର୍ଷ ବର୍ଷ ଧରି ତପସ୍ୟା କରୁଥିବା ସମୟରେ ଥରେ ଗ୍ରାମବାସୀ ଦେଖିବାକୁ ପାଇଲେ ଯେ, ବାବାଙ୍କ ମସ୍ତକ ଉପରେ ଗୋଟିଏ ସୁବର୍ଣ୍ଣ ନାଗ ଶୋଭା ପାଉଛି। ଏହାର ରହସ୍ୟ ଗ୍ରାମବାସୀମାନେ ପଚାରିବା ପରେ ଗୋରଖ ବାବା କହିଥିଲେ ଯେ, ସେହି ପବିତ୍ର ଭୂମି ହେଉଛି ନାଗନୀ ମାତାଙ୍କର। ତେଣୁ ଏଠାରେ ସେ ତପସ୍ୟା କରିବା ପାଇଁ ଆସିଛନ୍ତି। ପରବର୍ତ୍ତି ସମୟରେ ଏହି ସ୍ଥାନରେ ନାଗନୀ ମାତାଙ୍କ ମନ୍ଦିର ସ୍ଥାପନା କରାଯାଇଛି। ଏହି ମନ୍ଦିର ନିର୍ମାଣ ସମ୍ପର୍କରେ ଆଉ କେତେକ ଜନଶ୍ରୁତି, କିମ୍ବଦନ୍ତୀ ଓ ଦନ୍ତକଥା ମଧ୍ୟ ରହିଛି। ଏସବୁକୁ ବାଦ୍ ଦେଲେ ଲୋକମାନଙ୍କର ଅତୁଟ ବିଶ୍ୱାସ କାହିଁ କେଉଁ କାଳରୁ ନାଗମୀ ମାତାଙ୍କ ଉପରେ ରହିଆସିଛି। ଏବେ ମଧ୍ୟ ବିଚ୍ଛା, ସାପ ଓ ଅନ୍ୟ ବିଷାକ୍ତ କୀଟଦଂଶନ କରିଥିବା ବ୍ୟକ୍ତିଙ୍କୁ ମନ୍ଦିରର ମାଟି ଲେପନ କରାଯାଉଛି। ଦେବୀ ମା'ଙ୍କ କୃପାରୁ ପୀଡ଼ିତ ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛି। ଏତିକି କୁହାଯାଇପାରେ ଯେ, ବିଜ୍ଞାନ ଯୁଗରେ ମଧ୍ୟ ଦୈବୀକୃପାର ବିଶ୍ୱାସ ବିଜୟୀ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିଶ୍ୱାସର ଧାରା ଅକ୍ଷୁଣ୍ଣ ରହିବ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରେ ଶୀତ ଲହରୀ ଜାରି

ବାରିପଦା, ୮।୧(ସମିସ): ରାଜ୍ୟରେ ଚାଲିଥିବା ଶୀତ ଲହରୀ ଯୋଗୁଁ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ପାରଦ ଅତ୍ୟନ୍ତ ନିମ୍ନସ୍ତରକୁ ଖସିଛି। ଗତ ୨୪ଘଣ୍ଟାରେ ରେକର୍ଡ

## ଉପର ବରକାମୁଡ଼ାରେ ଶୂନ୍ ଡିଗ୍ରୀ

ହୋଇଥିବା ନ୍ୟୂନତମ ତାପମାତ୍ରା ଅନୁଯାୟୀ, କୋର୍ ଏରିଆରେ ଥିବା ଉପର ବରକାମୁଡା (ୟୁବିକେ)ଠାରେ ପୂର୍ବଦିନର ରେକର୍ଡ ୦ ଡିଗ୍ରୀ ସେଲସିୟସ୍ ଅପରିବର୍ତ୍ତିତ ରହିଛି। ସେହିପରି ଚାହାଲାରେ ୨ ଡିଗ୍ରୀ, ଗୁଡଗୁଡିଆରେ ୩ଡିଗ୍ରୀ, ରାମତୀର୍ଥରେ ୯ଡିଗ୍ରୀ, କିଆଝରିରେ ୧୧ ଡିଗ୍ରୀ ଓ ସାତକୋଶିଆରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ବନ୍ୟଜନ୍ତୁ ଶୀତରେ କଲବଲ ହେଉଛନ୍ତି। ଶୀତରେ ପର୍ଯ୍ୟଟକଙ୍କୁ ସାବଧାନତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



# ଶିଶୁ ସୁରକ୍ଷାକୁ ନେଇ ସିଡବ୍ଲ୍ୟୁସି-ଉପଜିଲ୍ଲାପାଳ ମୁହାଁମୁହିଁ

ଯାଜପୁର, ୮।୧(ସମିସ): ରାଜ୍ୟରେ ଶିଶୁ ସୁରକ୍ଷା ପାଇଁ ଶିଶୁ ମଙ୍ଗଳ ସମିତି ଏବଂ ଶିଶୁ ସୁରକ୍ଷା ୟୁନିଟ୍ ରହିଛି। ଏଥିସହ ପଞ୍ଚାୟତଠାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଅନେକ ଅନୁଷ୍ଠାନ ମଧ୍ୟ କାମ କରୁଛନ୍ତି। କିନ୍ତୁ ଏହି ଶିଶୁ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବାକୁ ଯାଇ ଯାଜପୁର ଉପଜିଲ୍ଲାପାଳ ଓ ସିଡବ୍ଲ୍ୟୁସି ମୁହାଁମୁହିଁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ଏକ ପାରିବାରିକ ବିବାଦରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ୨ ବର୍ଷର ଶିଶୁପୁତ୍ର ଶିଶୁ ମଙ୍ଗଳ କମିଟି ତତ୍ତ୍ୱାବଧାନରେ ରହିଥିଲା। ଶିଶୁର ମା'ଙ୍କ ଅଭିଯୋଗ କ୍ରମେ ଯାଜପୁର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଶିଶୁପୁତ୍ରକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ପୁତ୍ରକୁ ମାତୃ ସ୍ତନ୍ୟପାନ ଆବଶ୍ୟକତା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଉପଜିଲ୍ଲାପାଳଙ୍କ ଏପରି ଆଦେଶକୁ ନାପସନ୍ଦ କରିଛି ସିଡବ୍ଲୁସି। ଯେଉଁ ମା' ୧୩ ମାସର ପିଲାକୁ ବିଡ଼ି ଟଣାଇ ଭିଡ଼ିଓ କରିବା ଘଟଣାରେ ଶିଶୁପୁତ୍ରକୁ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଦ୍ଧାର କରାଯାଇଥିଲା। ଟାଉନ୍ ପୁଲିସ ଶିଶୁପୁତ୍ରକୁ ହାଜର କରାଇବାକୁ ଆଣି ନଫେରାଇ ବାରୁ ୨୪ ଘଣ୍ଟା ଭିତରେ ଶିଶୁପୁତ୍ରକୁ ଉଦ୍ଧାର କରି ହାଜର କରାଇବାକୁ ସିଡବ୍ଲୁସି ନିର୍ଦ୍ଦେଶ ଦେଇଛି। ତେବେ ଏହି ଘଟଣାରେ ଉପ ଜିଲ୍ଲାପାଳଙ୍କୁ ପୂର୍ବ ଘଟଣାକ୍ରମକୁ ଅନ୍ଧାରରେ ରଖି ଶିଶୁପୁତ୍ରକୁ ଖସାଇ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁ ମଙ୍ଗଳ କମିଟି ଏକାଧିକାର କ୍ଷମତା ଉପରେ ହସ୍ତକ୍ଷେପ ଓ ଧାରା ୩ର ଉଲ୍ଲଂଘନ ଧାରା ୩୬, ୩୭ ଆବଶ୍ୟକ ଆଇନଗତ ପ୍ରକ୍ରିୟାକୁ ଅବହେଳା, ଜେଜେ ଆକ୍ଟର ଉଲ୍ଲଂଘନ ବୋଲି ସିଡବ୍ଲୁସି ପକ୍ଷରୁ କୁହାଯାଇଛି। ଏପରି ଘଟଣା ଶିଶୁ ମଙ୍ଗଳ କମିଟିର ସାମ୍ବିଧାନିକ ମର୍ଯ୍ୟାଦାକୁ ଅସମ୍ମାନ କରିବା ସହ ଶିଶୁକୁ ବିପଦ ମୁହଁକୁ ଠେଲି ଦିଆଯାଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା କହିଛନ୍ତି, ଉପଜିଲ୍ଲାପାଳ କେଉଁ ଅଧିକାର ବଳରେ ଏପରି କାର୍ଯ୍ୟ କଲେ ତାହା ସ୍ପଷ୍ଟ କରନ୍ତୁ। ତୁରନ୍ତ ଶିଶୁପୁତ୍ରକୁ ଫେରାଇ ଆଣିବାକୁ ଦାବି କରିବା ସହ ଏ ସଂପର୍କରେ ଶିଶୁ ସୁରକ୍ଷା ବିଭାଗକୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଉପଜିଲ୍ଲାପାଳଙ୍କ

- ଶିଶୁକୁ ସ୍ତନ୍ୟପାନରୁ କେହି ବଞ୍ଚିତ କରିପାରିବେନି: ଉପଜିଲ୍ଲାପାଳ
- ୧୩ ମାସର ଶିଶିକୁ ବିଡ଼ି ଟଣାଇ ଭିଡିଓ କରିଥିଲା ମା'

ନିର୍ଦ୍ଦେଶକ୍ରମେ ପୁଲିସ ତାର କାର୍ଯ୍ୟ କରିଛି ବୋଲି କହିଥିବାବେଳେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଆଇନ ଅନୁଯାୟୀ ଜଣେ ଶିଶୁକୁ ତା ମା' ପାଖରେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ତନ୍ୟପାନ କରୁଥିବା ଜଣେ ଶିଶୁକୁ କେହି ଅଟକାଇପାରିବେ ନାହିଁ ବୋଲି ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେଣୁ ଉଭୟ ସିଡବ୍ଲ୍ୟୁସି ଏବଂ ଉପଜିଲ୍ଲାପାଳଙ୍କ ମଧ୍ୟରେ ଚାଲିଥିବା ଆଇନଗତ ଯୁଦ୍ଧ ଆଗକୁ କେଉଁ ରୂପ ନେଉଛି ଦେଖିବାକୁ ବାକି ରହିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଉପରେ...

ନେଟୱର୍କ ଉପରେ କଠୋର କଟକଣା ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ରୁଷକୁ କଟକଣାରୁ ବର୍ତ୍ତିବାରେ ସହାୟତା କରୁଥିବା ଦେଶ, କମ୍ପାନୀ କିମ୍ବା ବ୍ୟାଙ୍କ ଉପରେ ମଧ୍ୟ କଟକଣା ଲଗାଇବାର ବ୍ୟବସ୍ଥା ରହିଛି। କହିବାକୁ କଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୁଷ ସହ କାରବାର କରୁଥିବା ଦେଶ କିମ୍ବା କମ୍ପାନୀ ଆମେରିକା କଟକଣାର ଶିକାର ହେବ।

ଏହି ବିଲ୍‌ରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଜବତ ରୁଷ ସମ୍ପତ୍ତିକୁ ୟୁକ୍ରେନର ପୁନଃ ନିର୍ମାଣରେ ବ୍ୟବହାର କରିବାକୁ କୁହାଯାଇଛି। ଏହା ଦ୍ୱାରା ଯୁଦ୍ଧ ଜନିତ କ୍ଷତିର ମଧ୍ୟ ଭରଣା ହୋଇପାରିବ। ରୁଷ ଉପରେ କଟକଣା ଲଗାଇବା ପାଇଁ ଟ୍ରମ୍ପ ଜାରି କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଏହା ମାଧ୍ୟମରେ ବିଲ୍‌ରେ ପରିଣତ କରାଯିବ। ଭବିଷ୍ୟତରେ ଯେପରି କୌଣସି ଆମେରିକୀୟ ରାଷ୍ଟ୍ରପତି ଏହି କଟକଣାକୁ ନ ହଟାଇପାରିବେ ସେଭଳି ବ୍ୟବସ୍ଥା କରିବାକୁ ଟ୍ରମ୍ପ ଚାହୁଁଛନ୍ତି। କୌଣସି ପ୍ରକାରର ଆଶ୍ୱସ୍ତି ପାଇଁ କଂଗ୍ରେସର ମଞ୍ଜୁରି ନେବାକୁ ହେବ। ବିଲ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର ଅଧିକାର ଦେବାର ନିୟମ ରହିଛି। ରୁଷ୍ ଉପରେ କଟକଣା ପାଇଁ ଅଣା ଯାଇଥିବା ଏହି ବିଲକୁ ଉଭୟ ଶାସକ ଏବଂ ବିରୋଧୀ ଦଳର ସାଂସଦ ଆଣିଛନ୍ତି। ଲିଣ୍ଡେସଙ୍କ ସହିତ ଡେମୋକ୍ରାଟ ସିନେଟର ରିଚାର୍ଡ ବ୍ଲୁମେନଥଲ ଏହାକୁ ଉପସ୍ଥାପନ କରିଛନ୍ତି। ସିନେଟର ୮୦ ପ୍ରତିଶତରୁ ଅଧିକ ସାଂସଦ ଏହା ସପକ୍ଷରେ ଥିବା ଲିଣ୍ଡେସ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷଠାରୁ ଅଶୋଧିତ ତୈଳ ଆଣୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଏହି ବିଲ୍ ପାରିତ ହେଲେ ଭାରତର ସମସ୍ୟା ବଢ଼ିବ। ଆମେରିକାରେ ନିଜ ସାମଗ୍ରୀ ବିକିବା ପାଇଁ ଭାରତ ପାଇଁ କାଠିକର ହେବ।

### ଆୟର ୭୫% ...

ଅଗ୍ନିବେଶଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ୧୯୭୬ ଜୁନ୍ ୩ରେ ଜନ୍ମିତ ଅଗ୍ନିବେଶ ଜଣେ ଉତ୍ତମ ବ୍ୟକ୍ତି ଥିଲେ। ସେ ଆଜମେରର ମେୟୋ କଲେଜରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ। ସେ ବେଦାନ୍ତର କମ୍ପାନୀ ତଲୱଣ୍ଡି ସାବୋ ପାୱାର ଲିମିଟେଡ (ଟିଏସପିଏଲ)ର ବୋର୍ଡରେ ଥିଲେ। ୨୦୧୯ ପର୍ଯ୍ୟନ୍ତ ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ତାଙ୍କ ନେତୃତ୍ୱରେ ହିନ୍ଦୁସ୍ତାନ ଜିଙ୍କ ଖଣି ଜ୍ଞାନକୌଶଳକୁ ଆଧୁନିକ କରିଥିଲା। ଅଗ୍ନିବେଶ ଫୁଜୈରାହ ଗୋଲ୍ଡର ପ୍ରତିଷ୍ଠାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### ଯାତ୍ରୀଙ୍କଠାରୁ ଚୋରି...

ରାତିରେ ଭୁବନେଶ୍ୱର ଫେରିଥିଲେ। ସାଙ୍ଗରେ ପରିବାର ଲୋକଙ୍କ ପାଇଁ ଅନେକଗୁଡ଼ିଏ ଉପହାର ଆଣିଥିଲେ। ବିମାନବନ୍ଦରରେ ଅବତରଣ ପରେ କଟକ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ସେ ଏକ ଓଲା କ୍ୟାବ୍ ବୁକିଂ କରିଥିଲେ। ଉକ୍ତ କ୍ୟାବ୍‌କୁ ନାଗେଶ୍ୱର ଚଲାଉଥିଲେ। ନାଗେଶ୍ୱର ବିମାନବନ୍ଦର ନିକଟରେ ଅମନ୍‌ଙ୍କ ଜିନିଷପତ୍ର ଗାଡ଼ିରେ ରଖି କଟକ ଅଭିମୁଖେ ବାହାରିଥିଲେ। ବାଟରେ ପରିବବାର ଲୋକଙ୍କ ସହ ଅମନ୍ ଦାମି ଉପହାର ସମ୍ପର୍କରେ ଆଲୋଚନା କରିଲା ବେଳେ ନାଗେଶ୍ୱର ସବୁ ଶୁଣିଥିଲେ। ଏଣୁ ଅମନ୍‌ଙ୍କଠାରୁ ଏସବୁ ସାମଗ୍ରୀ ଚୋରି କରିବାକୁ ନାଗେଶ୍ୱର ଯୋଜନା କରିଥିଲେ। ଚନ୍ଦ୍ରଶେଖରପୁର ଥାନା ନିକଟରେ ଥିବା ଏକ ସିଏନ୍‌ଜି ଷ୍ଟେସନ ନିଟକରେ ନାଗେଶ୍ୱର ଜାଣିଶୁଣି ବାରମ୍ବାର ଗାଡ଼ିକୁ ବନ୍ଦ କରି ଇନ୍ଧନ ସରି ଯାଇଥିବା ଅଭିନୟ କଲେ। ନାଗେଶ୍ୱର ସିଏନ୍‌ଜି ଭରିବା ପୂର୍ବରୁ ଅମନ୍‌ଙ୍କୁ ବାହାରେ ଛିଡ଼ା ହେବାକୁ କହିଥିଲେ। ତାଙ୍କ କଥା ମାନି ଅମନ୍ କ୍ୟାବ୍‌ରୁ ବାହାରକୁ ବାହାରିବା ମାତ୍ରେ ଜିନିଷପତ୍ର ସହ ନଗେଶ୍ୱର ଫେରାର୍ ହୋଇ ଯାଇଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଏକ ଟିମ୍ ଗଠନ କରି ନାଗେଶ୍ୱରଙ୍କୁ ଡମଣା ଅଞ୍ଚଳରୁ ଗିରଫ କରିଥିଲା ବୋଲି ଜୋନ୍ ଏସିପି ସୋନାଲି ପରମାର୍ ଚନ୍ଦ୍ରଶେଖର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନିଶାଶକ୍ତ ଥିଲେ ବୋଲି ପୁଲିସ କହିଛି। ତେବେ ରାଜଧାନୀରେ ଘରୋଇ କ୍ୟାବ୍ ସର୍ଭିସ୍ ସଂସ୍ଥାରେ କାମ କରୁଥିବା ଡ୍ରାଇଭରମାନଙ୍କ ଆପରାଧୀକ ତଥ୍ୟ ଯାଞ୍ଚ କରାଯାଉ ନ ଥିବାରୁ ଯାତ୍ରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

### କୋଲକାତାରେ ହାଇଡ୍ରାମା...

ମମତା ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂସ୍ଥାର ପ୍ରତିଷ୍ଠା କରିଥିଲେ ପ୍ରଶାନ୍ତ କିଶୋର। ପ୍ରଶାନ୍ତ ରାଜନୀତିରେ ଯୋଗଦେବା ପରେ ପ୍ରତୀକ ଜୈନ ଏହାର ମୁଖ୍ୟ ଅଛନ୍ତି। ଏହି ସଂସ୍ଥା ନିର୍ବାଚନ ସଂପର୍କରେ ତୃଣମୂଳ କଂଗ୍ରେସ ପାଇଁ ରଣନୀତି ପ୍ରସ୍ତୁତ କରିବା ସହିତ ଏହା ଦଳର ମିଡିଆ ଏବଂ ଆଇଟି ସେଲ୍ ଭାବେ କାର୍ଯ୍ୟ କରୁଛି। ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପୁଲିସ ଓ ସରକାରୀ ଅଧିକାରୀଙ୍କୁ ନେଇ ପହଞ୍ଚିଥିଲେ। କିଛି ସମୟ ପରେ ବ୍ୟସ୍ତ ବିବ୍ରତ ଦେଖାଯାଉଥିବା ମମତା ହାତରେ ଏକ ସବୁଜ ଫାଇଲ ଧରି ବାହାରକୁ ଆସଥିଲେ। ସେ ଅଭିଯୋଗ କରିଥିଲେ ଯେ ରାଜନୈତିକ କାରଣରୁ ଏଭଳି ଚଢ଼ଉ କରାଯାଉଛି। ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି, ଦଳର ଗୋପନୀୟ ଦଲିଲ ଏବଂ ୨୦୨୬ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସଂପର୍କରେ ତଥ୍ୟ ନେବାଲାଗି ଇଡି ଏହି ଚଢ଼ାଉ କରିଛି। ଏହା ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ହାତ ରହିଛି ବୋଲି ସେ କହିଥିଲେ। ଏହାପରେ ମମତା ସିଧା ସଲଟ ଲେକ୍ ସ୍ଥିତ ଆଇପିଏସି ଅଫିସ ଯାଇଥିଲେ। ସେଠାରେ ମଧ୍ୟ ଇଡି ଚଢ଼ଉ ଚାଲିଥିଲା। ଅଫିସର ପଛ ଦ୍ୱାର ଦେଇ ମମତା ଭିତରକୁ ଯାଇଥିଲ। ୧୫/୨୦ ମିନିଟ ପରେ ଆଉ କିଛି ଫାଇଲ ଧରି ସେ ବାହାରିଥିଲେ। ଏହିସବୁ ଫାଇଲକୁ ସେ ତାଙ୍କ କାର ପଛ ସିଟ୍‌ରେ ରଖି ପଳାଇଥିଲେ। ତାଙ୍କ ସହିତ ପୁଲିସ ଓ ସିଭିଲ ଅଧିକାରୀ ମଧ୍ୟ ଥିଲେ।

ଅନ୍ୟପକ୍ଷରେ ଇଡି ପକ୍ଷରୁ କୁହାଯାଇଛି ଯେ ମନି ଲଣ୍ଡରିଂ ମାମଲାରେ ଆଇପିଏସି ଅଫିସରେ ଚଢ଼ଉ କରାଯାଇଛି। ବେଙ୍ଗଲ କୋଇଲା ଖଣି ଦୁର୍ନୀତିରୁ ଆସିଥିବା ଅର୍ଥ ଆଇପିଏସିକୁ ମିଳିଛି। ୨୦୨୨ ଗୋଆ ନିର୍ବାଚନରେ ଏହି ଅର୍ଥକୁ ଖର୍ଚ୍ଚ କରାଯାଇଛି। ଆଇପିଏସି ଅଫିସରେ ଏହାର ଯାଞ୍ଚ କରାଯାଉଥିବା ବେଳେ ମମତା ବାନାର୍ଜୀ, ତାଙ୍କର ସହଯୋଗୀ ଏବଂ ପୁଲିସ ଅଧିକାରୀ ଏସଂକ୍ରାନ୍ତ ଫାଇଲ ଓ କଂପ୍ୟୁଟର ଡିସ୍କକୁ ଜୋରଜବରଦସ୍ତି ନେଇଯାଇଛନ୍ତି। ଇଡି ଅଧିକାରୀ କହିଛନ୍ତି ଯେ କୌଣସି ଦଳୀୟ ଅଫିସରେ ଚଢ଼ଉ କରାଯାଇ ନାହିଁ କି ଏହା ସହିତ ନିର୍ବାଚନର କୌଣସି ସଂପର୍କ ନାହିଁ।

ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଛି। ତେବେ ମମତା ନେଇଯାଇଥିବା ଫାଇଲରେ କଣ ରହିଛି, ତାହା ଜଣାପଡ଼ି ନାହିଁ। ଇଡି ହାତରେ କି ଫାଇଲ ଲାଗିଛି, ତାହା ମଧ୍ୟ ଜଣାପଡ଼ି ନାହିଁ। ଇଡିର ଏହି ଚଢ଼ଉର ପ୍ରତିବାଦ କରି ମମତା ଆସନ୍ତାକାଲି କଲିକତାରେ ବିକ୍ଷୋଭ ରାଲି ବାହାର କରିବାକୁ ଘୋଷଣା କରିଛନ୍ତି। ତେବେ ମମତାଙ୍କ ଏଭଳି ଆଚରଣର ସମାଲୋଚନା କରିଛି ବିଜେପି। ମମତା ନେଇଯାଇଥିବା ଫାଇଲରେ ଦୁର୍ନୀତି ଓ ଦେଶ ବିରୋଧୀ ତଥ୍ୟ ରହିଛି ବୋଲି ବିଜେପି ଅଭିଯୋଗ କରିଛି।

### ନଇଁଲେ ସରକାର...

ପୁନର୍ବିନ୍ୟାସ,ବିଶେଷଜ୍ଞ ଭତ୍ତାର ବୃଦ୍ଧି, ଶବ ବ୍ୟବଚ୍ଛେଦ ଭତ୍ତା ଏବଂ ଦନ୍ତ ଚିକିତ୍ସକ ମାନଙ୍କର ବିଶେଷଜ୍ଞ ଭତ୍ତା (ନୂଆକରି) ପ୍ରସ୍ତାବ ପାରିତ ହେଇସାରିଛି। ଅପରପକ୍ଷେ ବିଳମ୍ବରେ ହେଲେ ମଧ୍ୟ ଡାକ୍ତରମାନଙ୍କର ସ୍ୱାସ୍ଥ୍ୟବୀମା ନିଶ୍ଚୟ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ପକ୍ଷରୁ ଗତ ୨୬ ତାରିଖରେ ପ୍ରଥମେ ୧ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ମାତ୍ର ସରକାର ଦାବିକୁ ଅଣଦେଖା କରିବାରୁ ସଂଘ ପକ୍ଷରୁ ଗତ ୫ ତାରିଖରୁ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ଆନ୍ଦୋଳନକୁ ଦମନ ପାଇଁ ଗତ ୬ ତାରିଖରେ ରାଜ୍ୟ ସରକାର ଆନ୍ଦୋଳନ ବିରୋଧରେ ୬ ମାସ ପାଇଁ ଏସ୍‌ମା ଲଗାଇଥିଲେ।

### ପୁରୀରେ ପର୍ଯ୍ୟଟକଙ୍କୁ...

ସୁବିଧା ରହିଛି। ଅନ୍‌ଲାଇନରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀ ନିବାସଗୁଡ଼ିକରେ ଚାରିଚକିଆ ଗାଡିର ପାର୍କିଂ ସୁବିଧା ରହିଛି। ଯାତ୍ରୀ ନିବାସରେ ରହୁଥିବା ଯାତ୍ରୀ ସେଠାରେ ତାଙ୍କ ଗାଡ଼ି ପାର୍କିଂ କରିଥାନ୍ତି। ହେଲେ ଗତ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶରେ ଉନ୍ନୟନ ପ୍ରଶାସକ ଅଫିସ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଏଣିକି ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇଛି। କୌଣସି ଭକ୍ତ ଯଦି ନିଜ ଚାରିଚକିଆ ଯାନ ୨୪ଘଣ୍ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସରେ ପାର୍କ କରୁଛନ୍ତି, ତେବେ ସେମାନଙ୍କୁ ୫୦୦ ଟଙ୍କା ଦେବାକୁ ପଡିବ। ସାଧାରଣତଃ ୨୪ଘଣ୍ଟା ଗାଡ଼ି ପାର୍କିଂ ନିମନ୍ତେ ୫୦ରୁ ୧୦୦ଟଙ୍କା ଭିତରେ ଆଦାୟ ହୋଇଥାଏ। ହେଲେ, ଏହି ପରିମାଣକୁ ୫୦୦ଟଙ୍କା କରାଯିବା ଯାତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏ ନିଷ୍ପତ୍ତି ସମ୍ପର୍କରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଭକ୍ତ ନିବାସ ଭଳି ସ୍ଥାନରୁ ଏତେ ପାର୍କିଂ ଫି' କୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହର ଉପକଣ୍ଠ ବେଲେଶ୍ୱର ପୀଠରେ ମଧ୍ୟ ପାର୍କିଂ ନାଁରେ ଭକ୍ତଙ୍କୁ ଶୋଷଣ କରାଯାଉଛି। ୩ଘଣ୍ଟା ପାଇଁ ବସ୍ ପିଛା ୨୦୦ ଟଙ୍କା, କାର୍ ୧୦୦ ଏବଂ ବାଇକ୍ ପାଇଁ ୨୦ଟଙ୍କା ଆଦାୟ କରାଯାଉଛି। ହେଲେ ପାର୍କିଂ ଫି' ଏତେ ଟଙ୍କା ନେଉଥିଲେ ବି ଦାୟିତ୍ୱ ସେମାନଙ୍କର ନୁହେଁ ବୋଲି ମନ୍ଦିର କମିଟି ରସିଦ୍ ଲେଖାହିଁ ସ୍ପଷ୍ଟ କରୁଛି। କାରଣ ଟଙ୍କା ନେବା ପରେ ସେମାନେ ଯେଉଁ ପାର୍କିଂ ରସିଦ୍ ଦେଉଛନ୍ତି, ସେଥିରେ ଲେଖାଯାଇଛି 'ଡ୍ରାଇଭର୍ ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ। କୌଣସି କ୍ଷୟକ୍ଷତି କିମ୍ବା ଚୋରି ପାଇଁ ଆମେ ଦାୟୀ ନୁହେଁ। ଗାଡ଼ି ରଖିବାର ସମୟସୀମା ୩ଘଣ୍ଟା।' ଅର୍ଥାତ୍ ଯଦି କେହି ଅଧିକ ସମୟ ଗାଡ଼ି ରଖନ୍ତି, ତେବେ ତାଙ୍କୁ ଆହୁରି ଅଧିକ ଟଙ୍କା ଦେବାକୁ ପଡ଼ିପାରେ। ଉପରୋକ୍ତ ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ପୁରୀରେ ଏମିତି ଏକାଧିକ ପାର୍କିଂରେ ଭକ୍ତ, ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ସବୁବେଳେ 'ଅତିଥି ଦେବୋ ଭବ'ର ନାରା ଦେଉଛେ। ହେଲେ ଶ୍ରୀକ୍ଷେତ୍ର ପୁରୀରେ ଯଦି ଅତିଥିମାନଙ୍କୁ ଏଭଳି ଶୋଷଣ ଜାରି ରୁହେ, ତେବେ ସେମାନେ କେଉଁପ୍ରକାର ଅନୁଭୂତି ନେଇ ଫେରୁଥିବେ? ସମୟ ଆସିବ, ଏଭଳି କିଛି ଘଟଣା ପାଇଁ ପୁରୀକୁ ଭକ୍ତ, ପର୍ଯ୍ୟଟକ ମୁହଁ ମୋଡ଼ିପାରନ୍ତି। ତେଣୁ ବେଳ ଥାଉଥାଉ ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ଦାବି ଉଠୁଛି।

### ୩ ଅଦାଲତକୁ...

ଜିଲ୍ଲା ଅଦାଲତର ବିଚାରପତିମାନେ ବାହାରକୁ ଚାଲିଆସିଥିଲେ। ପରେ ସମସ୍ତଙ୍କୁ ଅଦାଲତ କୋଠା ବାହାରକୁ ଚାଲି ଆସିବାକୁ କୁହାଯାଇଥିଲା। ୫ଟି ପୁଲିସ ଟିମ ପହଞ୍ଚି ଅଦାଲତ ଖାଲି କରିଥିଲା। ଓଡ଼ିଶା ହାଇକୋର୍ଟ ପାଇଁ କୌଣସି ସିଧାସଳଖ ଧମକ ମିଳି ନଥିଲା, ତଥାପି ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ତୁରନ୍ତ ଖାଲି କରିଦିଆଯାଇଥିଲା। ବିଚାରପତି, ଆଇନଜୀବୀ, ମହକିଲ ଓ କର୍ମଚାରୀମାନେ ଅଦାଲତ ବାହାରକୁ ଆସିବା ପରେ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଦଳ, ବ୍ଲାକ୍ କମାଣ୍ଡୋ ଓ ଟାକ୍ଟିକାଲ ଟିମ୍ ସହାୟତାରେ କଟକର ଉଭୟ କୋର୍ଟ ପରିସରରେ ବ୍ୟାପକ ଯାଞ୍ଚ କରାଯାଇଥିଲେ ସୁଦ୍ଧା କୌଣସି ସନ୍ଦେହଜନକ ସାମଗ୍ରୀ ବା ବସ୍ତୁ ମିଳି ନଥିଲା। ଯାଞ୍ଚ ଶେଷ ପରେ ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିଜେ ଅଦାଲତକୁ ଯାଇ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି ଘଟଣା ଉପରେ ନଜର ରଖିଛନ୍ତି ବୋଲି କହିଥିଲେ। ଏହି ଘଟଣା ପରେ ହାଇକୋର୍ଟ ସମେତ ସମସ୍ତ ଅଦାଲତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଧମକପୂର୍ଣ୍ଣ ଇ-ମେଲ୍‌ଟି ତାମିଲନାଡୁରୁ ଆସିଥିବା ଡିଜିପି କହିଛନ୍ତି।

ନିକଟରେ ପାଟନା ଓ କେରଳର ଅଦାଲତକୁ ମଧ୍ୟ ସମାନ ଧମକ ଆସିବା ପରେ ଅଦାଲତ ଖାଲି କରାଯାଇ ଯାଞ୍ଚ କରାଯାଇଥିଲା। ତେବେ ଜନସାଧାରଣ ଆତଙ୍କିତ ନହେବା ସହ ପୁଲିସକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ଅନ୍ୟପଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ କମିସନରେଟ୍ ପୁଲିସ ଓ କ୍ରାଇମବ୍ରାଞ୍ଚ ସାଇବର ସେଲ ମିଳିତ ତଦନ୍ତ କରୁଥିବା କହିଛନ୍ତି ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ। ସାଇବର୍ ଏକ୍ସପର୍ଟମାନେ ଉକ୍ତ ଇ-ମେଲ୍‌ର ଉତ୍ସ (ଆଇପି ଆଡ୍ରେସ୍) ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

### ଆହୁରି ୨...

ଭୁବନେଶ୍ୱରରେ ପାରଦ ୯.୪ ଡିଗ୍ରୀ ଓ କଟକରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏଥିପାଇଁ ଦୁଇ ସହରରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ପ୍ରବଳ ଶୀତ ଜାରି ରହିବ। ମାତ୍ର ୨ ଦିନ ପରେ ୨-୩ ଡିଗ୍ରୀ ବୃଦ୍ଧି କାରଣରୁ ଶୀତ କିଛି ମାତ୍ରାରେ କମିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁର, ଖୋର୍ଦ୍ଧା, ବାଲେଶ୍ୱର, ଅନୁଗୁଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରିଛି।

### ଚିନ୍ତା ପ୍ରକଟ...

ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ। ଏପରି ସ୍ଥିତିରେ ଜନସାଧାରଣ ଶାନ୍ତ ରୁହନ୍ତୁ, ଗୁଜବ ପ୍ରଚାରରୁ ଦୂରେଇ ରୁହନ୍ତୁ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

**ହଜିଛି**

ମୁଁ ଶ୍ରୀ ହିତେଶ କୁମାର ବଗର୍ତ୍ତୀ, ପିତା: କୁଞ୍ଜବିହାରୀ ବଗର୍ତ୍ତୀ, ସା/ପୋ: ଖଡିଆଳ, ଆମ୍ବଗୁଡା, ଥାନା: ଖଡିଆଳ, ଜିଲ୍ଲା: ନୂଆପଡା, ଓଡ଼ିଶା ଘୋଷଣା କରୁଅଛି କି, ବିକ୍ରମ କେଶରୀ ପରିଡାଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର ମୌଜା: ପାଣ୍ଡରା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୧୩୩୦/୨୬୬୪, ପ୍ଲଟ୍ ନଂ.: ୧୦୩୫/୮୨୨୮, ଦଲିଲ୍ ନଂ.: ୧୧୦୮୧୦୧୮୪୭୫, ତା.୦୪.୦୮.୨୦୧୦, ଏହାର ଲିଙ୍କ୍ ଦଲିଲ୍ ନଂ.: ୬୫୧୬, ତା.୧୨.୦୯.୨୦୦୨ ଯାହାକି ମୋତେ ବିକ୍ରମ କେଶରୀ ପରଡା ରେଜିଷ୍ଟ୍ରେସନ୍ ସମୟରେ ଦେଇଥିଲେ। ତାହା ହାଇଟେକ୍ ଛକ, ରସୁଲଗଡ, ମଧ୍ୟରେ ମାର୍କେଟିଙ୍ଗ ସମୟରେ କେଉଁଠାରେ ହଜିଯାଇଛି। ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ମିଳିପାରୁ ନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଦଲିଲ୍ ପାଆନ୍ତି ତେବେ ଦୟାକରି ୯୬୬୮୦୨୮୯୨୭ ନମ୍ବରରେ ଯୋଗାଯୋଗ କରିବେ।

**AFFIDAVIT**

By virtue of an affidavit before the Executive Magistrate, Jajpur, dtd. 18.07.2025, I, Mutri Hembram, W/o- Late Madhu Sudan Hembram, Vill.: Patapur, PO.: Sansailo, PS.: Sukinda, Dist.: Jajpur hereby declare that my name has been incorrectly recorded as "Sutri Hembrom" in some records of Bihar Regiment Abhilekh Karyalaya. My correct name and surname is "Mutri Hembram", and my deceased husband's correct name is Late Madhu Sudan Hembram. Both names refer to one and the same person i.e. myself.

**FOR SALE**

1 Number of SCV – TATA INTRA V-30 Diesel / 2022, Registration No.: OD-01-AQ-9039 Model: 2022, ENGINE NO-15CRAIL05NXXSG1989 CHASSIS NO- MAT535073N Yn54167. For Details, Contact- 8895997418, 9437577758, SUNDARAM FINANCE LTD. First Floor, Choudhury Complex, SAHADEVKHUNTA, BALASORE – 756001, PH. NO.: 06782-266657

**AFFIDAVIT**

By virtue of an affidavit, No.-3518/2025 sworn before the Executive Magistrate Banpur, Khordha Dist., I Renny Baral, aged about 26 years (DOB-15/03/2000), resident of Vill/P.O.- Pratap, P.S.- Banpur, Dist- Khordha, Odisha hereby declare that I have changed my name from **RENNY SASMAL to RENNY BARAL**. Henceforth I shall be known as Renny Baral for all purpose instated of Renny Sasmal. I am Swearing this affidavit for the correction of my Aadhaar card.

**RENNY BARAL**

**ସର୍ବସାଧାରଣ ବିଜ୍ଞପ୍ତି**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସଇଆଇଏଏ) ଓଡିଶା, ପତ୍ର ସଂଖ୍ୟା. **535466/35-MINB/05-2025**, ତା. **07.01.2026**ରିଖ ଦ୍ୱାରା ଗ୍ରାମ ଜଲଡିହି ଏବଂ କେନସରା, ତହସିଲ୍-ବଣାଇ ଜିଲ୍ଲା-ସୁନ୍ଦରଗଡ଼ରେ ଅବସ୍ଥିତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍‌ର ୧୦୦.୪୩୯ ହେକ୍ଟର ଖନନ ଲିଜରେ ଉପସ୍ଥିତ କେଡେଶାଲା ଉତ୍ତର-ପୂର୍ବ ଲୁହା ପଥର ବ୍ଲକରେ ୧.୨୧ ନିୟୁତ ଟିପିଏ ଆରଓଏମ ଲୁହାପଥର (ମୋଟ ୧୯୯୧୧୨୦ ଟିପିଏ ଖନନ: ଆରଓଏମ ଲୁହାପଥର ୧୨୧୦୦୦୦ ଟିପିଏ + ଓବି / ବର୍ଜ୍ୟ ବସ୍ତୁ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ଇଆଇଏ ବିଜ୍ଞପ୍ତି ୨୦୦୬ ଏବଂ ଏହାର ପରବର୍ତ୍ତୀ ସଂଶୋଧନର ପ୍ରାବଧାନ ଅନୁଯାଇ ପୂର୍ବ ପରିବେଶିୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଉକ୍ତ ପରିବେଶିୟ ମଞ୍ଜୁରୀର ଏକ ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ୱେବସାଇଟ୍ **http://envfor.nic.in** ରେ ଉପଲବ୍ଧ।

**BRAINWAVE EDUCATIONAL INSTITUTION**

REG. NO - 41772500172
At-Kasturibahal, P.O.-Raniakata, P.S.- Kishorenagar, Dist-Angul, Pin-759126

**WALK-IN-INTERVIEW**

Applications are invited from trained and experienced teachers.
- Subjects – Odia, English, Math, Science, Social Science, Hindi, Sanskrit and Computer.
- Good packages for efficient teachers.
- Accommodation for out-station teachers.
- Freshers can also apply.
- Apply before 20.01.2026 by WhatsApp no- 9777961605

**Interview Date: 28.01.2026, Time: 11.00 A.M. to 1.00 P.M. Venue: Brainwave Hostel, Jhampuli**

For more information please contact - 9348489320, 9777961605

**ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ତା. ୦୬.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଅନୁଷ୍ଠିତ ହେଉଅଛି । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲର ମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି**

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ଶ୍ରୀ ରବିଶଙ୍କର ରାଉତ (ଏହିରାପରେ ମୋର୍ଟଗେଜର/ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା IDFC ଫରଷ୍ଟ ବ୍ୟାଙ୍କ ଲିମିଟେଡ୍, ଜୟପୁର ଶାଖା, ପ୍ଲଟ ନଂ 1221, ଏମଜି ରୋଡ, ଜୟପୁର, ପିନ-764001, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି ।ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେଜିଷ୍ଟ୍ରେଡ ସାଲ ଡୀଡ (R S D ) ଡକୁମେଣ୍ଟ ନଂ 1541/1987, ବିନୋଦ କୁମାର ମହାନ୍ତି ନାମରେ 1987 ସାଲରୁ ରେକୋର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ । ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକାଣାରେ ହସ୍ତାନ୍ତର କରିବା ହେବେ । ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର 14 ଦିନ ମଧ୍ୟରେ ଦସ୍ତାବିଜେକ ପ୍ରମାଣ ସହ ନିମ୍ନ ଠିକାଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ । 14 ଦିନ ପରେ ଉଠାଯାଇଥିବା କୋନସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧତା ସୃଷ୍ଟି କରିବ ନାହିଁ।

ସମ୍ପତ୍ତିର ବିବରଣୀ:ଖାତା ନଂ 342/341, ପ୍ଲଟ ନଂ 1499/3232,
ମୌଜା-ବୋଇପାରିଗୁଡା, ତହସିଲ-ବୋଇପାରିଗୁଡା, ଜିଲ୍ଲା-କୋରାପୁଟ
ସ୍ଥାନ: ଜୟପୁର ତାରିଖ: 26 ଡିସେମ୍ବର 2025
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା: ମେନ ରୋଡ,
ଜୟପୁର, କୋରାପୁଟ-764001
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: 9437234264

**OFFICE OF THE MORADA PANCHAYAT SAMITI: CHITRADA** i-466

At/P.O.- Chitrada, Dist.- Mayurbhanj, Odisha, Pin-757018
E-Mail: ori-morada@gramsaf.nic.in
Advt. No. 01/PSM/2026, Dt: 07/01/2026

**TENDER CALL NOTICE**

Sealed tenders (Percentage rate) are invited from the interested "C & D" Class Contractors registered with the Govt. for execution of Civil work under Panchayat Samiti, Morada, Mayurbhanj. The eligible criteria and the details of the tender documents which can be downloaded from the website **www.mayurbhanj.odisha.gov.in**

Interested bidders fulfilling the eligibility criteria may submit their proposals to the O/o: BDO Morada. Proposal(s) complete in all respect should reach the undersigned on or before **29.01.2026 up to 05.00 PM** through Regd. & Speed Post and the same will be opened on **30.01.2026 at 11.00 A.M.** in the Conference Hall of the Panchayat Samiti, Morada.

The undersigned reserves the right to reject any or all the tender(s) without assigning any reason thereof.

Sd/- Block Development Officer, Morada Mayurbhanj

OIPR-

**GOVERNMENT OF ODISHA** O-1949
**OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH.**

E-mail id – eerw_deogarh@yahoo.co.in
E-Procurement Notice
BID.IDENTIFICATION NO. SERWDGH-Online- 12/2025-26

1. No of Road works :- (03 Nos)
2. Estimated cost:- Approx. Rs.8.47 lakh to Rs.45.34 Lakhs each
3. Mode of submission of tender:-Tender shall be submitted online in www.tendersodisha.gov.in
4. Availability of tender for online bidding:-08.01.2026, 10.00 A.M to 17.01.2026 up to 5.00 P.M
5. Date and time of opening of tender: -19.01.2026, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Superintending Engineer R.W. Division, Deogarh

OIPR-

**GOVERNMENT OF ODISHA** O-1972
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
e-Procurement Notice for Road Works
Identification No. Online Tender / 10 / RWD-SBD/2025-26
Email: eerw_sunabeda@yahoo.co.in

Letter No. 125 Date 07.01.2026

| | | |
|---|---|---|
| 01. | Name of the work | : Road works Semiliguda, Nandapur, Pottangi Laxmipur, Bandhugaon, Narayanpatna, Lamtaput block |
| 02. | Total Number of works | : 9 nos works |
| 03. | Estimated cost | : 70 to 45.00 lakhs |
| 04. | Class of Contractor | : "B", "C" & "D" Class |
| 05. | Period of Completion | : 02 months |
| 06. | Other Details | |

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Superintending Engineer, R.W. Division, Sunabeda | Online Tender/10/ RWD-SBD /2025-26 | 09.01.2026 at 11:00 a.m | 20.01.2026 upto 05.00 p.m |

Further details can be seen from the website www.tendersorissa.gov.in

Superintending Engineer Rural Works Division : Sunabeda

OIPR-

ସକାଳ THE SAKALA



www.sakalaepaper.com

# ବନ୍ଦ ସ୍କୁଲ ପୁନଃ ଖୋଲିବା ଘୋଷଣା ଧୂଆଁବାଣ

ରାଇରଙ୍ଗପୁର, ୮।୧(ସମିସ): ପୂର୍ବରୁ ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଘୋଷଣା ଧୂଆଁବାଣ ସଦୃଶ୍ୟ ହୋଇଛି। ଛାତ୍ରଛାତ୍ରୀଙ୍କୁ ଘର ନିକଟରେ ଶିକ୍ଷା ଯୋଗାଇବା ଯୋଜନାରେ ରାଜ୍ୟ ସରକାର ବିଫଳ ହୋଇଥିବାବେଳେ ଶିକ୍ଷାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ଘଟଣା ରାଇରଙ୍ଗପୁର ପୌରପାଳିକା ଅଞ୍ଚଳରେ ଦେଖିବାକୁ ମିଳିଛି। ଇଟିଣ୍ଡା ଅଞ୍ଚଳରେ ଥିବା ମଧୁବନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଉଭୟ ବିଦ୍ୟାଳୟ ରାଇରଙ୍ଗପୁର ଅଞ୍ଚଳର ଅନେକ ପୁରାତନ ବିଦ୍ୟାଳୟ ଅଟେ। ଯେଉଁଠାରେ କି ବହୁ ବଡ଼ ବ୍ୟକ୍ତିବିଶେଷ ଶିକ୍ଷା ଗ୍ରହଣ କରି ଆଜି ଉଚ୍ଚ ପଦପଦବୀରେ ଚାକିରି କରିଛନ୍ତି।

- ରାଇରଙ୍ଗପୁରର ଦୁଇଟି ବିଦ୍ୟାଳୟ ବନ୍ଦ
- ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ
- ଘରଠୁ ଦୂରକୁ ପଢ଼ିବାକୁ ଯାଉଛନ୍ତି ପିଲା




ତାହା ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ସ୍ୱଳ୍ପ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ବିଦ୍ୟାଳୟକୁ ୨/୩ ବର୍ଷ ପୂର୍ବରୁ ବନ୍ଦ କରାଯାଇଥିଲା। ଉଭୟ ବିଦ୍ୟାଳୟରେ ୧୫ରୁ କମ୍ ଛାତ୍ରଛାତ୍ରୀ ଥିବା ଦର୍ଶାଇ ମଧୁବନ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଇଟିଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟକୁ ମନ୍ଦିର ସାହି ବିଦ୍ୟାଳୟ ସହ ସାମିଲ କରାଯାଇଥିଲା। ଇଟିଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବ ବିଦ୍ୟାଳୟଠାରୁ ୫୦୦ମିଟର ଦୂରରେ ଥିବାବେଳେ ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟରୁ ମନ୍ଦିର ସାହି ବିଦ୍ୟାଳୟ ପ୍ରାୟ ୨ କିଲୋମିଟର ଦୂର ହେଉଛି। ଅନ୍ୟ ବିଦ୍ୟାଳୟରେ ସାମିଲ ହେବା ପରେ ଅଭିଭାବକ ବାଧ ହୋଇ ନିଜ ପିଲାଙ୍କୁ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାଉଛନ୍ତି।

ରାଜ୍ୟ ସରକାର ରାଜ୍ୟରେ ବନ୍ଦ ଥିବା ବିଦ୍ୟାଳୟରେ ଅନ୍ୟୁନ ୨୦ ଜଣ ପିଲା ହେଲେ ପୁନଃଖୋଲିବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଉକ୍ତ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କିମ୍ବା ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଟିକେ ବି ନିଘା ଦେଉନାହାଁନ୍ତି। ଖୋଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳରେ ବନ୍ଦ ବିଦ୍ୟାଳୟ ଖୋଲିବା ନେଇ ରାଜ୍ୟ ସରକାର ମନ ନିବେଶ କରୁନାହାନ୍ତି। ବିଦ୍ୟାଳୟର ଅଭିଭାବକ ମଧ୍ୟମ ଶ୍ରେଣୀର ହୋଇଥିବାବେଳେ କଷ୍ଟ କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ତେଣୁ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟ କେଉଁଠାରେ ପଢ଼ାଇବାରେ ଅସମର୍ଥ ଅଟନ୍ତି। ବାଧ ହୋଇ ଉକ୍ତ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପିଲାଙ୍କୁ ଘର ନିକଟରେ ଶିକ୍ଷାଦାନ କରିବା ନେଇ ନିୟମ ଥିବାବେଳେ କୋମଳମତି ପିଲା ଘରଠାରୁ ୨ କିମି ଦୂର ବିଦ୍ୟାଳୟକୁ ଯାଉଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ଲାଗିଛି। ଏହା ଜିଲ୍ଲାରେ ଡ୍ରପ୍‌ଆଉଟଙ୍କ ସଂଖ୍ୟାକୁ ବୃଦ୍ଧି ପାଇବାରେ ମଧ ସହାୟକ ହେବ। ପ୍ରାଥମିକ ଶିକ୍ଷା ଭଳି ମୌଳିକ ଅଧିକାରରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବ ତୁଳନାରେ ଅଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଯୋଗ୍ୟ ଥିବା ସତ୍ତ୍ୱେ ବିଦ୍ୟାଳୟକୁ ପୁନଃଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏ ନେଇ କୌଣସି ବିହିତ ପଦକ୍ଷେପ ଗ୍ରହଣ ନ କରିବାରୁ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ମଧୁବନ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ପୂର୍ବର ବିଦ୍ୟାଳୟ ଜାଗା ସଂକୀର୍ଣ୍ଣ ହୋଇଯାଇଛି। ଏ ନେଇ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ, ନିର୍ଦ୍ଦେଶ ଆସିଲେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଇରଙ୍ଗପୁର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର କାରୁଆ କହିଛନ୍ତି। ବନ୍ଦ ବିଦ୍ୟାଳୟ ଗୃହ ପୌରପାଳିକା ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ତାହା ସେହିପରି ପଡ଼ି ରହିଛି ବୋଲି କହିଛନ୍ତି। ବିଦ୍ୟାଳୟକୁ ପୁନଃ ଖୋଲି ଶିକ୍ଷା ପ୍ରଦାନ ସୁଯୋଗ ଦେବାକୁ ଅଭିଭାବକ ଦାବି କରିଛନ୍ତି।

## ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଠାକୁରମୁଣ୍ଡା/ମହୁଲଡିହା, ୮।୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପରିଚାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ଯୋଗଦେଇଥିଲେ। ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଡେପୁଟି କଲେକ୍ଟର ବେଦବ୍ୟାସ ଭୋଇ, ବିକାଶ ବେଶ୍ରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ୍ କୁମାର କର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, କରଞ୍ଜିଆ ଆଇଟିଡିଏ, ବାରିପଦା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ, ଜେପିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ୍ ଲୁଗୁନ, ଉଦ୍ୟାନବିତ୍ ପ୍ରିୟବ୍ରତ ସିଂ, ଅବସରପ୍ରାପ୍ତ ବିଇଓ ଭାଗୀରଥି ମହାନ୍ତି, ସାମ୍ବାଦିକ ଶରତ କୁମାର ତ୍ରିପାଠୀ, ଡବ୍ଲ୍ୟୁଇଓ ରାକେଶ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ତରଣୀସେନ ମହାନ୍ତ ପୂର୍ବରୁ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସଚିନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ଲୋକସାହିତ୍ୟ ଲୋକଜୀବନର ମୁକୁର' ପୁସ୍ତକ ଲୋକାର୍ପିତ




ସାରସକଣା, ୮।୧(ସମିସ): ଝାରପୋଖରିଆଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ସାହିତ୍ୟର ଜାତୀୟ ଆଲୋଚନାଚକ୍ରରେ ପୁସ୍ତକ 'ଲୋକସାହିତ୍ୟ ଲୋକଜୀବନର ମୁକୁର' ଲୋକାର୍ପିତ ହୋଇଯାଇଛି। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡ. ନିରୁପମା ନାୟକ ଓ ଡ. ସରୋଜ ନାୟକଙ୍କ ଏହି ପୁସ୍ତକରେ ନିଜ ଲେଖା ସହ ବରିଷ୍ଠ ସାହିତ୍ୟିକ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା, ପ୍ରଫେସର ନାରାୟଣ ପ୍ରସାଦ ବେହେରା, ବୃନ୍ଦାବନ ଦାସ, କୁଞ୍ଜବିହାରୀ ପାଢ଼ୀ ପ୍ରମୁଖଙ୍କ ଲେଖା ପ୍ରକାଶ ପାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ମୁଖ୍ୟବକ୍ତା ପ୍ରଫେସର କୁଞ୍ଜବନ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଡ. ଦିଲ୍ଲୀପ କୁମାର ଦଳେଇ, ଡ. ଧନଞ୍ଜୟ ସିଂହ, ଅଧ୍ୟାପକ ଶିଶିର ପଟ୍ଟନାୟକ, ହାରାଧନ ନାୟକ, ଅଶୋକ କୁମାର ପୃଷ୍ଟି, ଜ୍ୟୋତିର୍ମୟୀ ପାତ୍ର, ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇ ପୁସ୍ତକଟିର ଉଚ୍ଚ ପ୍ରଶଂସା କରିଥିଲେ। ଇଂ ସୁଶାନ୍ତ କୁମାର ବେହେରା ପୁସ୍ତକଟିର ସମୀକ୍ଷା କରିଥିଲେ। ମଳୟ ନାୟକ ଅତିଥି ପରିଚୟ ପ୍ରଦାନ, ଡ. ନିରୁପମା ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ଡ. ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଆଁମରା, ୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ ଟିକାୟତପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମୁଖ୍ୟବକ୍ତା ନାଟ୍ୟକାର ମନୋରଞ୍ଜନ ଦାଶ, ସମ୍ମାନିତ ଅତିଥି ବିଡିଓ ପୃଥ୍ୱୀରାଜ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରମୋହନ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସେଠୀ, ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶ, ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ, ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ପତି, ପରିଚାଳନା କମିଟିର ସଭାପତି ନରେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ଜଣେ ବ୍ୟକ୍ତିକୁ ଶୀର୍ଷରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଦୁଇ ଚାମ୍ପିଅନ ପୁଷ୍ପଲତା ବେହେରା ଓ ତପସ୍ୱିନୀ ସିଂ, ଚଳିତ ବର୍ଷର ଉତ୍ତମ ଛାତ୍ରୀ ଗାୟତ୍ରୀ ବେହେରା ଓ ମୋନାଲିସା ମୁଦୁଲି, ବିଦ୍ୟାଳୟର ଟପ୍ପର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ଭଲେଣ୍ଟିଆର ଅଞ୍ଜଳି ମଲ୍ଲିକ, ପରିଚାଳନାରେ ସୁକୁମିତା ସିଂଙ୍କ ସମେତ ବହୁ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଉତ୍ସବ କୁମାର ସାହୁ ଓ ବାଦଲ ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ ମହାକୁଡ଼ଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟରୁ ଚୋରି

ରାଇରଙ୍ଗପୁର, ୮।୧ (ସମିସ): ଜାମଦାସ୍ଥ ସହିଦ ବିର୍ସା ମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରୁ ଚୋରି ହୋଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ବିଦ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରକୁ ପ୍ରବେଶ କରିଥିଲେ। ସିସିଟିଭିକୁ ଢାଙ୍କି ଚୋରି କରିଥିଲେ। ବିଭିନ୍ନ ସାମଗ୍ରୀ ସମେତ ସିସିଟିଭି ମଧ ଚୋରି କରିନେଇଛନ୍ତି। ପରଦିନ ସକାଳୁ ବିଦ୍ୟାଳୟ ଖୋଲିବା ବେଳେ ଘଟଣା ବାବଦରେ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସାରସ୍ୱତ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



କୁଆଁମରା, ୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆଁମରା ସାରସ୍ୱତ ଡିଗ୍ରୀ କଲେଜର ୩୫ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମୁଖ୍ୟବକ୍ତା ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ବାରିପଦାସ୍ଥିତ ଅଟୋନୋମସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ବନଜା ମହାନ୍ତି ଯୋଗଦେଇ ସ୍ୱଭାବ ପରିବର୍ତ୍ତନ ହେଲେ ମନୁଷ୍ୟର ବ୍ୟବହାର ଉତ୍ତମ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଭଞ୍ଜ ଦୀପିକା ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାର ବାଳକ ବିଭାଗର ଚାମ୍ପିଅନ ସୁରଜ ସୋରେନ୍ ଓ ବାଳିକା ବିଭାଗର ଛବିରାଣୀ ମାଝୀଙ୍କ ସମେତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଓ ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଅଧ୍ୟାପକ ଛତିଶ କୁମାର ଦାସ, ପ୍ରଭାତ ସେନାପତି, ଅବନୀ ମହାନ୍ତି, ପ୍ରଦୀପ ପଣ୍ଡା, ବିଶ୍ୱନାଥ ବେହେରା, ଗୋପିନାଥ ପଣ୍ଡା, ବିବେକାନନ୍ଦ ଗିରି, ଅଧ୍ୟାପିକା ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା, ଶୁଭ୍ରସ୍ମିତା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କରଞ୍ଜିଆ, ୮।୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ତୋଟାସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକଙ୍କ ଆବାହକ ଓ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସହକାରୀ ଶିକ୍ଷକ ଅଜିତ କୁମାର ନାୟକ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବଦର୍ଶିନୀ ପ୍ରିତିରେଖା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁବାସ ଚନ୍ଦ୍ର ହେମ୍ବ୍ରମ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, ପ୍ରେସ୍ କ୍ଲବ୍ ସମ୍ପାଦନ କର୍ଣ୍ଣାର୍ଜ୍ଜୁନ ସାହା, ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଏମ୍‌ଡି ଜାଫର ଅଲ୍ଲୀ, ବାରିପଦାସ୍ଥିତ ହେଡ୍‌କ୍ୱାର୍ଟରର ଏଡିଡବ୍ଲୁ ଅଜୟ କୁମାର ଜେନା ଓ ମୁକେଶ ଶର୍ମା ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ସାନ୍ତାଳୀ ନୃତ୍ୟ ମାଧ୍ୟମରେ ସ୍ୱାଗତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଛାତ୍ରୀମାନଙ୍କ ଦ୍ୱାରା ଗାନ କରାଯାଇଥିଲା। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କେତେକ ଅଭାବ ଥିବା ପ୍ରଧାନଶିକ୍ଷକ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେପରି ଗେଟ୍ ସମ୍ମୁଖରେ ଅଭିଭାବକ ଓ ମେଟ୍ରୋନଙ୍କ ବିଶ୍ରାମାଗାର, ଉନ୍ମୁକ୍ତ ଓ ଅସୁରକ୍ଷିତ ବିଦ୍ୟୁତ୍ ସବ୍ ଷ୍ଟେସନ, ପଛପଟ ଅସୁରକ୍ଷିତ ଭଙ୍ଗା ଗେଟ୍ ଓ ଛାତ୍ରୀମାନଙ୍କ ଖାଇବା ଗୃହ ଓ ନିମ୍ନ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଆବଶ୍ୟକତା ପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷକ ସତ୍ୟଜିତ୍ ବେହେରା ଧନ୍ୟବାଦ ଦେଇଥିଲେ।

## ବାୟୁ ପ୍ରଦୂଷଣ କଟକଣା ନେଇ ଅନୁଧାନ ଓ ଜିଲ୍ଲାବ୍ୟାପୀ ସଫେଇ

ବାରିପଦା, ୮।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବାୟୁ ପ୍ରଦୂଷଣ ଖୁବ୍ ଦ୍ରୁତଗତିରେ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବାୟୁର ଗୁଣବତ୍ତା(ଏକ୍ୟୁଆଇ) ବିଭିନ୍ନ ପ୍ରଦୂଷକ କାରକର ମାତ୍ରା ବଢ଼ି ଚାଲିଥିବାରୁ ଏବେ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ରହିଛି। ଏଣୁ ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନେଇ ଜିଲ୍ଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏବଂ ଗ୍ରାପ୍ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ ପଦକ୍ଷେପ ଗ୍ରହଣ ସହ ଅନୁଧାନ କରାଯାଇଛି। କଟକଣା ଅନୁଯାୟୀ, ବାରିପଦା ପୌରପାଳିକା ସମେତ ଜିଲ୍ଲାର ସମସ୍ତ ଏନ୍‌ଏସି, ପୌରାଞ୍ଚଳରେ ସଫେଇ ସହ ଜାତୀୟ ରାଜପଥ ଆଦିରେ ପାଣି ସିଞ୍ଚାଇ କରାଯାଇଛି। ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ ଥିବାବେଳେ ତାହାକୁ ଅନୁଧାନ କରିଛନ୍ତି। ଆଳିଆ ଆବର୍ଜନା ଆଦି ସଫେଇ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସମସ୍ତ ରାସ୍ତାରେ ପ୍ରତ୍ୟେକ ୩ ଘଣ୍ଟା ବ୍ୟବଧାନରେ ପାଣି ସିଞ୍ଚନ କରାଯାଇଛି। ସର୍ବସାଧାରଣରେ ଲାଗୁ କରାଯାଇଥିବା କଟକଣା ଅନୁଧାନ କରିଛନ୍ତି। ବାୟୁ ପ୍ରଦୂଷଣକୁ ରୋକିବା ତଥା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସମସ୍ତ ନାଗରିକ, ବ୍ୟବସାୟୀ ଓ ସମ୍ପୃକ୍ତ ସଂସ୍ଥାମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆଗାମୀ ୭ ଦିନ ଆବଶ୍ୟକ ସ୍ଥଳେ ସମୟ ବୃଦ୍ଧି କରାଯିବ ବୋଲି କୁହାଯାଇଛି।



## ପାଣି ପଞ୍ଚାୟତ ପକ୍ଷ ପାଳନ

କରଞ୍ଜିଆ, ୮।୧(ସମିସ): ଉଠା ଜଳସେଚନ ବିଭାଜନ କରଞ୍ଜିଆ ପକ୍ଷରୁ ରାମ ଭାଟିକା ପରିସରରେ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ୱର୍ଣ୍ଣମୟୀ ସିଂ, କୃଷି ବିଜ୍ଞାନ କେନ୍ଦ୍ର ଯଶିପୁରର ଦେବାଶିଷ ଜୟ ପୁରିଆ, ବିବିଡିଓ ଡ. ଆଶିଷ ଦାସ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ନିହରୀକା ଦାଶ, ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜ୍ଜୁନ ସାହା, ସାମ୍ବାଦିକ ଉମାଶଙ୍କର ଦାସ, ପୂର୍ବତନ ସହକାରୀ ଯନ୍ତ୍ରୀ ବିଭୁକିଶୋର ମହାନ୍ତ ପ୍ରମୁଖ ଯୋଗଦେଇ ଚାଷୀଙ୍କ ନିମନ୍ତେ ଜଳସେଚନର ଆବଶ୍ୟକତା ସମ୍ପର୍କରେ କହିବା ସହିତ ଏହାର ସୁପରିଚାଳନା ନିମନ୍ତେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେତେକ ଶ୍ରେଷ୍ଠ ପାଣି ପଞ୍ଚାୟତ ସହ ଚାଷୀଙ୍କୁ କରଞ୍ଜିଆ ଉଠା ଜଳସେଚନ ବିଭାଜନ ପକ୍ଷରୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଯନ୍ତ୍ରୀ କମଳାକାନ୍ତ ବେହେରା, ହିସାବ ରକ୍ଷକ ଅଭିମନ୍ୟୁ ମଣ୍ଡଳ, କର୍ମଚାରୀ ସତ୍ୟବ୍ରତ ବାରିକ, ଯନ୍ତ୍ରୀ ଅନଳ ସେଠୀ, ସଦାନନ୍ଦ ମହାନ୍ତ, ସଞ୍ଜିତ ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅରୁଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



**ବେତନଟୀ:** ଗତ ୬ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲା ଉଠା ଜଳସେଚନ ବିଭାଜନ ବାରିପଦା ପକ୍ଷରୁ ବେତନଟୀ ଚଣ୍ଡୀ ମନ୍ଦିର ଛକସ୍ଥ ବନ୍ଧନ କଲ୍ୟାଣ ମଣ୍ଡପରେ ଜଳ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକ ଏହି ବୈଠକରେ ଉପସ୍ଥିତ ରହିଥିବାବେଳେ ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଯୋଗେନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ମଣ୍ଡଳ ସଭାପତି ଜୀବନ ପରିଡ଼ା, ବାରିପଦା ଉପଖଣ୍ଡ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ମାଳତୀ ବେସ୍ରା, କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ, ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ବେତନଟୀ ଉଦ୍ୟାନ ଅଧିକାରୀ ମଧୁସ୍ମିତା ସେଠୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଭବ ଶଙ୍କର ମହାନ୍ତ, ଜ୍ୟୋସ୍ନା ପଣ୍ଡା, ଭବେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



### ୫ ଦିନ ପରେ ୫ ମୋରମ୍ ବୋଝେଇ ହାଇୱାକୁ ଛାଡ଼ିଦେଲା ପୁଲିସ

# ଖଣି ଅଧିକାରୀଙ୍କ କଥାରେ ତାଳମେଳ ରହୁନି; ଲୋକେ ଅସନ୍ତୁଷ୍ଟ

ବେତନଟୀ, ୮।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଜୁଗୁପୁରା ଗାଁ ନିକଟରେ ପାଞ୍ଚଟି ମୋରମ୍ ବୋଝେଇ ହାଇୱା ଗାଡ଼ିକୁ ଦେଖି ବେତନଟୀ ମାଇନିଂ ଦାୟିତ୍ୱରେ ଥିବା ଅଧିକାରୀ ଭବାନୀ ଶଙ୍କର ପାତ୍ର ସେଠାରେ ଗାଡ଼ିଗୁଡ଼ିକୁ ଅଟକ ରଖି ପରେ ବୈଶିଙ୍ଗା ଥାନା ଜିମା ଦେଇଥିଲେ। ଏହି ଗାଡ଼ିଗୁଡ଼ିକୁ ବୈଶିଙ୍ଗା ଥାନାରେ ପାଞ୍ଚ ଦିନ ଅଟକ ରଖିଥିବାବେଳେ ଗତ ମଙ୍ଗଳବାର ରାତିରେ ଗାଡ଼ିଗୁଡ଼ିକ ଛାଡ଼ି ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ଚୋରା ବାଲି ମୋରମ୍‌କୁ ନେଇ କଟକଣା ଲଗାଇବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ଏହି ପାଞ୍ଚଟି ଚୋରା ମୋରମ୍ ଗାଡ଼ି ଥାନାରେ ଅଟକ ରଖାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ଗାଡ଼ିଗୁଡ଼ିକ ଛାଡ଼ି ଦିଆଯିବା ପରେ ବେତନଟୀ ଅଞ୍ଚଳର ସାଧାରଣ ଜନତା ଗାଡ଼ି ଛଡ଼ାଯିବା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଖବର ଜାଣିବା ପାଇଁ ପଚାରି ବୁଝିଥିଲେ। ଘଟଣା ସମ୍ପର୍କରେ ବୈଶିଙ୍ଗା ପୁଲିସକୁ ପଚାରିବାରୁ ସେମାନେ ଖଣି ବିଭାଗ ଗାଡ଼ି ଧରି ବୈଶିଙ୍ଗା ଥାନାରେ ଜିମା ଦେଇଥିଲେ। ସେମାନେ ଗାଡ଼ି ଛାଡ଼ିଥିବାବେଳେ ଆମେ ସେ ବିଷୟରେ କିଛି କହିପାରିବୁ ନାହିଁ କହିଥିଲେ। ଏ ସମ୍ପର୍କରେ ବେତନଟୀ ଦାୟିତ୍ୱରେ ଥିବା ମାଇନିଂ ଜୁନିଅର ମ୍ୟାନେଜର ଭବାନୀ ଶଙ୍କର ପାତ୍ର କୁହନ୍ତି, ଗାଡ଼ିଗୁଡ଼ିକୁ ମୁଁ ଜୁଗୁପୁରା ରାସ୍ତାରୁ ଧରି ଥାନାରେ ଜିମା ଦେଇଥିଲି। ଗାଡ଼ି ଛାଡ଼ିବା ବିଷୟରେ ଆମର ମାଇନିଂ ଅଫିସରଙ୍କୁ ପଚାରି ପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ ମାଇନିଂ ଅଫିସର ଉଦୟଭାନୁ ସାହୁଙ୍କୁ ପଚାରିବାରୁ ଗାଡ଼ିଗୁଡ଼ିକ ଲୋକେ ଧରି ମାଇନିଂକୁ ଦେଇଥିଲେ। ଇରିଗେସନ ବିଭାଗର ମ୍ୟାଟେରିଆଲ ଆସୁଥିଲା ବୋଲି ତାଙ୍କ ଏସ୍‌ଡିଓ କହିବାରୁ ଆମେ ଛାଡ଼ିଦେଲୁ। ଜନ ଅସନ୍ତୋଷ ବଢ଼ିବାକୁ ଡରି ଆମେ ଥାନାରେ ଅଟକ ରଖିଥିଲୁ ଓ ପରେ ଛାଡ଼ିଦେଲୁ। ଯଦି ଏହି ମାଇନିଂ ଅଫିସରଙ୍କ କଥା ସତ୍ୟ ହେଇଥାଏ, ଏହି ଗାଡ଼ିଗୁଡ଼ିକ ବିନା କାରଣରେ ଥାନା ହେପାଜତରେ ପାଞ୍ଚ ଦିନ ଅଟକ ରଖିବା କେତେ ଯଥାର୍ଥ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଇନିଂର ଜୁନିଅର ମ୍ୟାନେଜର ଭବାନୀ ଶଙ୍କର ପାତ୍ର ଜୁଗୁପୁରାରୁ ଏହି ଗାଡ଼ିଗୁଡ଼ିକୁ ନିଜେ ଧରିଥିବା ବିଷୟରେ କହୁଥିବାବେଳେ ମାଇନିଂର ଉପରିସ୍ଥ ଅଧିକାରୀ ଉଦୟଭାନୁ ସାହୁ ଲୋକ ଏହି ଗାଡ଼ିଗୁଡ଼ିକ ଧରି ମାଇନିଂକୁ ଦେବା କଥା କହିଛନ୍ତି। ଏହି ଦୁଇ ଅଧିକାରୀଙ୍କ ସୂଚନା ଭିନ୍ନ ମତ ରହୁଥିବାବେଳେ ଏହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ, ବେତନଟୀ ଥାନା ଅଞ୍ଚଳରେ ନିକଟ ଅତୀତରେ ମୋରମ୍ ଓ ବାଲି ଚୋରିକୁ ନେଇ ବେତନଟୀ ତହସିଲ୍‌ଦାର ମାଡ଼ ଖାଇଥିବାବେଳେ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ବେତନଟୀ ପୁଲିସ ଜେଲ୍ ହାଜତକୁ ପଠାଇଥିଲେ। ଚୋରା ବାଲି ମୋରମ୍‌କୁ ସରକାର କଟକଣା ଲଗାଇଥିବା ବେଳେ ବେତନଟୀ ଅଞ୍ଚଳରେ ମାଇନିଂ ଅଧିକାରୀ ଅଧିକ ସକ୍ରିୟ ରହିବା ସହିତ ତାଙ୍କ କାର୍ଯ୍ୟ ଯେଭଳି ସ୍ୱଚ୍ଛତା ରହିବ ଓ ଗଣମାଧ୍ୟମକୁ ଦେଉଥିବା ସୂଚନାରେ ତଥ୍ୟ ସଠିକ୍ ରଖିବା ପାଇଁ ବେତନଟୀ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ଯାତ୍ରା କଳାକାରଙ୍କ ମୃତ୍ୟୁ



ହାଟଡ଼ିହୀ,୮।୧(ସମିସ): ନନ୍ଦିପଦା ଥାନା ଅଧୀନ ବେଡିରା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ସ୍ଥାନୀୟ ଅଞ୍ଚଳର ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ବଡ଼ରମ୍ପାସ ଗ୍ରାମର ସ୍ୱର୍ଗତଃ ବିମ୍ବାଧର ସ୍ୱାଇଁଙ୍କ ପୁଅ କାହ୍ନୁ ଚରଣ ସ୍ୱାଇଁ(୫୦) ତାଙ୍କର ଜଣେ ସାଙ୍ଗଙ୍କ ସହ ଭଦ୍ରକରୁ ନିଜ ଘରକୁ ଫେରିବା ବେଳେ ବେଡିରା ନିକଟରେ ଭାରସାମ୍ୟ ହରାଇ ବାଇକରୁ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ମେଡ଼ିକାଲକୁ ପଠେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ନନ୍ଦିପଦା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ନେଇ ତଦନ୍ତ ଚଳାଇଛି। ତେବେ ଖବର ଲେଖିବା ଯାଏ କାହ୍ନୁଙ୍କ ସାଙ୍ଗରେ ଥିବା ତାଙ୍କର ସାଙ୍ଗଙ୍କ ପରିଚୟ କିମ୍ବା ତାଙ୍କ ଠିକଣା ଏଯାଏଁ ସ୍ପଷ୍ଟ ହୋଇପାରିନି।

# ବିପଦ ବଢ଼ାଉଛି ରାସ୍ତାପାର୍ଶ୍ୱ ପନିପରିବା ହାଟ

ହାଟଡ଼ିହୀ,୮।୧(ସମିସ)

**ଅନ୍ୟତ୍ର ସ୍ଥାନାନ୍ତର ଦାବି**

ହାଟଡ଼ିହୀ ବ୍ଲକ୍ ଅଧିନ ଛେନାପଦି ଛକଟି ଏକ ବ୍ୟସ୍ତବହୁଳ ବଜାର। ଆନନ୍ଦପୁରରୁ ଭଦ୍ରକକୁ ସଂଯୋଗ କରୁଥିବା ୫୩ନଂ ରାଜ୍ୟ ରାଜପଥ ପାଶ୍ୱର୍ରେ ଛେନାପଦି ଛକରେ ବସୁଥିବା ପରିବା ହାଟ ଯାତ୍ରୀ ଓ ହାଟକୁ ଆସୁଥିବା ଗ୍ରାହକ, ବ୍ୟବସାୟୀଙ୍କ ପାଇଁ ବିପଦ ବଢ଼ାଉଛି। ଛେନାପଦି ଛକର ପରିବା ହାଟଟି ହାଟଡ଼ିହୀ ଅଞ୍ଚଳର ଦୈନନ୍ଦିନ ପରିବା ହାଟ ମଧ୍ୟରୁ ସର୍ବବୃହତ୍ତ ପରିବା ହାଟ ହୋଇଥିବାରୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଛେନାପଦି ପରିବା ହାଟକୁ ରାସ୍ତାକଡ଼ରୁ ହଟାଇ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହୋଇଛି।

ଏହି ହାଟରେ ପ୍ରତିଦିନ ପ୍ରାୟ ଭୋର ସମୟରୁ ପରିବା ଚାଷୀ ଓ ବେପାରୀଙ୍କ ଭିଡ଼ ଜମିଥାଏ। ସ୍ଥାନୀୟ ଅଞ୍ଚଳରୁ ଆମଦାନୀ ହେଉଥିବା ସତେଜ ପନିପରିବା ସୁଦୂର କରଞ୍ଜିଆ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଟାଉନ୍ ଆଦି ଅଞ୍ଚଳମାନଙ୍କୁ ଛୋଟ ଛୋଟ ଗାଡ଼ି ଯୋଗେ ଟ୍ରିପ୍ ଟ୍ରିପ୍ ପନିପରିବା ରପ୍ତାନି ହୋଇଥାଏ। ଏଥିସହ ପ୍ରତିଦିନ ସକାଳ ୯ଟା ଯାଏଁ ସ୍ଥାନୀୟ ଅଞ୍ଚଳର ଖାଉଟିମାନେ ମଧ୍ୟ ପନିପରିବା କିଣାକିଣି କରିଥାନ୍ତି । ସକାଳ ଠୁଁ ସଞ୍ଜ ଯାଏଁ ଏହି ରାଜ୍ୟ ରାଜପଥ ଦେଇ ଶହ ଶହ ଛୋଟ ବଡ଼ ଯାନବାହନ ଚଳପ୍ରଚଳ କରୁଥିବାରୁ ରାସ୍ତାକଡ଼ରେ ପରିବା କିଣାବିକା ପାଇଁ ଉଭୟ ଖାଉଟି ଓ ବେପାରୀ ପାଇଁ ଅସୁରକ୍ଷିତ



ହୋଇପଡ଼ିଛି। ତା'ସହ ଭୋର ସମୟରୁ ସକାଳ ୯ଟା ଯାଏଁ ରାସ୍ତାଟି ପ୍ରବଳ ଭିଡ଼ ରହୁଥିବାରୁ ଯାନବାହନ ସହଜରେ ଯାତାୟତ କରିବା ସମ୍ଭବ ହେଉନାହିଁ। ପରିବା ହାଟରେ ବୁଲା ଗୋରୁଗାଈଙ୍କ ଉତ୍ପାତ ସହିତ ଭିଡ଼ ରାସ୍ତା ଯୋଗୁଁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର ରହିଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବା ହାଟଟିକୁ ରାସ୍ତାକଡ଼ରୁ ହଟାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଗଲେ ସମସ୍ତେ ସୁରକ୍ଷିତ ହୋଇପାରିବେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏଦିଗରେ ସ୍ଥାନୀୟ ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସ୍ଥାନୀୟ ଜିଲ୍ଲାପରିଷଦ ଏବଂ ଶାସଙ୍ଗ ସରପଞ୍ଚ ପ୍ରମୁଖ ଏହାର ସମାଧାନ ଦିଗରେ ତତ୍ପରତା ଦେଖାଇଲେ ଲୋକେ ଆଶ୍ୱସ୍ତି ପାଇପାରନ୍ତେ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସମେତ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

● ଆଜିଠୁ ସିଟିଜିର ଦୁଇଦିନିଆ ରୌପ୍ୟ ଜୟନ୍ତୀ ସମାରୋହ

## ଅଭିମନ୍ୟୁଙ୍କୁ 'ପ୍ରତିଭା', ଦେବୀପ୍ରସାଦଙ୍କୁ 'ସିଟିଜି ରତ୍ନ' ସମ୍ମାନ





କେନ୍ଦୁଝର,୮।୧(ସମିସ): କେନ୍ଦୁଝର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ "ସିଟିଜି' ତାହାର ରୋପ୍ୟ ଜୟନ୍ତୀ ଆସନ୍ତା ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଶିକ୍ଷାନିକେତନ, ସିଟିଜି ଫାଉଣ୍ଡେସନ ପରିସରରେ ପାଳନ କରିବ। ଏହି ଅବସରରେ ସିଟିଜିର ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁମାନଙ୍କୁ ଉପସ୍ଥିତ ରହିବାକୁ ସିଟିଜି ଫାଉଣ୍ଡେସନର ସେକ୍ରେଟାରୀ ସୁଭଦ୍ରା ପଲେଇ ଆମନ୍ତ୍ରଣ ଓ ଅନୁରୋଧ କରିଛନ୍ତି। ରୌପ୍ୟ ଜୟନ୍ତୀ ଅବସରରେ ସିଟିଜି ପ୍ରତିଭା ସମ୍ମାନରେ ବିଶିଷ୍ଟ ସମାଜସେବୀ ଅଭିମନ୍ୟୁ ଦାସ ଓ ସିଟିଜି ରତ୍ନ ସମ୍ମାନରେ ଜାତୀୟସ୍ତରୀୟ ଚେସ୍ ଖେଳାଳି ଦେବୀପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯିବ ବୋଲି ଶ୍ରୀମତୀ ପଲେଇ ସୂଚନା ଦେଇଛନ୍ତି। ଉତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ ଯୋଗଦେବେ। ମୁଖ୍ୟବକ୍ତା ଭାବେ ଡିଏଫ୍ଓ ଧନରାଜ୍ ଏଚ୍‌ଡି ଉପସ୍ଥିତ ରହିବେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଓ ଅନ୍ୟତମ ଅତିଥି ଭାବେ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ୍ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଉପସ୍ଥିତ ରହିବେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନୀରଞ୍ଜନ ପଟ୍ଟନାୟକ ଯୋଗଦେବେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଉପନ୍ୟାସିକ ଗୌରହରି ଦାସ ଉପସ୍ଥିତ ରହିବେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜୟ ସିଦ୍ଧୁ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେବେ। ଅନ୍ୟତମ ଅତିଥି ଭାବେ ନିର୍ଦ୍ଦେଶକ, ଶତାବ୍ଦୀ ସଂଗ୍ରାମ ଦାସ ଉପସ୍ଥିତ ରହିବେ। ଉତ୍ସବର ମୁଖ୍ୟ ଆକର୍ଷଣ ଭାବେ ଓଡ଼ିଆ ଚଳଚ୍ଚିତ୍ର ନାୟକ ସବ୍ୟସାଚୀ ମିଶ୍ରଙ୍କ ଉପସ୍ଥିତି ସହ କୃଷ୍ଣା ଟୁନ୍ସ, ନୃତ୍ୟ, ସଙ୍ଗୀତ ଓ ଫ୍ୟାସନ୍ ସୋ ପ୍ରଭୃତି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ

## ପରିଚାଳନା କମିଟିର ଆନ୍ଦୋଳନ ଚେତାବନୀ

ତେଲକୋଇ,୮।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ମନମାନି ଯୋଗୁଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯାହାର ଉଦାହାରଣ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଶିକ୍ଷା ବିଭାଗର ନାକ ତଳେ ରହିଥିବା ଏହି ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ି ତୋଳିବା ବଦଳରେ ବିଦ୍ୟାଳୟକୁ ସଂପୂର୍ଣ୍ଣ ବିନାଶ କରିବା ଉଦ୍ଦେଶ୍ୟ ରଖି ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନଙ୍କର ଫେବୃୟାରୀ ମାସରେ ବାର୍ଷିକ ପରୀକ୍ଷା ରହିଥିବା ବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ବଦଳି କରାଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଏକ ଲିଖିତ ଭାବେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦରଖାସ୍ତ ସହ ଶିକ୍ଷୟିତ୍ରୀଙ୍କୁ ବଦଳି




ନ କରିବାକୁ ଜଣାଇବା ପରେ ମଧ୍ୟ କାହିଁକି ଜୈନିକ ଶିକ୍ଷୟିତ୍ରୀ ରୀନା ରାଣୀ ନାୟକଙ୍କୁ ବଦଳି କରାଗଲା ତାହାକୁ ନେଇ ବର୍ତ୍ତମାନ ଅଭିଭାବକ ଓ ପରିଚାଳନା କମିଟି ପ୍ରଶ୍ନ କରିଛନ୍ତି। ଅଭିଭାବକ ଓ ପରିଚାଳନା କମିଟିର ଅଭିଯୋଗକୁ ବେଖାତିର କରି ତାଙ୍କୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷା ବିଭାଗର ଦାୟିତ୍ୱରେ ଥିବା ବ୍ଲକ୍ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଡି ବଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ତେଲକୋଇ ଭଳି ଏକ ଉପାନ୍ତ ବ୍ଲକକୁ ନାମକୁ ମାତ୍ର କାମଚଳା ଦାୟିତ୍ୱ ରଖିଥିବା ଯୋଗୁଁ କୌଣସି କାର୍ଯ୍ୟ ହୋଇପାରୁ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆନ୍ଦୋଳନାରକ ପନ୍ଥା ଗ୍ରହଣ କରିବାକୁ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ନିଷ୍ପତି ନେଇଥିବା ଶୁଣିବାକୁ ମିଳିଛି। ସେହିପରି ଶିକ୍ଷା କ୍ଷେତ୍ରରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଯେପରି ଅଣଦେଖା କରାଯାଉଛି ତାହାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଖୁବଶୀଘ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହ ବିଦ୍ୟାଳୟକୁ ତାଲା ପକାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲି ଦେହୁରୀ ପ୍ରକାଶ କରିଛନ୍ତି। ଏନେଇ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟେ ଦାବି କରିଛନ୍ତି। ଏ ସଂପର୍କରେ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇଛି। ଏହାର ତଦନ୍ତ କରି ତୁରନ୍ତ କକ୍ଷଣ କରାଯାଇ ପାରିବ ସମାଧାନ କରିବି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

କେନ୍ଦୁଝର, ୮।୧(ସମିସ): କାନଝାରୀ ଜଳସେଚନ ପ୍ରକଳ୍ପର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ କାନଝାରୀ ଡାକବଙ୍ଗଳା ପରିସରରେ ପାଳିତ ହୋଇଯାଇଛି। କେନ୍ଦୁଝର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ବିଶ୍ୱଦିପ୍ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ଓ କୃଷକର ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈତରଣୀ ଅବବାହିକା, କେନ୍ଦୁଝର ମୁଖ୍ୟଯନ୍ତ୍ରୀ ଇଂ ସଞ୍ଜୀବ କୁମାର ନାୟକ ଯୋଗଦେଇ କାନଝାରୀ ଜଳସେଚନ ପ୍ରକଳ୍ପର କେନାଲଗୁଡିକ ରକ୍ଷଣାବେକ୍ଷଣ ତଥା ଜଳର ସଦ୍‌ବିନିଯୋଗ ପାଇଁ କୃଷକ, ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କ ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ଉପସଭାପତି ବିବେକାନନ୍ଦ ମହାନ୍ତ ଚାଷୀ ଓ ବିଭାଗର ସହଭାଗିତାରେ କୃଷି ଓ କୃଷକର ଉନ୍ନତି ସମ୍ଭବପର ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ରେମୋଳ କେନାଲ ସବ୍‌ଡିଭିଜନର ଏସ୍‌ଡିଓ ଇଂ କିଶୋର କୁମାର ସାହୁ ପାଣି ପଞ୍ଚାୟତର ଭୂମିକା ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମଇଦାନକେଲ ସରପଞ୍ଚ ଭାଗିରଥି ସିଂ, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବରିଷ୍ଠ ବିଜେପି ନେତା ଦିଲ୍ଲୀପ କୁମାର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ଚିନ୍ତାମଣୀ ମହାନ୍ତ, ବେଣୁଧର ମହାନ୍ତ, ରେମୋଳ ପାଣି ପଞ୍ଚାୟତ ଆପେକ୍ସ କମିଟିର ସଭାପତି ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ପାଣି ପଞ୍ଚାୟତ ମାଧ୍ୟମରେ କୃଷି ଭିତ୍ତିଭୂମିର ଉନ୍ନତି, ଜଳ ସଂରକ୍ଷଣ ଓ ସୁବଣ୍ଟନ ମାଧ୍ୟମରେ ଚାଷୀର ଆୟକୁ ବହୁଗୁଣିତ କରିବାକୁ ଆହ୍ୱାନ ଜଣାଇଥିଲେ। ସଦର ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀଦେବୀ ଶର୍ମା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ବିଶ୍ୱଦିପ୍ ସିଂହ ପାଣି ପଞ୍ଚାୟତ ଗଠନ ଓ ଏହାର ଲକ୍ଷ୍ୟ ସମ୍ପର୍କର ବିସ୍ତୃତ ଭାବେ କହିଥିଲେ। ଏହି ଅବସରରେ ସଫଳ ୫ ଜଣ ଚାଷୀଙ୍କୁ ସମ୍ମାନୀତ କରାଯିବା ସହ ସ୍କୁଲସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାନଝାରୀ ଏସଡିଓ ଚର୍ତ୍ତୁଭୂଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାନଝାରୀ ଏବଂ ରେମୋଳ ଜଳସେଚନ ପ୍ରକଳ୍ପ ଅଧିନସ୍ଥ ପାଣି ପଞ୍ଚାୟତ ସଦସ୍ୟ ଏବଂ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ।



## ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ପ୍ରକଳ୍ପ

ତୁରୁମୁଙ୍ଗା,୮।୧(ସମିସ): ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ଗ୍ରାମ ଗୁଡିକରେ ଗ୍ରାମସଭା ଚାଲୁ ରହିଛି। ଲୋକଙ୍କ ଦୀର୍ଘଦିନ ଦାବି ଏବେ ପୁରଣ ହେବାକୁ ଯାଉଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବାଦାମପାହାଡ- କେନ୍ଦୁଝରଗଡ଼ ନୂତନ ରେଳ ପ୍ରକଳ୍ପର ୮୨.୦୬ କିଲୋମିଟର ରାସ୍ତା ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟର ରାସ୍ତା ରହିଛି। ଏଥିପାଇଁ କେନ୍ଦୁଝର ସଦର ତହସିଲର ୭ ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ ଟି ଗ୍ରାମରୁ ରେଲୱେ ପକ୍ଷରୁ ଘରୋଇ ଜମି ଅଧିଗ୍ରହଣ ହେବାକୁ ଯାଉଛି। ଗୁରୁବାର ପାଟଣା ତହସିଲ ଅଧିନ ଖିରେଇଟାଙ୍ଗିରୀ ଆରଆଇ ସର୍କଲ ବାଉଁଶୁଳି ପଞ୍ଚାୟତ ସଭାଗୃହଠାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଳି ପଞ୍ଚାୟତର ସରପଞ୍ଚ ସୁଜାତା ସର୍ଦ୍ଦାର ପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରି ବଂଶପାଣି ରେଲୱେ ପ୍ରକଳ୍ପର ଭୁ-ଅର୍ଜନ ଅଧିକାରୀ କିରଣ କୁମାର ନାଏକ, ଯନ୍ତ୍ରୀ ରାଜ କୁମାର ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି , ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ , ଅମିନ ସୁଧାଂଶୁ ଶେଖର ପଲେଇ, ଖିରେଇଟାଙ୍ଗିରୀ ଆରଆଇ ନିବେଦିତା ସେଠୀ , ବାଉଁଶୁଳି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁପଶ୍ରୀ ପାତ୍ର, ଏଡିଇଓ ଦିଲ୍ଲୀପ କୁମାର ମହନ୍ତ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ସ୍ଥାନୀୟ ୱାର୍ଡ ମେମ୍ବର ଙ୍କ ସମେତ ବାଉଁଶୁଳି ଓ ଭୁଲୁଦା ଗ୍ରାମବାସୀ ଉପସ୍ଥିତ ରହି ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତିୟ ଉପରେ ଆଲୋଚନା କରିଥିଲେ। ବାଦାମପାହାଡ କେନ୍ଦୁଝରଗଡ଼ ନୂତନ ରେଳପଥ ନିର୍ମାଣ ପାଇଁ ବାଉଁଶୁଳି ଓ ଭୁଲୁଦା ମୌଜାର ମୋଟ ୫୭.୯୭ ଏକର ଘରୋଇ ଜମି ସହ ଜଙ୍ଗଲ ଜମି ଅଧିଗ୍ରହଣ ହେବ। ବାଉଁଶୁଳି ଗ୍ରାମର ୪୦ ଜଣଙ୍କ ଠାରୁ ୪୦ ଏକର ୮୮ ଡିସମିଲ ଏବଂ ଭୁଲୁଦା ଗ୍ରାମର ୨୫ ଜଣଙ୍କ ଠାରୁ ୧୭ ଏକର ୦୯ ଡିସିମିଲ ଜମି ଅଧିଗ୍ରହଣ ହେବ। ବାଉଁଶୁଳି ପଞ୍ଚାୟତ ଦେଇ ଅଢେଇ କିଲୋମିଟର ରେଳପଥ ଯାଉଛି। ରେଳପଥ ପାଇଁ ୪ ଟି ଅଣ୍ଡରପାସ୍ ନିର୍ମାଣ ହେବ। ଏଥିସହ ଷ୍ଟେସନ ଟି ଖିରେଇଟାଙ୍ଗିରୀ ଓ ବାଉଁଶୁଳି ସୀମା ମଧ୍ୟରେ ହେବାକୁ ଥିବା ବେଳେ ବାଉଁଶୁଳି ଗ୍ରାମ ନାମକୁ ମଧ୍ୟ ଷ୍ଟେସନ ନାମରେ ନାମିତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏନେଇ ରେଲୱେ ବିଭାଗକୁ ଅବଗତ କରାଯିବ ବୋଲି ଭୁ ଅର୍ଜନ ଅଧକାରୀ କିରଣ କୁମାର ନାଏକ ଲୋକଙ୍କୁ କହିଥିଲେ।

**ଜମି ଅଧିଗ୍ରହଣ ପାଇଁ ବାଉଁଶୁଳିରେ ଗ୍ରାମସଭା**



## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୮।୧(ସମିସ): ଆସନ୍ତା ଜାନୁଆରୀ ୨୬ ତାରିଖରେ ପାଳିତ ହେବାକୁ ଥିବା ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଉକ୍ତ ଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ଅନୁଷ୍ଠାନରେ ସକାଳ ୭ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ସକାଳ ୮ଟା ୩୦ମିନିଟ୍ ସମୟରେ କେନ୍ଦୁଝର ଷ୍ଟାଡିୟମଠାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବେ। ଏଥିରେ ପୋଲିସ, ଏନସିସି ଓ ସ୍କାଉଟ୍ ଏବଂ ଗାଇଡ୍ ଦଳ ପକ୍ଷରୁ ମିଳିତ ପ୍ୟାରେଡ ପ୍ରଦର୍ଶନ କରାଯିବ। ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ଆସନ୍ତା ଜାନୁଆରୀ ୨୧, ୨୨ଓ ୨୪ ତାରିଖରେ କେନ୍ଦୁଝର ଷ୍ଟାଡିୟମଠାରେ ପରେଡ୍ ଅଭ୍ୟାସ ହେବ ବୋଲି ସୂଚାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଆଇଏସ ପ୍ରୋବେସନର୍ ପୱନ କୁମାର, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

## ଜାମିନରେ ଆସିଲେ ୬ ନେତା; ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

ତୁରୁମୁଙ୍ଗା,୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଜମୁନାପଶି ଓ ଚେମେଣା ପଞ୍ଚାୟତ ଅଧିନରେ ୧୨ ଟି ଗ୍ରାମରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ବିରୋଧୀ ୬ ନେତାଙ୍କୁ ଗତ ନଭେମ୍ବର ୨୬ ତାରିଖ ରାତି ଅଧରେ ତୁରୁମୁଙ୍ଗା ପୁଲିସ୍ ଉଠାଇନେଇଥିଲା। ସେମାନେ ହେଲେ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସଂପାଦକ ବେଣୁଧର ସର୍ଦ୍ଦାର, ଉପସଭାପତି ସରୋଜ ସିଂ, ଭୁବନାନନ୍ଦ ସର୍ଦ୍ଦାର,ବିରେନ୍ ମହାକୁଡ଼, ଅନାମ ଚରଣ ନାଏକ ଓ ରବୀନ୍ଦ୍ର କୁମାର ମହାନ୍ତି। ସମସ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିଲା। ଜାନୁୟାରୀ ୬ ତାରିଖ ମଙ୍ଗଳବାର ଦିନ ଜେଲରୁ ସେମାନେ ଜାମିନରେ ବାହାରିବା ପରେ ବୁଧବାର ଗ୍ରାମବାସୀଙ୍କ ଓ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ଯମୁନାପଶି ଶାଖା ତରଫରୁ ଜମୁନାପଶି ହାଟ ପଡିଆଠାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ସମସ୍ତ ନେତାଙ୍କୁ ସ୍ୱାଗତ କରାଯାଇଥିଲା। ୬ ନେତାଙ୍କୁ ଗ୍ରାମବାସୀ ଫୁଲମାଳ ଓ ପୁଷ୍ପଗୁଛେର ସମ୍ବର୍ଦ୍ଧିତ କରିଥିଲେ। ମିଥ୍ୟାକେଶକୁ ଭୟ ନକରି ଭିଟାମାଟି ପାଇଁ ଆଗକୁ ଲଢେଇ ଜାରି ରହିବ ବୋଲି ପ୍ରତିରୋଧ ମଞ୍ଚର ସଭାପତି ବେଣୁଧର ସର୍ଦ୍ଦାର କହିଥିଲେ।

# ସମାଜସେବାରେ ସମର୍ପିତ ୱେଲ୍‌ଡିଂ ମିସ୍ତ୍ରୀ ଜିତେନ୍ଦ୍ର କୁଅଁର



ହାଟଡ଼ିହୀ,୮।୧(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଶାଳଣିଆଁ ଗ୍ରାମର ଜିତେନ୍ଦ୍ର କୁଅଁର(୩୦) ପେଶାରେ ଜଣେ ୱେଲ୍ଡିଂ ମିସ୍ତ୍ରୀ। କର୍ମମୟ ଜୀବନରୁ ସମୟ କାଢ଼ି ଲାଗିପଡ଼ନ୍ତି ସମାଜସେବାରେ। କେତେବେଳେ କେଉଁ ବୃଦ୍ଧାଶ୍ରମ ଯାଇ ଦୁଃଖୀ ମଉସା ମାଉସୀଙ୍କ ପେଟକୁ ଦାନା ଦେଇ ତାଙ୍କ ଓଠରେ ଖୁସି ଭରି ଦିଅନ୍ତି ତ ପୁଣି କେବେ ନିପଟ ଆଦିବାସୀ ଗାଁକୁ ଯାଇ କୁନି କୁନି ପିଲାମାନଙ୍କ ଖୁସିର କାରଣ ସାଜନ୍ତି। ଗତ ୨୦୧୭ ଠାରୁ ୨୦୨୬ ମଧ୍ୟରେ ଜିତେନ୍ଦ୍ର କୁଅଁର ନିଜକୁ ସମାଜ ପାଇଁ ଉତ୍ସର୍ଗ କରି ଜିତେନ୍ଦ୍ର କୁଅଁରରୁ ସମାଜପ୍ରେମୀ ଜିତେନ୍ଦ୍ର କୁଅଁର ଭାବେ ବେଶ ପରିଚିତ ହୋଇଛନ୍ତି। ଖାଲି ସେତିକି ନୁହେଁ ନିଜର ବହୁମୂଲ୍ୟ ରକ୍ତ ଦାନ କରି ମଧ୍ୟ ଚର୍ଚ୍ଚାରେ ରହିଛନ୍ତି ଜିତେନ୍ଦ୍ର। ଆଜକୁ ୮ଥର ରକ୍ତଦାନ କରିବା ସହ ଓଡ଼ିଶାର ବିଭିନ୍ନ ମେଡ଼ିକାଲ୍‌ମାନଙ୍କରେ ରକ୍ତ ଅଭାବୀ ରୋଗୀମାନଙ୍କ ପାଇଁ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ରକ୍ତ ଯୋଗାଡ଼ କରି ଚର୍ଚ୍ଚାରେ ରହିଛନ୍ତି ଜିତେନ୍ଦ୍ର। କେତେବେଳେ ବୃକ୍ଷରୋପଣ କରି ସାମାଜିକ ସୁରକ୍ଷା ତ ପୁଣି ମହାମାରୀ କରୋନା ସମୟରେ ଅନେକ ସ୍ଥାନରେ ଭୋକିଲାଙ୍କ ପେଟକୁ ଖାଦ୍ୟ ଦେଇଛନ୍ତି ଜିତେନ୍ଦ୍ର। ୱେଲ୍ଡିଂ ମିସ୍ତ୍ରୀ କାମ କରି ନିଜ ପରିବାର ଭରଣପୋଷଣ କରୁଛନ୍ତି। କିନ୍ତୁ ନିଜର କର୍ମମୟ ଜୀବନରୁ ସମୟ ବାହାର କରି ସମାଜସେବାରେ ନିଜକୁ ନିୟୋଜିତ କରିଥାନ୍ତି। ନିପଟ ମଫସଲ ଅଞ୍ଚଳର ଜିତେନ୍ଦ୍ର ତାଙ୍କ ଶେଷ ସମୟରେ ଆବଶ୍ୟକଙ୍କ ପାଇଁ ନିଜ ଅଙ୍ଗଦାନ କରିବାକୁ ସଂକଳ୍ପ କରିବା ସହ ପ୍ରମାଣ ପତ୍ର ମଧ୍ୟ ପାଇଛନ୍ତି। ସମାଜସେବାରେ ତୁମର ଲାଭ କଣ ବୋଲି କେହି ପଚାରିଲେ, ଏ ସମାଜରେ ଜନ୍ମ ନେବା ମୋର ପ୍ରଥମ ଲାଭ, ସମାଜସେବା କରି ଲୋକଙ୍କ ଆଶୀର୍ବାଦ ସାଉଁଟିବା ମୋର ଦ୍ୱିତୀୟ ଲାଭ ଏବଂ ମୋ ପରିବାରର ଶିକ୍ଷା ଓ ସଂସ୍କାର ବାପା ମାଆଙ୍କ ସ୍ନେହ ମମତା ମୋର ତୃତୀୟ ଲାଭ ଓ ଏ ସମାଜରେ ସମସ୍ତଙ୍କ ସହ ହସଖୁସିରେ ବଞ୍ଚିବା ତ ମୋର ପ୍ରତ୍ୟେକଟି ଲାଭର ଉଦାହରଣ ବୋଲି ହସିଦେଇ କହିଥାନ୍ତି ଜିତେନ୍ଦ୍ର । ସମାଜସେବା ପାଇଁ ଜିତେନ୍ଦ୍ର କୁଅଁର ଓଡ଼ିଶାର କୋଣ ଅନୁକୋଣର ବିଭିନ୍ନ ଅନୁଷ୍ଠାନମାନଙ୍କରୁ ମଧ୍ୟ ସମ୍ମାନିତ ହୋଇପାରିଛନ୍ତି। ନିଜର ଦୃଢ଼ ଇଚ୍ଛା ଶକ୍ତି ଆଗରେ ହାର୍ ମାନିଛି ଜିତେନ୍ଦ୍ରଙ୍କ ଗରିବ ପଣିଆ। ନିଜେ ଜଣେ ଦିନ ମଜୁରିଆ ହୋଇ ମଧ୍ୟ ଅନ୍ୟକୁ ସହାୟତାର ହାତ ବଢ଼ାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଜିତେନ୍ଦ୍ର କୁଅଁର। ନିଜ ପରିବାର ଦାୟିତ୍ୱ ସହ ସାମାଜିକ ଦାୟିତ୍ୱ ତୁଲାଇବା ତାଙ୍କ ଜୀବନରେ ଅସରନ୍ତି ଆନନ୍ଦ ଭରିଦିଏ ବୋଲି ଜିତେନ୍ଦ୍ର କହନ୍ତି। ଜିତେନ୍ଦ୍ରଙ୍କ ଏଭଳି ନିଆରା ସମାଜସେବା ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



## 'ପୁନଶ୍ଚ ପୃଥିବୀ ଗଢ଼ି ତୋଳିଲେ ମାନବ ସମାଜ ତିଷ୍ଠିବ'




ତେଲକୋଇ,୮।୧(ସମିସ): ଜଙ୍ଗଲ,ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ଏବେ ଉଦବେଗ ଜନକ ସ୍ଥିତିରେ ଉଭା ହେଲାଣି। ଜଙ୍ଗଲ ଓ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଅଟେ। ପୁଣି ଥରେ ପୁନଶ୍ଚ ପୃଥିବୀ ଗଢ଼ି ତୋଳିଲେ ମାନବ ସମାଜ ସୁଖ ଶାନ୍ତିରେ ଜୀବନଯାପନ କରି ପାରିବ। ଜଳ, ଜମି, ଗଛ, ଆଉ ସବୁ ପଛ ବୋଲି ଆଜି କେନ୍ଦୁଝର ଜିଲ୍ଲା ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟଠାରେ ବନ ସୁରକ୍ଷା ସମିତି କର୍ମଶାଳା, ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର ତଥା ଜଙ୍ଗଲ ଅଗ୍ନି ନିୟନ୍ତ୍ରଣ ଓ ନିରାକରଣ ସଚେତନତା ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ, ବନ୍ୟପ୍ରାଣୀ ତଥା ହାତୀ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଉପସ୍ଥିତ ବନ ସୁରକ୍ଷା ସମିତି ସଦସ୍ୟସଦସ୍ୟା, ଗଜସାଥୀ,ସରପଞ୍ଚ, ସମିତି ସଭ୍ୟସଭ୍ୟା, ଗଣମାଧ୍ୟମ ପ୍ରତିନିଧି, ବନ କର୍ମଚାରୀ ତଥା ଜନସାଧାରଣ ଶପଥଗ୍ରହଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜର ଅଶୋକ କୁମାର ମାଝୀ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ଆଇଆଇସି ଅଞ୍ଜନ କୁମାର ପାତ୍ର, ଆକୁଳ କେନ୍ଦୁପତ୍ର ରେଞ୍ଜର ଡିଲେଶ୍ୱର ନାୟକ, ବିଭିଓ ଡାକ୍ତର ସୁବ୍ରତ କୁମାର ନାଏକ, ଅଗ୍ନିଶମ ଅଧିକାରୀ କପିଳେନ୍ଦ୍ର ନାୟକ, ଟିପିଏନଓଡିଏଲ ଯନ୍ତ୍ରୀ ଇଂ ମୁକେଶ କୁମାର ସାହୁ, ପରିବେଶ ସୁରକ୍ଷା ସାଥୀ ନିର୍ମଳ ଚନ୍ଦ୍ର ମହାକୁଡ଼, ସମିତି ସଭ୍ୟ ତଥା ସାମ୍ବାଦିକ ବିରଞ୍ଚି କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ସାହୁ, ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ମନୋରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରକଳ୍ପର ଦଳପତି ସୁଶାନ୍ତ ବେହେରା ସଭା ସଂଯୋଜନା କରିଥିବା ବେଳେ ଫରେଷ୍ଟର ମଳୟ କୁମାର ଜେନା, ପୁଷ୍ପଲତା ମହାନ୍ତ, ପ୍ରମୋଦ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଡ଼ଙ୍ଗରେ ଖୋଳାଗଲା ୨ଟି ନଳକୂପ



ସକାଳ ପ୍ରଭାବ

**ଶରତ, ୮।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତର ଗୋକୁଳଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ସୁଡ଼ଙ୍ଗ ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ବାସ କରୁଥିବା ୬୦ରୁ ଅଧିକ ଜନଜାତି ପରିବାର ଚୁଆ ପାଣି ପିଉଥିବା ଓ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ସେମାନେ ଅନ୍ଧକାର ମଧ୍ୟରେ କାଳାତିପାତ କରୁଥିବା ଖବର ୬/୧୨/୨୦୨୫ରେ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ପାଲବଣୀ ଓ ଶୁଖୁଆପଙ୍ଗା ପାହାଡ଼ରୁ ଝରି ଯାଉଥିବା ନାଳ ପାଣିକୁ ସେମାନେ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ଖବର ପ୍ରକାଶନ ହୋଇଥିଲା। ଗ୍ରାମରେ ପାନୀୟ ଜଳର ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଯାଇ ପ୍ରଶାସନ ଆଜି ଉକ୍ତ ଗ୍ରାମରେ ଦୁଇଟି ନଳକୂପ ବସାଇ ଗ୍ରାମବାସୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ଗ୍ରାମରେ ନଳକୂପ ଖୋଳାଯାଇଥିବାରୁ ଗ୍ରାମବାସୀ କପ୍ତିପଦା ବିଡିଓ ରେଶେମା ଟେଟେ, ମୟୂରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସୟ ଓ 'ସକାଳ' ଖବରକାଗଜକୁ ଧନ୍ୟବାଦ ଦେଇଥିବା ଯୁବ ସାମଜସେବୀ ଗାଲୁରାମ ଲାମାୟେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ କେବେ ବିଦ୍ୟୁତ ସଂଯୋଗ କରୁଛି ଏହା ଦେଖିବା ପାଇଁ ବାକି ରହିଲା।

# ମଦ ବୋଝେଇ ବୋଲେରୋ ଜବତ, ଜଣେ ଗିରଫ



**ମୋରଡା, ୮।୧(ସମିସ):** ମୋରଡା ଅବକାରୀ ବିଭାଗ ଗୁରୁବାର ସୁବର୍ଣ୍ଣରେଖା ରାସ୍ତା ଦେଇଯାଉଥିବା ଏକ ଦେଶୀମଦ ବୋଝେଇ ବୋଲେରୋକୁ ଜବତ କରିଛି। ଅବକାରୀ ଇନ୍ସପେକ୍ଟର ଦୀପକ ରାଉତଙ୍କ ସୂଚନା ମୁତାବକ, ଆଜି ଅପରାହ୍ନ ୩ଟା ୩୦ମିନିଟ ସମୟରେ ଏକ ବୋଲେରରେ ବେଆଇନ ଭାବେ ୫୬୦ ଲିଟର ଦେଶୀ ମଦ ପଡୋଶୀ ପଶ୍ଚିମବଙ୍ଗର ଧୁମସାହିରୁ ସୁନାକଣିଆକୁ ମୋରଡା ବ୍ଲକ ରାସ୍ତା ଦେଇ ଯାଉଥିଲା। ଖବର ପାଇ ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତ, ଏଏସଆଇ ରେଣୁକା ମଲ୍ଲିକ, କନଷ୍ଟେବଳ ଯଶୋବନ୍ତ ନାଏକ ଓ ପିଥନାଥ ମୁର୍ମୁ ମୋରଡା ବ୍ଲକର ପଳାସମୁଣ୍ଡୁଳି କେନାଲ ବନ୍ଧ ରାସ୍ତା ଉପରେ ବୋଲେରକୁ ଅଟକାଇଥିଲେ। ବୋଲେରୋକୁ ଜବତ କରିବା ସହିତ ଡ୍ରାଇଭର ସତ୍ୟଜିତ ସେଠୀଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର ଅଛନ୍ତି। ଏ ନେଇ ଅବକାରୀ ଥାନାରେ ୧୭୧/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଗିରଫ ପିଇଓଙ୍କ ଘରେ ଭିଜିଲାନ୍ସର ପୁଣି ଖୋଳତାଡ଼

**ହାଟଡ଼ିହୀ, ୮।୧(ସମିସ):** ଗତ ଡ଼ିସେମ୍ବର ମାସ ୩୦ ତାରିଖରେ ହାଟଡ଼ିହୀ ବ୍ଲକ ବଞ୍ଜୋ ପଞ୍ଚାୟତ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଭିଜିଲାନ୍ସ ରେଡ୍ କରିବା ସହିତ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ସେଦିନ ତାଙ୍କର ଘର ସମେତ ବ୍ୟବସାୟ ପ୍ରତିଷ୍ଠାନ, ଶ୍ୱଶୁର ଘର, ପଞ୍ଚାୟତ ଅଫିସ ଆଦି ୬ଟି ସ୍ଥାନରେ ରେଡ୍ କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେଦିନ ତାଙ୍କ ବସନ୍ତିଆ ବଜାରସ୍ଥିତ ଗୋଦାମର ଚାବି ମିଳି ନଥିବାରୁ ଯାଞ୍ଚ ଅଧାରେ ରହିଥିଲା। ପୁନର୍ବାର ଆଜି ସକାଳେ ବାଲେଶ୍ୱର ଭିଜିଲାନ୍ସର ଏକ ୧୦ ଜଣିଆ ଟିମ ପହଞ୍ଚି ଗୋଦାମ ଘର ଚାବି ଖୋଲିବା ସହିତ ଯାଞ୍ଚ କରୁଛନ୍ତି। ସମ୍ପୃକ୍ତ ପିଇଓ ଜଣଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରାଯାଇଥିବା ହାଟଡ଼ିହୀ ବିଡ଼ିଓ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବଞ୍ଜୋ ପଞ୍ଚାୟତର ପିଇଓ ଜିତେନ୍ଦ୍ର ଜେନା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ପରେ ଭିଜିଲାନ୍ସ ଚଢ଼ଉ କରି ଜିତେନ୍ଦ୍ରଙ୍କ ଅନେକ ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ କରିଥିଲା।

## ଝାରପୋଖରିଆରେ ଟୋଲ୍ ଆଦାୟକୁ ଚ୍ୟାଲେଞ୍ଜ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ

ବାରିପଦା, ୮ ।୧(ସମିସ)




ଅସମ୍ପୂର୍ଣ୍ଣ ୪୯ନଂ ଜାତୀୟ ରାଜପଥର ଅସୁରକ୍ଷିତ ଓ ବିପଜ୍ଜନକ ରାସ୍ତାରେ ଟୋଲ୍ ଆଦାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ରାଇରଙ୍ଗପୁରର ବାସିନ୍ଦା ତଥା ସୁପ୍ରିମକୋର୍ଟର ଆଡଭୋକେଟ୍ ଆକାଶ ଶର୍ମାଙ୍କ ଅଭିଯୋଗକୁ ଭିତ୍ତି କରି ଏହି ମାମଲା ଡବ୍ଲ୍ୟୁପି(ସି) (ପିଆଇଏଲ୍) ନଂ.୧୧୫/୨୦୨୫ ରୂପେ ଉଚ୍ଚନ୍ୟାୟାଳୟରେ ଦାଏର ହୋଇଛି। ଏନଏଚ ୪୯ ରାସ୍ତାର ଝାରପୋଖରିଆସ୍ଥ ଟୋଲ ପ୍ଲାଜାରେ ଅବୈଧ ଟୋଲ୍ ଆଦାୟକୁ ବିରୋଧ କରି ଏହି ମାମଲାରେ ଚ୍ୟାଲେଞ୍ଜ କରାଯାଇଛି। ଝାରପୋଖରିଆରେ ଅସମ୍ପୂର୍ଣ୍ଣ ପୋଲ ଓ ଦୁଆରଶୁଣି ଘାଟିର ୯ କିମି ଅସମ୍ପୂର୍ଣ୍ଣ ଅଂଶ ଅତ୍ୟନ୍ତ ବିପଜ୍ଜନକ ଓ ଯାନବାହନ ଚଳାଚଳ ଯୋଗ୍ୟ ନୁହେଁ ବୋଲି ଅଭିଯୋଗରେ ଯୁକ୍ତି ଉପସ୍ଥାପନ କରାଯାଇଛି।

୨୦୧୮ ରୁ ଉପରୋକ୍ତ ରାସ୍ତା ଅସମ୍ପୂର୍ଣ୍ଣ ତଥା ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ଏହି ସମୟରେ ୫୦୦ରୁ ଅଧିକ ଦୁର୍ଘଟଣା ଘଟିଛି ଓ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହା ଦୈନନ୍ଦିନ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ୍ ଯାନ ଓ ଜରୁରୀ ସେବାକୁ ଗୁରୁତର ପ୍ରଭାବିତ କରୁଛି। ଏପରି ଅବସ୍ଥାରେ ଟୋଲ୍ ଆଦାୟ ଅବୈଧ ଓ ସମ୍ବିଧାନ ବିରୋଧୀ। ଏହା ନ୍ୟାସନାଲ୍ ହାଇୱେ ଫି (ଡିଟର୍ମିନେସନ୍ ଅଫ୍ ରେଟ୍ସ ଆଣ୍ଡ କଲେକ୍ସନ୍) ରୁଲ୍ସ, ୨୦୦୮ ର ରୁଲ୍ ୩(୧) ସହ ରୁଲ୍ ୬, ନ୍ୟାସନାଲ୍ ହାଇୱେ ଆକ୍ଟ, ୧୯୫୬ ଏବଂ ଭାରତୀୟ ସମ୍ବିଧାନର ଆର୍ଟିକଲ୍ ୧୪, ୨୧ ଏବଂ ୨୬୫ର ଉଲ୍ଲଘଂନ କରୁଛି। ଟୋଲ୍ କେବଳ ସେହି ସମୟରେ ଆଦାୟ କରାଯାଇପାରିବଳ ଯେତେବେଳେ ରାସ୍ତା ସୁରକ୍ଷିତ, ଅବାଧ ଓ ଯାନବାହନ ଚଳାଚଳ ଯୋଗ୍ୟ ହୋଇଥିବ। ଅଭିଯୋଗରେ ସ୍ପଷ୍ଟ କରାଯାଇଛି ଯେ, ଏହି ରାସ୍ତା ମରାମତି ଓ ବିସ୍ତାରଣ ସମ୍ବନ୍ଧରେ ଏକ ପୂର୍ବ ପିଆଇଏଲ୍ ବିଚାରାଧୀନ ଥିବାବେଳେ, ଏହି ମାମଲା ଏକ ଭିନ୍ନ ଏବଂ ସ୍ୱାଧୀନ ପ୍ରସଙ୍ଗ ଦର୍ଶାଉଛି। ଏହା ଅସୁରକ୍ଷିତ ଅବସ୍ଥାରେ ଟୋଲ୍ ଆଦାୟର ଜାରି ରଖିବା ସମ୍ବନ୍ଧରେ ଉଲ୍ଲେଖ ରହିଛି। ଡିସେମ୍ବର ପହିଲାରେ ହୋଇଥିବା ଅଭିଯୋଗର ଉତ୍ତରରେ ଏନ୍ଏଚ୍ଏଆଇର ପ୍ରୋଜେକ୍ଟ ଡାଇରେକ୍ଟର୍, ପିଆଇୟୁ ଚଣ୍ଡିଖୋଲ, ସ୍ୱୀକାର କରିଛନ୍ତି ଯେ, ବାଙ୍ଗିରିପୋଷି-ଦ୍ୱାରଶୁଣି ଘାଟି ଅଂଶର ବିସ୍ତାରଣ ଏକ ନୂତନ ଇପିସି କଣ୍ଟ୍ରାକ୍ଟ ଅନୁଯାୟୀ ନିକଟରେ ଆରମ୍ଭ ହୋଇଛି ଓ ତାହା ନିର୍ଦ୍ଧାରିତ ତା୨୨।୧୧।୨୦୨୭ରିଖ ମଧ୍ୟରେ ସମାପ୍ତ ହେବେ। ଏହା ମଧ୍ୟ ସ୍ୱୀକାର କରାଯାଇଛି ଯେ, ଘାଟି ଅଂଶର ଏକ ବଡ଼ ଭାଗ, ବନାଞ୍ଚଳ ସମ୍ବେଦନଶୀଳ ଅଞ୍ଚଳ ସମେତ, ନିର୍ମାଣାଧୀନ ରହିଛି। ଏହି ସ୍ୱୀକାରୋକ୍ତି ସତ୍ତ୍ୱେ ଯାତ୍ରୀଙ୍କଠାରୁ ପୂର୍ଣ୍ଣ ଟୋଲ୍ ଆଦାୟ ଜାରି ରହିଛି। ପିଟିସନ୍ ବିଚାରପତିଙ୍କ ପୂର୍ବ ନିର୍ଣ୍ଣୟକୁ ଆଧାର କରି କୁହାଯାଇଛି ଯେ, ନାଗରିକଙ୍କୁ ଅସୁରକ୍ଷିତ ଓ ଖାଲଖମା ରାସ୍ତାରେ ଟୋଲ୍ ଦେବାକୁ ବାଧ କରାଯାଇପାରିବନାହିଁ। ଏଣୁ ହାଇକୋର୍ଟରୁ ଉପଯୁକ୍ତ ନିର୍ଦ୍ଦେଶନାମା ଆଶା କରିଛନ୍ତି ଅଭିଯୋଗକାରୀ ଶ୍ରୀ ଶର୍ମା। ଯାହାକି ରାସ୍ତା ପୂର୍ଣ୍ଣରୂପେ ସୁରକ୍ଷିତ ଓ ଯାନବାହନ ଚଳାଚଳ ଯୋଗ୍ୟ ହେବା ପର୍ଯ୍ୟନ୍ତ ଅବୈଧ ଟୋଲ୍ ଆଦାୟକୁ ବନ୍ଦ ପାଇଁ ସେ ଗୁହାରୀ କରିଛନ୍ତି। ଏହି ମାମଲାର ବ୍ୟାପକ ଜନସ୍ୱାର୍ଥ ରହିଛି, ବିଶେଷକରି ମୟୂରଭଞ୍ଜ ଏବଂ ପାଖାପାଖି ଅଞ୍ଚଳର ବାସିନ୍ଦାଙ୍କ ପାଇଁ। ଯେଉଁମାନେ ଦୈନନ୍ଦିନ ପରିବହନ ଓ ଜରୁରୀ ଚଳାଚଳ ପାଇଁ ଏନଏଚ୪୯ ର ଉପରୋକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ମାମଲାର ଶୁଣାଣି ନିକଟରେ ହେବାର ଆଶା କରାଯାଉଛି।

## ମାସାଧିକ କାଳ ବାଲି ବୋଝେଇ ହାଇୱା ଅଟକ ଘଟଣା

# ପରିବହନ ସଂସ୍ଥା ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ

**ବାରିପଦା, ୮ ।୧(ସମିସ):** ଖଣି ବିଭାଗ ପାଖରୁ ଜବତ ବାଲି ନିଲାମ ନେଇ ପରିବହନ କରୁଥିବା ଏକ ହାଇୱାକୁ ପୁଲିସ୍ ଓ ଖଣିବିଭାଗ ମାସାଧିକ କାଳ ଅଟକ ରଖିବା ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି ପରିବହନ ସଂସ୍ଥା। ଏମ/ଏସ୍ ଲଗ୍ନ ଟ୍ରେଡର୍ସ, କଟକ ପକ୍ଷରୁ ଆଇନଜୀବୀ ପ୍ରବୋଧ ନାୟକ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ନ୍ୟାୟ ପାଇଁ ଡିସେମ୍ବର ୨୭ ତାରିଖରେ ଦ୍ୱାରସ୍ଥ ହୋଇଥିବାବେଳେ ଡବ୍ଲୁପି(ସି) ୫୫୦୯୮/୨୦୨୫ ଆବେଦନ କ୍ରମେ ୪୬୮/୨୦୨୬ରେ ମାମଲା ପଞ୍ଜିକୃତ ହୋଇଛି। ଏଥିରେ ଓଡ଼ିଶା ସରକାର, ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପି, ଖଣି ନୀରିକ୍ଷକ, ବେତନଟୀ ଥାନାଧିକାରୀ, କୃଷ୍ଣଚନ୍ଦ୍ରପୁର ଆଉଟପୋଷ୍ଟର ସହକାରୀ ଇନିସପେକ୍ଟର ଓ ଶ୍ରୀଧର ଜେନାଙ୍କୁ ପକ୍ଷ ରଖାଯାଇଛି।

ବୁଢାବଳଙ୍ଗ ନଦୀର କାଞ୍ଚନପାଳ ନିକଟରେ ବେଆଇନ ବାଲି ମହଜୁଦ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବତ କରାଯିବା ପରେ ଖଣି ବିଭାଗ ନିଲାମ କରିଥିଲା। ନିଲାମ ବାଲି ପରିବହନ ସମୟରେ କେତେକ ଗ୍ରାମବାସୀ ଭୁଲ ରାସ୍ତାରେ ପରିବହନ ଦର୍ଶାଇ ଅଟକ ରଖି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ। ତେବେ ପରିବହନ ସଂସ୍ଥା ହାତୀପଲ ଭୟରେ ଚାଳକ ଅନ୍ୟ ରାସ୍ତାରେ ନେଉଥିବା ଯୁକ୍ତି ଉପସ୍ଥାପନ ସତ୍ତ୍ୱେବ ପୁଲିସ ହାଇୱାକୁ ଛାଡିନଥିଲା। ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ କହିବାନୁଯାୟୀ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମସ୍ତ ଉପରିସ୍ଥ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ଅଛନ୍ତି। ଏଣୁ ଉଚ୍ଚ ନ୍ୟାୟାଳୟଙ୍କୁ ସମସ୍ତ ତଥ୍ୟ ପ୍ରମାଣ ପ୍ରଦାନ କରାଯିବ।

# ରୟାଲ୍ସ ପ୍ରିମିୟର ଲିଗ୍‌ର ଷଷ୍ଠ ଦିବସରେ ୪ଟି ମ୍ୟାଚ୍



**ବାରିପଦା, ୮ ।୧(ସମିସ):** ଷ୍ଟେସନ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ରୟାଲ୍ସ ପ୍ରିମିୟର ଲିଗର ଷଷ୍ଠ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଯୁବ ନେତା ରାକେଶ ସିଂ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ବିକ୍ରମ କେଶରୀ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ଭି ରୋର ୨୫ ରନରେ ଥ୍ରୀଲର ଦଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆଞ୍ଜୋଲ ରଣା ୮୭ ରନରେ ମା' ଅମ୍ବିକା ସୁପର ସ୍ମାସର ଦଳ, ତୃତୀୟ ମ୍ୟାଚରେ ପରୀ ଚ୍ୟାଲେଞ୍ଜର ଦଳ ୧୧ ରନରେ ଏମର୍ଜିଂ ଟାଇଟନ ଦଳକୁ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚରେ ମା' ତାରିଣୀ ୱାରିୟର୍ସ ୨ ରନରେ ଜଗନ୍ନାଥ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଳିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଥିଲେ। ରାଜେଶ ସାହୁ ମ୍ୟାଚ୍ ରେଫରୀ, ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଟାଟା ଏସିଇରୁ ଗୋରୁ ମୁଣ୍ଡ ଓ ଚମଡ଼ା ଜବତ ଘଟଣା

# ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ

**ରାଇରଙ୍ଗପୁର, ୮।୧(ସମିସ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଟାଟା ଏସସିରୁ ଗୋରୁ ମୁଣ୍ଡ ଓ ଚମଡା ଜବତ ଘଟଣାରେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ହାଟବାଦଡା ଅଞ୍ଚଳର କାଦୁଆଣି ଛକ ନିକଟରେ ଜାତୀୟ ରାଜପଥ ୨୨୦ରେ ବୁଧବାର ରାତିରେ ଗୋ ମୁଣ୍ଡ ଓ ଚମଡା ବୋଝେଇ ଟାଟା ଏସସି ଓଲଟିଥିଲା। ପଶ୍ଚିମବଙ୍ଗର ଏକ ଟାଟା ଏସସି ଗାଡିରେ ଉକ୍ତ ଜିନିଷ ତେଣ୍ଟପୋଷି ପଟୁ ରାଇରଙ୍ଗପୁର ପଟକୁ ଆସୁଥିଲା। ଉକ୍ତ ସମୟରେ କୌଣସି କାରଣ ପାଇଁ ଗାଡିଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଗାଡି ଚାଳକ ଓ ସହାୟକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବାରୁ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ଥମିଥିଲା। ତେବେ ଏହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଏସପି ଯଦୁନାଥ ଜେନାଙ୍କ ନେତୃତ୍ୱରେ ଥାନା ଅଧିକାରୀ ଓ ଏଏସଆଇ ନେଇ ତଦନ୍ତ ଆରମ୍ଭ ହୋଇଛି।

## ପାଟଣା ରେଞ୍ଜରେ ଗୋଠଛଡ଼ା ଦନ୍ତାର ଉପଦ୍ରବ

# ବିଳମ୍ବିତ ରାତିରେ ଭାଙ୍ଗିଲା ୩ ଘର



**ତୁରୁମୁଙ୍ଗା, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ବିଳମ୍ବିତ ରାତିରେ ଏକ ଗୋଠଛଡା ଦନ୍ତା ଆତଙ୍କ ଖେଳାଇଛି। ମଲିପଶି ବିଟ୍ ନୂଆପଡ଼ା ଓ ରାମଚନ୍ଦ୍ରପୁର ଗ୍ରାମରେ ଆତଙ୍କ ଖେଳାଇ ୩ ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛି। ଘଟଗାଁ ରେଞ୍ଜରୁ ଏହି ଗୋଠଛଡା ଦନ୍ତା ଆସି ନୂଆପଡ଼ା ଗ୍ରାମର ଜଳଧର ନାଏକ ଏବଂ ଅକ୍ଷୟ ନାଏକ ଙ୍କ ଘର ଭାଙ୍ଗି ଦେଇଥିବା ବେଳେ ରାମଚନ୍ଦ୍ରପୁର ଗ୍ରାମର ବରୁଣ ନାଏକଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଆଉ ଏକ ୨୫ ଟିକିଆ ହାତୀପଲ ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଅଞ୍ଚଳରେ ବ୍ୟାପକ ପନିପରିବା ଚାଷକୁ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ଗାଁ ନିକଟରେ ହାତୀପଲଙ୍କ ଉପସ୍ଥିତିକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ୯୯ ହଜାର ଟଙ୍କା ଠକିନେଲେ ସାଇବର ଅପରାଧୀ

**ବାରିପଦା, ୮ ।୧(ସମିସ):** ବୀମା ଆଳରେ ସାଇବର ଅପରାଧୀ ୯୯,୦୦୦ ଟଙ୍କା ଠକି ନେଇଛନ୍ତି। ଏ ନେଇ ଲାଲବଜାର ଅଞ୍ଚଳର ଆଇନଜୀବୀ ଜ୍ୟୋତି ପ୍ରକାଶ ରଥ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଏ ବୀମା ସାରିବାକୁ ଥିବାବେଳେ ତାହା ଉଠାଣ ସମୟ ହୋଇଛି। ସାଇବର ଅପରାଧୀ ଜଣକ ନିଜକୁ ଉକ୍ତ ବୀମା କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇ ଫୋନ କରିଥିଲା। ଟଙ୍କା ଉଠାଣ ନିମନ୍ତେ କାର୍ଯ୍ୟ ପ୍ରକ୍ରିୟା ନିମନ୍ତେ ଅନଲାଇନ ଜରିଆରେ କାର୍ଯ୍ୟ କରିବାକୁ କହିଥିଲେ। ସେ ମଧ୍ୟ ବିଶ୍ୱାସ କରି ସେହି ଅନୁଯାୟୀ ଅନଲାଇନ କାର୍ଯ୍ୟ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯୯,୦୦୦ ଟଙ୍କା ତାଙ୍କ ଅଜାଣତରେ ଉଠାଣ ହୋଇଥିବା ମେସେଜ ଆସିଥିଲା। ସେ ସାଇବର ଠକେଇର ଶିକାର ନେଇ ଜାଣିବା ପରେ ବ୍ୟାଙ୍କକୁ ଯୋଗାଯୋଗ କରିଥିଲେ। ଏହାପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

# ଠାକୁରମୁଣ୍ଡା ବ୍ଲକ୍ ଠିକାଦାର ସଂଘର ବୈଠକ



**ମହୁଲଡିହା, ୮।୧(ସମିସ ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଠିକାଦାର ସଂଘର ଏକ ବୈଠକ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ ପଇବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ଠିକାଦାର ଟେଣ୍ଡର ସିଡ୍ୟୁଲ ରେଟରେ ପକାଇବା ଓ ବାହାର ଜିଲ୍ଲା ଠିକାଦାର ନିମ୍ନମାନର କାମ କରୁଥିବାରୁ କୌଣସି ଠିକାଦାରଙ୍କୁ ବ୍ଲକରେ ଟେଣ୍ଡର ନ ପକାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯଦି କୌଣସି ଜିଲ୍ଲାର ବାହାର ଠିକାଦାର ଟେଣ୍ଡର ପକାନ୍ତି, ତେବେ ବିରୋଧ କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚକ୍ରଧର ଦାସ, ପଦ୍ମଲୋଚନ ପଣ୍ଡା, ତାପସ ପଣ୍ଡା, ଦିବାନ ଅଲ୍ଲୀ, ଶ୍ରୀମନ୍ତ ଦାସ, ଜ୍ୟୋତିଶ ଦାଶ, ଆରସେଦ ହୁସେନ, ବିମଳ ସେନାପତି ଓ ଧିରେନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## କୁଶପଦା ଗ୍ରାମ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

# ଭୂତପ୍ରେତ ପ୍ରତି ଭୟ କରି ବାପା ଓ ସମ୍ପର୍କୀୟ ଭାଇକୁ ହତ୍ୟା

କରଞ୍ଜିଆ, ୮।୧(ସମିସ)



କରଞ୍ଜିଆ ଥାନା ଅନ୍ତର୍ଗତ କୁଳିପଶଡି ପଞ୍ଚାୟତର କୁଶପଦା ଗ୍ରାମରେ ଗତକାଲି ଅପରାହ୍ନରେ ବିନୟ ପାତ୍ର ନାମକ ଜଣେ ବ୍ୟକ୍ତି ନିଜ ପିତା ଓ ସମ୍ପର୍କୀୟ ଭାଇକୁ ଅତି ନୃଶଂସ ଭାବେ କୋଦାଳରେ ହାଣି ହତ୍ୟା କରିଥିଲା। ଏ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ହତ୍ୟାର ସଠିକ କାରଣ ଜଣାପଡ଼ିନଥିଲେ ସୁଦ୍ଧା ଖୋଦ ହତ୍ୟାକାରୀ ବିନୟ ପାତ୍ର ଭୂତ ପ୍ରେତ ଉପରେ ଡରି ପିତୃ ଓ ଭାତୃ ହତ୍ୟା କରିଥିବାର ସ୍ୱୀକାର କରିଛି। କୋଦାଳରେ ହତ୍ୟା କରିବା ପରେ କୋଦାଳକୁ ବିନୟ ଘର ପଛ ପାଖ ବୁଦା ମୂଳରେ ଲୁଚାଇ ରଖିଥିଲା। ତେବେ ପୁଲିସ ଖବର ପାଇ ହତ୍ୟାକାରୀ ବିନୟକୁ ଗିରଫ କରି ଗତକାଲି ଥାନାକୁ ଆଣିଥିଲା। ଆଜି ଡାକ୍ତରୀ ପରୀକ୍ଷା ପରେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ତା' ବିରୋଧରେ କରଞ୍ଜିଆ ଥାନାର କେସ ନମ୍ବର ୧୧୩, ବିଏନଏସ ୧୦୩(୧)ଧାରାରେ ମାମଲା କରାଯାଇଛି।

କୁଶପଦା ଗ୍ରାମର ପ୍ରଫୁଲ ପାତ୍ରଙ୍କ ବଡ଼ପୁଅ ବିନୟ ପାତ୍ର (୩୭)। ସେ ନିକଟ କାଦଡିହା ଆରଏନ ଡିଗ୍ରୀ କଲେଜରୁ ଇତିହାସ ସମ୍ମାନରେ ବିଏ ପାସ କରିଥିଲା। ପରେ ସେ ଗୋଆ ଯାଇ ଏକ ମେଡ଼ିସିନ କମ୍ପାନୀରେ ଚାକିରି କରିଥିଲା। ମା'ଙ୍କ ମୃତ୍ୟୁ ଖବର ପାଇ ସେ ଗାଁକୁ ଫେରି ଆସିଥିଲା। ଘରେ ପିତା ପ୍ରଫୁଲ ଗାଳିଗୁଲଜ କରିଆସୁଥିଲେ। ଗ୍ରାମର ଗଣେଶ୍ୱର ପାତ୍ର ନାମକ ଜଣେ ସମ୍ପର୍କୀୟ ଭାଇ ପିତାଙ୍କ ସହ ମିଶି ତା' ଦେହ ଭିତରକୁ ଭୂତ ପ୍ରେତ ପ୍ରବେଶ କରୁଥିଲା ବୋଲି ବିନୟ ବିଶ୍ୱାସ କରୁଥିଲା। ଏଣୁ ଏହି ଦୁଇ ଜଣଙ୍କ ଉପରେ ବିନୟ ରାଗ ରଖିଥିଲା। ଗତକାଲି ଅପରାହ୍ନ ୪.୩ ମିନିଟ ସମୟରେ ପ୍ରଫୁଲ ନିଜ ଘରେ ଶୋଇଥିବା ସମୟରେ ଏକ କୋଦାଳରେ ୪/୫ ଚୋଟ ମୁଣ୍ଡକୁ ମାରିଥିଲା। ଘଟଣାସ୍ଥଳରେ ପ୍ରଫୁଲଙ୍କ ମୃତ୍ୟୁ ଘଟିଥିଲା। ପରେ ସେଠାରୁ ଗଣେଶ୍ୱର ଘରକୁ ଯାଇ ସେହି କୋଦାଳରେ ଆକ୍ରମଣ କରିଥିଲା। ଗଣେଶ୍ୱରଙ୍କ ପୁଅ ମଳୟ ଚିତ୍କାର ଶୁଣି ଘଟଣାସ୍ଥଳକୁ ଯାଇ ନିଜ ପିତାକୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲା। କରଞ୍ଜିଆ ଡାକ୍ତରଖାନାରେ ଗଣେଶ୍ୱରଙ୍କୁ ମୃତ ଘୋଷଣା କରାଯାଇଥିଲା। ଥାନା ଅଧିକାରୀ ଖବର ପାଇ କୁଶପଦା ଗ୍ରାମକୁ ଯାଇ ହତ୍ୟାକାରୀ ବିନୟକୁ ଧରି ଥାନାକୁ ଆଣିଥିଲା। ଥାନା ଅଧିକାରୀ ଶରତ ଚନ୍ଦ୍ର ମାହାଲିକ ନିଜେ ଏହି ଘଟଣାର ତଦନ୍ତ କରି ଆଜି ଆସାମୀକୁ କୋର୍ଟ ଚାଲାଣ କରିଛନ୍ତି।

# ଜଙ୍ଗଲ ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ

**ତୁରୁମୁଙ୍ଗା, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମୂଷାଖୋରୀ କାଶିଆ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ଜଳିପଡ଼ି ନଷ୍ଟ ହୋଇଥିବା ବେଳେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଜଙ୍ଗଲ ରେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ପାଟଣା ଅଗ୍ନିଶମ ବାହିନୀ ପକ୍ଷରୁ ଦୀର୍ଘ ସମୟ ପ୍ରଚେଷ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ବେତନଟୀ, ୮।୧(ସମିସ):** ବେତନଟୀ ବ୍ଲକ ଅଧୀନସ୍ଥ ମୁକ୍ତାପୁର ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାର ପ୍ରଧାନଶିକ୍ଷକ ବିମଳ କୁମାର ଜେନା ଡିସେମ୍ବର ୩୧ ତାରିଖ ଦିନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ଜେନାଙ୍କ ଉଦ୍ଦେଶ୍ୟରେ ଉକ୍ତ ବିଦ୍ୟାଳୟରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ବଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ କିଶୋର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ସିଆରସିସି ପ୍ରଦୀପ ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ସାହୁ, ମୁକ୍ତାପୁର ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପରିଚାଳନା କମିଟି ସଦସ୍ୟ, ପୂର୍ବତନ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଶ୍ରୀ ଜେନା ୧୯୯୨ରେ ଏହି ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ବିଜୟ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରି ପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିପାରେ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୪୩୧- ଫ୍ରାନ୍ସରେ 'ଜୋନ୍ ଅଫ୍ ଆର୍କ'ଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ।
- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର୍ ବେଲୁନ୍ ଆମେରିକାର ଫିଲ୍‌ଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୧୫- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ମୁମ୍ବାଇରେ ପହଞ୍ଚିଲେ।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।

## ପ୍ରବାସୀ ଭାରତୀୟ ଦିବସ

ଭାରତର ବିକାଶରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାନୁଆରୀ ୯ ତାରିଖକୁ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଏ। ୧୯୧୫ ଜାନୁଆରୀ ମାସର ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ତେଣୁ ଏହି ଦିନରେ ଏହି ଦିବସ ପାଳନ କରିବା ପାଇଁ ବାଜପେୟୀ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗୀୟ ଲକ୍ଷ୍ମୀମଲ ସିଂଭିଙ୍କ ପରିକଳ୍ପନା ଥିଲା। ୨୦୦୩ରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରାଯାଇଥିଲା। ୨୦୦୩ରୁ ଏହାକୁ ପ୍ରତିବର୍ଷ ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନର ପ୍ରସ୍ତାବ ରଖାଯାଇଥିଲା। ଏହି ଉପଲକ୍ଷେ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରାଯାଏ। ଦେଶ ଉନ୍ନତିରେ ପ୍ରବାସୀଙ୍କ ଯୋଗଦାନ ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ 'ପ୍ରବାସୀ' ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବିଦେଶରେ ଥିବା ଅନେକ ଭାରତୀୟ, ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶର ପରିଚୟକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କୁ ସମ୍ମାନ ଜଣାଇବା ସହ ବିଦେଶରେ ରହୁଥିବା ପ୍ରତିଟି ଭାରତୀୟଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହାବାଦ୍ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ।



## ଅଶୁଭ ଗୀତ

ସଙ୍ଗୀତ କେବଳ ମାନସିକ ଶାନ୍ତି ପ୍ରଦାନ କରେ ନାହିଁ ବରଂ ଆମକୁ ଖୁସି ରଖିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶବ୍ଦ ଖୁସିରେ କନ୍ଦେଇ ପାରେ, ଦୁଃଖରେ ହସେଇ ପାରେ ତାହା ହିଁ ସଙ୍ଗୀତ। ତେଣୁ ସୁଖ ହେଉ ବା ଦୁଃଖରେ ଲୋକେ ଗୀତ ଶୁଣିଥାନ୍ତି। ହେଲେ ଏମିତି ଏକ ଗୀତ ରହିଛି ଯାହାକୁ ଶୁଣି ଲୋକେ ଆତ୍ମହତ୍ୟା କରି ଦେଉଥିଲେ। ଏହି ଗୀତକୁ ବିଶ୍ୱର ସବୁଠୁ ଅଶୁଭ ଗୀତ ଭାବେ ବିବେଚନା କରାଯାଏ। 'ଗ୍ଲୁମି ସଣ୍ଡେ' ନାଁରେ ଜଣାଶୁଣା ଏହି ଗୀତଟିକୁ ୧୯୩୩ ମସିହାରେ ହଙ୍ଗେରୀର ପ୍ରସିଦ୍ଧ କଣ୍ଠଶିଳ୍ପୀ ରେଜୋ ସେରେସ ଏବଂ ଲେଜଲୋ ଲେଖିଥିଲେ। ୧୯୩୫ ମସିହାରେ ଗୀତଟି ରିଲିଜ୍ ହେବାର କିଛି ସମୟ ପରେ ଜଣେ ବ୍ୟକ୍ତି ଏହି ଗୀତ ଶୁଣି ଆତ୍ମହତ୍ୟା କରିଥିଲେ। ମରିବା ପୂର୍ବରୁ ସେ ତାଙ୍କ ନୋଟ୍ ପ୍ୟାଡ୍‌ରେ ଏହି ଗୀତଟି ବିଷୟରେ ଉଲ୍ଲେଖ କରିଥିଲେ। କେବଳ ସେତିକି ନୁହେଁ, ଏହି ଗୀତର ସଂଯୋଜନା କରିଥିବା ବ୍ୟକ୍ତିଙ୍କର ଭାବି ପତ୍ନୀ ମଧ୍ୟ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ ଏହି ଗୀତକୁ ନେଇ ସବୁଠି ଚର୍ଚ୍ଚା ହେବାକୁ ଲାଗିଲା। ଏହି ଗୀତଟି ପ୍ରେମରେ ହୃଦୟ ଭାଙ୍ଗିବା ଏବଂ ଏକାକୀତ୍ୱ କାହାଣୀ ବଖାଣି ଥାଏ। ଗୀତର ବୋଲ୍‌ଗୁଡ଼ିକ ଶୁଣି ଜଣେ ବ୍ୟକ୍ତି ନିଜର ଯନ୍ତ୍ରଣାକୁ ମନେ ପକାଇ ମାନସିକସ୍ତରରେ ଦୁର୍ବଳ ହୋଇ ପଡ଼ୁଥିଲେ। ୧୯୬୮ ମସିହାରେ ଗୀତ ଲେଖିଥିବା ରେଜୋ ସେରେସ୍ ନିଜେ ବି ଆତ୍ମହତ୍ୟା କରିଥିଲେ। ପରେ ପରେ ଭିନ୍ନ ଭିନ୍ନ ଦେଶରେ ଏହି ଗୀତ ସହିତ ଜଡିତ ଅନେକ ମୃତ୍ୟୁ ମାମଲା ସାମ୍ନାକୁ ଆସିଲା। ଲଗାତାର ଏହି ଗୀତ ଯୋଗୁ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ପରେ ଅନେକ ସ୍ଥାନରେ ଏହାକୁ ଦୀର୍ଘ ୬୨ ବର୍ଷ ପର୍ଯ୍ୟନ୍ତ ନିଷିଦ୍ଧ କରାଗଲା। ସ୍ଥିତି ଟିକେ ଭଲ ହେବାରୁ ୨୦୦୩ ମସିହାରେ ଏହାକୁ ବିବାଦୀୟ ଗୀତରୁ ନିଷେଧ ପ୍ରତ୍ୟାହାର କରାଯାଇଥିଲା। ଆଜି ବି ଏହି ଗୀତର କାହାଣୀ ଲୋକଙ୍କୁ ଭୟଭୀତ କରିଥାଏ।



## ୨୦୨୭ରେ 'ବାରାଣସୀ'

ଚଳିତବର୍ଷ ଯେଉଁ ଫିଲ୍ମ ତିନୋଟିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ରଣବୀର କପୁରଙ୍କ 'ରାମାୟଣ', ମହେଶ ବାବୁଙ୍କ 'ବାରାଣସୀ' ଓ ଅଲ୍ଲୁ ଅର୍ଜୁନ୍‌ଙ୍କ 'A6xA22'। ସବୁଠୁ ବଡ଼ କଥା ହେଉଛି, ଏହି ଫିଲ୍ମଗୁଡ଼ିକ ସେମାନଙ୍କର ବଜେଟ୍ ପାଇଁ ଅଧିକ ଚର୍ଚ୍ଚାରେ। ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ବାରାଣସୀ'ର ବଜେଟ୍ ରହିଛି ୧୩୦୦ କୋଟି। ଏଥିରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ଲିଡ୍ ରୋଲରେ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏହି ଫିଲ୍ମକୁ ନେଇ ଅନେକ ସମୟରେ ଖବର ଆସୁଥିବାବେଳେ ଏହାର ରିଲିଜ୍ ସମ୍ପର୍କରେ ଏବେ ଜଣାପଡ଼ିଛି। 'ବାରାଣସୀ'କୁ ଏପ୍ରିଲ୍ ୯, ୨୦୨୭ରେ ରିଲିଜ୍ କରିବା ପାଇଁ ଏହାର ପ୍ରଯୋଜକ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରାମ ନବମୀକୁ ଆଖି ଆଗରେ ରଖି ଏହାର ପ୍ରଯୋଜକ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଆସି ନାହିଁ। ଏହି ଫିଲ୍ମ ପାଇଁ ମହେଶବାବୁ ପାରିଶ୍ରମିକ ବାବଦରେ ଟଙ୍କାଟିଏ ବି ନେଇ ନାହାନ୍ତି। ଅବଶ୍ୟ ସେ ଫିଲ୍ମର ଲାଭରୁ ସେୟାର୍ ନେବେ। ପ୍ରିୟଙ୍କା ଏଥିରେ ପାରିଶ୍ରମିକ ବାବଦକୁ ୩୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।

## ସଞ୍ଜୀବନୀ

## ୟୁଏସିଆର୍ ଟେଷ୍ଟ



**ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ରକ୍ତ ସଫା କରିଥାଏ। କୌଣସି କାରଣରୁ ଏହା ଖରାପ ହେଲେ ପରିସ୍ରାରେ ପ୍ରୋଟିନ୍ ଆସିଥାଏ। ତେଣୁ ବୃକ୍କଜନିତ ରୋଗ ଚିହ୍ନଟ ପାଇଁ ୟୁଏସିଆର୍ (ୟୁରିନ୍ ଆଲବୁମିନ୍-ଟୁ-କ୍ରିଏଟିନାଇନ୍ ରେସିଓ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା।**

ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ନିୟନ୍ତ୍ରଣରେ ନ ରହିଲେ ବୃକ୍କ ପ୍ରଭାବିତ ହୁଏ। ଅନ୍ୟାନ୍ୟ କାରଣରୁ ବୃକ୍କଜନିତ ସମସ୍ୟା ହେଲେ ଏହାର କାର୍ଯ୍ୟକ୍ଷମତା ଜାଣିବାକୁ ୟୁଏସିଆର୍ ପରୀକ୍ଷା କରାଯାଏ। ଏହା ଏକ ମୂତ୍ର ପରୀକ୍ଷା। ପରିସ୍ରାରେ ଆଲବୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପର ସଙ୍କେତ ଦିଏ। ତେଣୁ ମୂତ୍ରରେ ପ୍ରୋଟିନ୍ (ଆଲବୁମିନ୍) ଏବଂ ବର୍ଜ୍ୟ ଉତ୍ପାଦ (କ୍ରିଏଟିନିନ୍) ସ୍ତର ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ। ଏହି ଅନୁପାତ ବୃକ୍କ ରକ୍ତରୁ ପ୍ରୋଟିନ୍ ସଠିକ୍ ମାତ୍ରାର ଛାଣି ପାରୁଛି କି ନାହିଁ ତାହା ଜଣାଏ। ବୃକ୍କର ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ସୂଚାଇଥାଏ। ଗମ୍ଭୀର ରୋଗାବସ୍ଥାକୁ ପ୍ରାଥମିକସ୍ତରରୁ ଚିହ୍ନଟ ପାଇଁ ମଧ୍ୟ ଏହି ପରୀକ୍ଷା କରାଯାଇଥାଏ। ତେବେ ୩୦ଏମ୍‌ଜି/ଜିରୁ ଉପରସ୍ତରକୁ ସାଧାରଣସ୍ତରଠାରୁ ଅଧିକ ମନାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ।

## ପିଲାଙ୍କୁ ବି ଉଚ୍ଚ ରକ୍ତଚାପ !

'ସକାଳ'ର ସ୍ୱାସ୍ଥ୍ୟ

**ଅତ୍ୟାଧୁନିକ ଜୀବନଶୈଳୀ, ଖାଦ୍ୟପେୟରେ ଅସାବଧାନତା, ଦୁଶ୍ଚିନ୍ତା ଆଦି ଯୋଗୁଁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଚିନ୍ତାର ବିଷୟ ମେଦବହୁଳତା, ଜଙ୍କଫୁଡ୍ ସେବନ, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ପିଲାମାନେ ବି ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି।**



ପିଲାଙ୍କଠାରେ ଆରମ୍ଭରୁ ଲକ୍ଷଣ ଜଣାପଡ଼େନି। କେବେ କେବେ ମୁଣ୍ଡବିନ୍ଧା, ଥକ୍କାପଣ ଦେଖାଯାଏ। ଏହାକୁ ଅଣଦେଖା କଲେ, ହୃଦ୍‌ପିଣ୍ଡ, ମସ୍ତିଷ୍କଜନିତ ସମସ୍ୟା ହୁଏ। ସର୍ବେକ୍ଷଣ ଅନୁସାରେ, ପ୍ରୋସେସ୍ଡ ଏବଂ ଜଙ୍କଫୁଡ୍‌ରେ ଥିବା ଲୁଣ ଓ ଶର୍କରା ସେବନ ଯୋଗୁ ପ୍ରତି ପାଞ୍ଚରୁ ଜଣେ ପିଲା ମେଦବହୁଳତାର ଶିକାର ହୋଇଥାନ୍ତି। ପରିବା ନ ଖାଇବା, ଫୋନ୍ ବ୍ୟବହାର, ବଂଶାନୁଗତ ରୋଗ, ବୃକ୍କ କିମ୍ବା ହୃଦ୍‌ଜନିତ ସହ ଜଡ଼ିତ ଜନ୍ମଜାତ ସମସ୍ୟା ଥିବା ପିଲାଙ୍କୁ ଏହି ରୋଗ ଆଶଙ୍କା ଅଧିକ। ୧୨ ବର୍ଷ ସୁଦ୍ଧା ପିଲାଙ୍କ ହୃଦ୍‌ପିଣ୍ଡର ମାଂସପେଶୀ ମୋଟା ହୁଏ। କିଶୋରାବସ୍ଥାରେ ଧମନୀରେ ପ୍ଲାକ୍ ଜମି ଭବିଷ୍ୟତରେ ଷ୍ଟ୍ରୋକ, ମଧୁମେହ ଆଶଙ୍କାକୁ ବଢ଼ାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ କରି ପିଲାଙ୍କୁ ସନ୍ତୁଳିତ ଖାଦ୍ୟ ଦେବା ଜରୁରି। ନିୟମିତ ବ୍ୟାୟାମ ଓ ଆବଶ୍ୟକସ୍ଥଳେ ଚିକିତ୍ସା ଦ୍ୱାରା ଏହି ସମସ୍ୟା କିଛି ମାତ୍ରାରେ ଏଡାଇ ଦିଆ ଯାଇପାରେ।

## କମ୍ ବୟସରୁ କେଶ ଧଳାର କାରଣ


**ବୟସ ବଢ଼ିଲେ କେଶ ଧଳା ହୁଏ। ବର୍ତ୍ତମାନ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ କେଶ ଧଳା ହେଉଛି। ବଂଶାନୁଗତ ରୋଗ, ପ୍ରଦୂଷଣ, ଚାପ, ହରମୋନ୍ ଅସନ୍ତୁଳନ, ପୋଷଣର ଅଭାବ ଆଦି କେଶ ଧଳା ହେବାର ମୁଖ୍ୟ କାରଣ।**

ପ୍ରଦୂଷଣ ଏବଂ ଅକ୍ସିଡେଟିଭ ଚିନ୍ତା କେଶ ମୂଳକୁ କ୍ଷତି ପହଞ୍ଚାଏ। ଫଳରେ ମେଲାନିନ କ୍ଷରଣ ଯୋଗୁଁ କେଶର ପ୍ରାକୃତିକ ରଙ୍ଗରେ ପରିବର୍ତ୍ତନ ହୁଏ। ସେହିପରି ହର୍‌ମୋନ ଅସନ୍ତୁଳନ ମଧ୍ୟ ଯୁବାଙ୍କଠାରେ କେଶ ଧଳା କରିବାର ମୁଖ୍ୟ କାରଣ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖାଦ୍ୟପେୟ କେଶ ଧଳା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପ୍ରୋସେସ୍ଡ ଖାଦ୍ୟରେ ପୋଷକତତ୍ତ୍ୱ କମ୍ ଥାଏ। ଏହାଦ୍ୱାରା କେଶରେ ପୋଷଣ, ଭିଟାମିନ୍ ଏବଂ ମିନେରାଲ ଅଭାବରୁ ମେଲାନିନ୍ ନଷ୍ଟ ହୁଏ। କେଶ ଧଳା ହୁଏ। ରାସାୟନିକଯୁକ୍ତ ଉତ୍ପାଦ ଯଥା-ସାମ୍ପୋ, ହେୟାର ଡାଇ, ଷ୍ଟାଇଲିଂ ଉତ୍ପାଦରେ ସଲ୍‌ଫେଟ୍, ପାରାବେନ୍ ପରି କ୍ଷତିକାରକ ରାସାୟନିକ କେଶର ପ୍ରାକୃତିକ ରଙ୍ଗକୁ ନଷ୍ଟ କରି। ବିଶେଷ କରି ଭିଟାମିନ୍ ବି ୧୨, ବି ୫ ଅଭାବରୁ କେଶ ଜନିତ ସମସ୍ୟା ଦେଖାଦିଏ। ଏଥିରୁ ବର୍ତ୍ତିବା ପାଇଁ ଲୌହସାର, ଜିଙ୍କ୍, ଫଲିକ ଏସିଡ୍, ଭିଟାମିନ୍ ଡି-୩', ସବୁଜ ପନି ପରିବା, ଡ୍ରାଏଫ୍ରୁଟ, ବିଟ୍, ଦୁଗ୍ଧ ଜାତୀୟ ଖାଦ୍ୟ, ଅଁଳା, ଲେମ୍ବୁ ଆଦି ସେବନ କରିପାରିବେ। ଏହାସହ ଚିନ୍ତାମୁକ୍ତ ରହିବା ଜରୁରି। ଅଚାନକ କେଶ ଧଳା ହେଉଥିଲେ, ଥାଇରଏଡ୍ ଏବଂ ହରମୋନ୍ ପରୀକ୍ଷା କରାଇ ପାରିବେ।



## ଥାଲାସେମିଆ ପାଇଁ ନୂତନ ଔଷଧ



ଥାଲାସେମିଆ ଏକ ପ୍ରମୁଖ ସମସ୍ୟା। ଏହା ବଂଶାନୁଗତ ରୋଗ ତଥା ରକ୍ତସହିତ ଜଡିତ ରୋଗ। ଏହା ଯୋଗୁ ଶରୀରରେ ହିମୋଗ୍ଲୋବିନ୍ ( ଲୋହିତ ରକ୍ତକଣିକାରେ ଥିବା ପ୍ରୋଟିନ୍) ସୃଷ୍ଟି ହୋଇପାରେ ନାହିଁ। ଲୋହିତ ରକ୍ତକଣିକା ଶୀଘ୍ର ନଷ୍ଟ ହୋଇଯାଏ। ରକ୍ତାଭାବରୁ ଥକ୍କା, ଦୁର୍ବଳ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ପୀଡ଼ିତଙ୍କୁ ପ୍ରତିମାସ ରକ୍ତ ଦିଆ ଯାଇଥାଏ। ଖୁସିର କଥା, ଥାଲାସେମିଆ ପୀଡ଼ିତଙ୍କ ପାଇଁ ପ୍ରଥମ ଥର ଓରାଲ ଡ୍ରଗ୍ ଆସିଛି। ଏହାର ନାଁ ମିଟାପିଭେଟ୍ ରହିଛି। ଆମେରିକା ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଔଷଧ ଆଲ୍‌ଫା ଥାଲାସେମିଆ ଏବଂ ବିଟା-ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ। ପୀଡ଼ିତଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ିବନି। ଏହି ଔଷଧ ଶରୀରର ପାଇରୁଭେଟ କାଇନେଜ୍ ନାମକ ଏନ୍‌ଜାଇମ୍‌କୁ ସକ୍ରିୟ କରିବ। ଲୋହିତ ରକ୍ତ କଣିକାକୁ ନଷ୍ଟ ହେବାରୁ ବଞ୍ଚାଇବ। ଏହା ହିମୋଗ୍ଲୋବିନ୍‌ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି ଔଷଧ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି। ଏହା ଫଳପ୍ରଦ ହେଲେ ଆଗାମୀ ଦିନରେ ଥାଲାସେମିଆ ପୀଡ଼ିତଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

## ସୁସ୍ୱାସ୍ଥ୍ୟ ପାଇଁ ଅଳେଇଚ ପାଣି

ଆୟୁର୍ବେଦରେ ବଡ଼ ଅଳେଇଚ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି, ବି୩, ବି୬, ବି୩, କ୍ୟାଲସିୟମ୍, ଆଣ୍ଟିଇନ୍‌ଫ୍ଲାମେଟରୀ ଗୁଣ ଥାଏ। ତେଣୁ ସୁସ୍ୱାସ୍ଥ୍ୟ ପାଇଁ ସକାଳୁ ଖାଲି ପେଟରେ ବଡ଼ ଅଳେଇଚ ପାଣି ପିଇବା ହିତକର।

ବଡ଼ ଅଳେଇଚକୁ ୪ରୁ୫ ମିନିଟ୍ ଫୁଟାଇ କପ୍‌ରେ ଛାଣି ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମୁଖ ଗହ୍ୱର ଦୁର୍ଗନ୍ଧ ଦୂର କରିଥାଏ।

ଏହା ରକ୍ତଚାପ ନିୟନ୍ତ୍ରଣ, ଫୁସ୍‌ଫୁସ୍‌ରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ଓଜନ କମାଏ। ଏହାର ନିୟମିତ ସେବନ ଦ୍ୱାରା ଚିନ୍ତା ଦୂର ହୁଏ। ଚିକିତ୍ସକଙ୍କ ପରାମର୍ଶରେ ସପ୍ତାହକୁ ୩ରୁ ୪ ଦିନ ପିଇପାରିବେ। ଗର୍ଭବତୀ ମହିଳା, ପେଟ ରୋଗୀ, ଆଲର୍ଜି, ସର୍ଜରୀ ପୂର୍ବ ତଥା ପରେ, ନିମ୍ନ ରକ୍ତଚାପ ପୀଡ଼ିତ ଏହାକୁ ସେବନ କରିବା ଅନୁଚିତ।



## ସିରିଜ୍‌ରେ ଷ୍ଟାର୍କ, ମ୍ୟାଚ୍‌ରେ ହେଡ୍ ଶ୍ରେଷ୍ଠ



**ଅଷ୍ଟ୍ରେଲିଆ ୪-୧ରେ ଜିତିଲା ଆସେସ୍**

ମେଲବୋର୍ଣ୍ଣ,୮ ।୧(ଏଜେନ୍ସି): ଇଂଲଣ୍ଡକୁ ୫ମ ତଥା ଶେଷ ଟେଷ୍ଟରେ ୫ ୱିକେଟରେ ହରାଇ ଅଷ୍ଟ୍ରେଲିଆ ତାହାର ଆସେ୍ ଅଭିଯାନ ଶେଷ କରିଛି । ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୪-୧ରେ ଜିତିନେଇଛି । କିନ୍ତୁ ଏହାକୁ ମିଶାଇ ଇଂଲଣ୍ଡ ଦଳ ୩ଥର ଆସେସ୍ ଖେଳିବାକୁ ଆସି ଚଳିତ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି । ୫ମ ତଥା ଶେଷ ଟେଷ୍ଟରେ ଇନିଂସ ଓପନ କରି ପ୍ରଥମ ଇନିଂସରେ ୧୬୩ ଓ ଦ୍ୱିତୀୟ ଇନିଂସରେ ୨୯ ରନ୍ କରିଥିବା ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସେହିପରି ଚଳିତ ସିରିଜ୍‌ରେ ହାରାହାରି ଘଣ୍ଟାପ୍ରତି ୧୪୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରି ୩୧ଟି ୱିକେଟ ନେବା ସହ ଦୁଇଟି ଅର୍ଦ୍ଧଶତକୀୟ ପାଳି ଖେଳି ୧୫୬ ରନ୍ କରିଥିବା ଅଷ୍ଟ୍ରେଲିଆର ବାମହାତୀ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

ଏହି ମ୍ୟାଚ୍‌ର ଆଜି ୫ମ ଦିନରେ ଜ୍ୟାକବ ବେଥେଲଙ୍କ ୧୫୪ ରନ୍ ସହାୟତାରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୪୨ ରନ୍‌ରେ ଶେଷ ହୋଇଥିଲା । ଏହା ଫଳରେ ମ୍ୟାଚ୍ ଜିତିବାକୁ ଅଷ୍ଟ୍ରେଲିଆ ଆଗରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଓପନିଂ ଯୋଡିରେ ୬୨ ଓ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ କାମେରନ ଗ୍ରୀନ୍ ଓ ଆଲେକ୍ସ କାରୀ ୪୯ ବଲ୍‌ରୁ ୪୦ ରନ୍ ଉଠାଇବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୫ ୱିକେଟ ହରାଇ ବିଜୟୀ ହୋଇଥିଲା । ଏହି ବିଜୟ ସହ ଅଷ୍ଟ୍ରେଲିଆ ୪-୧ ବ୍ୟବଧାନରେ ଆସେସ ସିରିଜ୍‌କୁ କବ୍‌ଜା କରିଥିଲା ।

**ଆଜିଠୁ ମହିଳା ପ୍ରିମିଅର ଲିଗ୍-୪**

# ମୁମ୍ବାଇ ଇଣ୍ଡିଆନ୍ସ-ଆର୍‌ସିବି ଉଦ୍‌ଘାଟନୀ ଲଢ଼େଇ

ମୁମ୍ବଇ, ୮ ।୧ (ଏଜେନ୍ସି):

ମହିଳା ଆଇପିଏଲ୍ ତଥା ଓମେନ ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି । ବିଭିନ୍ନ ଦେଶର ମହିଳା କ୍ରିକେଟରଙ୍କୁ ନେଇ ଖେଳାଯାଉଥିବା ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ରେ ଏଥର ୫ଟି ଟିମ୍ ମଧ୍ୟରେ ଲଢ଼େଇ ହେବ । ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମହିଳା କ୍ରିକେଟ ଦଳ ଉଦ୍‌ଘାଟନୀ ଦିବସରେ ପରସ୍ପରକୁ ଭେଟିବେ । ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ହରମନପ୍ରୀତ୍ କୌର ମୁମ୍ବାଇ ଏବଂ ସ୍ମୃତି ମନ୍ଧାନା ଆର୍‌ସିବି ଦଳର ନେତୃତ୍ୱ ନେଉଛନ୍ତି । ମୁମ୍ବାଇ ୨୦୨୩ରେ ପ୍ରଥମ ସଂସ୍କରଣ ଏବଂ ୨୦୨୫ରେ ତୃତୀୟ ସଂସ୍କରଣରେ ଟାଇଟଲ୍ ଜିତିଥିଲା । ସେହିଭଳି ୨୦୨୪ରେ ଆରସିବି ବାଜିମାତ୍ କରିଥିଲା । ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଉଦ୍‌ଘାଟନୀ ଲଢ଼େଇ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି । ଏହି ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଅନ୍ୟ ୩ଟି ଦଳ ହେଲେ ଗୁଜରାଟ ଜାଏଣ୍ଟ୍‌ସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ । ଅଷ୍ଟ୍ରେଲୀୟ ତାରକା ଆସଲେ ଗାର୍ଡନର, ମେଗ୍ ଲାନ୍ନିଂ



ଓ ଜେମିମା ରୋଡ୍ରିଗ୍ସେଜ ଯଥାକ୍ରମେ ଏହି ୩ଟି ଦଳର ଦଳର ନେତୃତ୍ୱ ନେଉଛନ୍ତି । ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ । ପ୍ରତି ଦଳ ପରସ୍ପରକୁ ୨ଥର ଲେଖାଏ ଭେଟିବେ । ଏହାପରେ ପଏଣ୍ଟ ଟେବଲର ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବ । ଏହାପରେ ୨ୟ ଓ ୩ୟ ସ୍ଥାନିତ ଦଳ ମଧ୍ୟରେ ଏଲିମିନେଟର ମୁକାବିଲା ହେବ । ଏହାର ବିଜେତା ଫେବୃଆରୀ ୫ରେ ଶୀର୍ଷ ସ୍ଥାନିତ ଦଳ ସହ ଫାଇନାଲ ଖେଳିବ । ଫାଇନାଲକୁ ମିଶାଇ ମୋଟ୍ ୨୨ଟି ମ୍ୟାଚ୍ ଏଥର ଅନୁଷ୍ଠିତ ହେବ ।

**ନବୀ ମୁମ୍ବଇରେ ହେବାକୁ ଥିବା ମ୍ୟାଚ୍‌ସୂଚୀ**

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୯ ।୧ | ମୁମ୍ବାଇ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୦ ।୧ | ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୦ ।୧ | ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |
| ୧୧ ।୧ | ଦିଲ୍ଲୀ-ଗୁଜରାଟ | ରାତି ୭ଟା ୩୦ |
| ୧୨ ।୧ | ବେଙ୍ଗାଲୁରୁ-ୟୁପି | ରାତି ୭ଟା ୩୦ |
| ୧୩ ।୧ | ମୁମ୍ବାଇ-ଗୁଜରାଟ | ରାତି ୭ଟା ୩୦ |
| ୧୪ ।୧ | ଦିଲ୍ଲୀ-ୟୁପି | ରାତି ୭ଟା ୩୦ |
| ୧୫ ।୧ | ମୁମ୍ବାଇ-ୟୁପି | ରାତି ୭ଟା ୩୦ |
| ୧୬ ।୧ | ଗୁଜରାଟ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୭ ।୧ | ମୁମ୍ବାଇ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୭ ।୧ | ଦିଲ୍ଲୀ-ବେଙ୍ଗାଲୁରୁ | ରାତି ୭ଟା ୩୦ |

ବି.ଦ୍ର.: ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ ଓ ଜିଓ ହଟ୍‌ଷ୍ଟାରରେ ପ୍ରସାରିତ ହେବ ।

### ନବୀ ମୁମ୍ବଇ ଓ ବରୋଦାରେ ମ୍ୟାଚ୍

ଏଥର ୨ଟି ଭେନ୍ୟୁରେ ସମ୍ପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବ । ନବୀ ମୁମ୍ବଇର ଡିୱାଇ ପାଟିଲ ଏବଂ ବରୋଦା କ୍ରିକେଟ୍ ସଂଘ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ । ଡିୱାଇ ପାଟିଲରେ ଉଦ୍‌ଘାଟନୀ ଓ ବରୋଦାରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

### ଚାମ୍ପିଅନ ଦଳ ପାଇବ ୬ କୋଟି

ପାଖାପାଖି ଏକମାସ ଧରି ଖେଳାଯିବାକୁ ଥିବା ମହିଳା ପ୍ରିମିଅର ଲିଗ୍‌ର ଏହି ୪ର୍ଥ ସଂସ୍କରଣରେ ଯେଉଁ ଦଳ ଚାମ୍ପିଅନ ହେବ ୬ କୋଟି ଟଙ୍କା ପୁରସ୍କାର ପାଇବ । ସେହିଭଳି ରନର୍ସଅପ୍ ଦଳକୁ ଏହାର ଅଧା ଅର୍ଥାତ ୩ କୋଟି ଟଙ୍କା ଦିଆଯିବ । ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ଲକ୍ଷ ଏବଂ ଫାଇନାଲର ଶ୍ରେଷ୍ଠ ଖେଳାଳି ୨.୫ ଲକ୍ଷ ଟଙ୍କା ପୁରସ୍କାର ପାଇବେ । ଏହାବାଦ୍ ସର୍ବାଧିକ ରନ, ୱିକେଟ୍ ହାସଲକାରୀ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

### ହନି ସିଂହ-ଜ୍ୟାକ୍‌ଲିନଙ୍କ ଶୋ'

ଡବ୍ଲ୍ୟୁପିଏଲ୍-୪ର ପ୍ରଥମ ମ୍ୟାଚ୍ ପୂର୍ବରୁ ଆୟୋଜକ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଯେଉଁଥିରେ ମ୍ୟୁଜିକାଲ ସେନସେସନ ହନି ସିଂହଙ୍କ ସହ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ ଦର୍ଶକଙ୍କ ମନୋରଞ୍ଜନ କରିବେ । ୨୦୨୧ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ମଧ୍ୟ ଉପସ୍ଥିତ ରହିବେ ।

### ପେରୀ-ସଦରଲାଣ୍ଡଙ୍କ ଅନୁପସ୍ଥିତି

ଏଥର କିଛି ତାରକା ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ ନାହିଁ । ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦୁଇ ଖେଳାଳି ଏଲିସେ ପେରୀ ଓ ଆନାବେଲ୍ ସଦରଲାଣ୍ଡ ରହିଛନ୍ତି । ଉଭୟ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି । ଆର୍‌ସିବି ପାଇଁ ୨୫ଟି ମ୍ୟାଚ୍ ଖେଳି ପେରୀ ୩ଟି ସିଜନରେ ୯୭୨ ରନ ସହ ୧୪ଟି ୱିକେଟ୍ ନେଇଛନ୍ତି ।

## ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବରେ ୪୫ ଲକ୍ଷ ପୁରସ୍କାର

ଭୁବନେଶ୍ୱର, ୮ ।୧(ସମିସ): ଚଳିତମାସ୧୬ରୁ ସୋଆ କ୍ୟାମ୍ପସ-୨ରେ ୧୬ତମ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ (ଓଡ଼ିଶା ଓପନ୍) ଆରମ୍ଭ ହେବ । ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ), ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଜାନୁଆରୀ ୨୪ ତାରିଖରେ ଉଦ୍‌ଯାପିତ ହେବ । ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । ଭାରତ ସମେତ ୨୦ଟି ଦେଶର ପାଖାପାଖି ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି ।



ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ । କାଟାଗୋରୀ-ଏ'ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି । ଏଥିରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ । ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି'ରେ ଭାଗନେବେ । କାଟାଗୋରୀ-ସି'ରେ ୧୬୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି' ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ । କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି' ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟ୍ସ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ଉପସ୍ଥିତ ରହିଥିଲେ । ଓଡ଼ିଶାର ପାଖାପାଖି ୩୦୦ ଖେଳାଳି ଏଥିରେ ଭାଗନେବେ ବୋଲି ଜଣାପଡ଼ିଛି ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

## କଳିଙ୍ଗ ଲାନ୍ସର୍ସର ଦ୍ୱିତୀୟ ବିଜୟ

ଚେନ୍ନଇ,୮ ।୧(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ୨-୧ ଗୋଲରେ ପରାସ୍ତ କରି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି । ଲାନ୍ସର୍ସ ପ୍ରଥମ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସକୁ ୪-୨ ଗୋଲରେ ପରାସ୍ତ କରିଥିଲା । ଆଜିର ମୁକାବିଲାରେ ଲାନ୍ସର୍ସ ପକ୍ଷରୁ ଖେଳର ୫୨ତମ ମିନିଟ୍‌ରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଓ ୫୭ତମ ମିନିଟ୍‌ରେ ବବି ସିଂହ ଧାମି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ବେଙ୍ଗଲ ପକ୍ଷରୁ ଆଫାନ ୟୁସୁଫ୍ ଗୋଟିଏ ଗୋଲ ଶୁଝାଇଥିଲେ । ଆସନ୍ତାକାଲି ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ସହ ସୁରମା ହକି କ୍ଲବ୍ ଓ ଦ୍ୱିତୀୟ ମ୍ୟାଚ୍ ତାମିଲନାଡୁ ଡ୍ରାଗନ୍ସ ସହ ଏସ୍‌ଜି ପାଇପର୍ସର ମୁକାବିଲା ହେବ ।

### ମହିଳାରେ ରାଞ୍ଚି ରୟାଲ୍ସ ତୃତୀୟ

ରାଞ୍ଚି : ଏସ୍‌ଜି ପାଇପର୍ସକୁ ୫-୨ ଗୋଲରେ ପରାସ୍ତ କରି ଆୟୋଜକ ଟିମ୍ ରାଞ୍ଚି ରୟାଲ୍ସ ମହିଳା ହକି ଇଣ୍ଡିଆ ଲିଗ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛି । ରାଞ୍ଚି ଦଳ ପକ୍ଷରୁ ଲୁସିନା ଭୋନ ଡର ହାଇଡ୍ ଓ ହାନା କୋଟର ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ । ପାଇପର୍ସ ପକ୍ଷରୁ ନଭନୀତ କୌର ୨ଟି ଯାକ ଗୋଲ ଶୁଝାଇଥିଲେ । ଆସନ୍ତା ୧୦ରେ ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଫାଇନାଲ ଖେଳାଯିବ ।

## ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ସରେ ପ୍ରଶାନ୍ତି ଏକମାତ୍ର ଓଡ଼ିଆ



ଭୁବନେଶ୍ୱର, ୮ ।୧ (ସମିସ): ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଦ୍ୱାଦଶ ସଂସ୍କରଣ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ଅନୁଷ୍ଠିତ ହେବ । ଏଥିଲାଗି ୧୭ ଜଣିଆ ଭାରତୀୟ ଆଥ୍‌ଲେଟିକ୍ସ ଦଳ ଘୋଷଣା କରାଯାଇଛି । ଦୁଇଥରର ଏସିଆନ୍ ଗେମ୍ସ ଚାମ୍ପିଅନ ଶଟ୍-ପୁଟର୍ ତାଜିନ୍ଦରପାଲ ସିଂହ ତୁର୍‌ଙ୍କ ନେତୃତ୍ୱରେ ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ଏଥିରେ ଓଡ଼ିଶାରୁ ଏକମାତ୍ର ଆଥ୍‌ଲେଟ୍ ଭାବେ ପ୍ରଜ୍ଞା ପ୍ରଶାନ୍ତୀ ସାହୁ ସ୍ଥାନ ପାଇଛନ୍ତି । ପ୍ରଜ୍ଞା ମହିଳା ୬୦ ମିଟର ହର୍ଡଲ୍ସରେ ଅଂଶଗ୍ରହଣ କରିବେ । ଏହି ତିନିଦିନିଆ ଇଣ୍ଡୋର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ୬୦ ମିଟର ରେସ୍, ୬୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ୍ ଇଭେଣ୍ଟରେ ପ୍ରତିଯୋଗିତା ହେବ ।

**ଜାତୀୟ ଅସିଚାଳନା**

## ପଞ୍ଜାବ, ମଣିପୁର ଦଳଗତ ଚାମ୍ପିଅନ



କଟକ,୮ ।୧(ସମିସ): ଏଠାରେ ଚାଲିଥିବା ୩୩ତମ ଜୁନିଅର ଜାତୀୟ ଅସିଚାଳନା ଚାମ୍ପିଅନସିପର ଇପି ବାଳକ ଇଭେଣ୍ଟରେ ପଞ୍ଜାବ ଦଳଗତ ଚାମ୍ପିଅନ ହୋଇଛି । ଏଥିରେ ତାମିଲନାଡୁ ରୌପ୍ୟ ଏବଂ ମହାରାଷ୍ଟ୍ର, ହରିୟାଣା ଉଭୟ ଯୁଗ୍ମ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ସେହିପରି ଇପି ବାଳିକା ଇଭେଣ୍ଟରେ ମଣିପୁର ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ଜିତିଛି । ହରିୟାଣା ଦଳ ରୌପ୍ୟ ଏବଂ କର୍ଣ୍ଣାଟକ ଓ ଗୁଜରାଟ ଦଳ କାଂସ୍ୟ ପଦକ ଜିତିଛନ୍ତି । ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସମ୍ପାଦକ ପ୍ରସନ୍ନ ରାଉତ, ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏସନର ସମ୍ପାଦକ ଅଶୋକ ସାହୁ ଓ ଓଡ଼ିଶା ଅସିଚାଳନା ସଂଘ କୋଷାଧକ୍ଷ ନିର୍ମଳ ବିକାଶ ମହାପାତ୍ର ଉପସ୍ଥିତ ରହି ପଦକ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ ।

## ଗାୟତ୍ରୀ ଭାରତୀୟ ଦଳର ସହକାରୀ କୋଚ୍



କଟକ,୮ ।୧(ସମିସ): ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଭାବେ ଗାୟତ୍ରୀ ମଲ୍ଲିକ ନିଯୁକ୍ତ ହୋଇଛନ୍ତି । ଏଆଇଏଫ୍ଏଫ୍ ପକ୍ଷରୁ ଏହି ଘୋଷଣା କରାଯାଇଛି । ଆସନ୍ତା ୧୦ରୁ କୋଲକାତାରେ ହେବାକୁ ଥିବା ଘରୋଇ ପ୍ରଶିକ୍ଷଣ ଶିବିରରେ ସାମିଲ ହେବା ସହିତ ଗାୟତ୍ରୀ ଜାତୀୟ ଦଳରେ ଯାତ୍ରା ଆରମ୍ଭ କରିବେ । ଏତଦବ୍ୟତୀତ ତୁର୍କୀ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଗାୟତ୍ରୀଙ୍କ ପ୍ରଶିକ୍ଷକ ଜୀବନରେ ନୂଆ ପୃଷ୍ଠା ଯୋଡ଼ିବ । ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଚ୍ ସକର୍: ଫାଇନାଲରେ ଓଡ଼ିଶା

କଟକ,୮ ।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ଫାଇନାଲରେ ପ୍ରବେଶ କରିଛି । ସେମିଫାଇନାଲରେ ଦଳ ୭-୦ ଗୋଲରେ ହିମାଚଳପ୍ରଦେଶକୁ ହରାଇଛି । ଓଡିଶା ପକ୍ଷରୁ ଶ୍ରୀଜନ ତମାଙ୍ଗ, ସତ୍ୟବତୀ ଖାଡିଆ, କେ ଅମ୍ବାଳିକା ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ । ଫାଇନାଲ ମୁକାବିଲାରେ ଗୁଜରାଟକୁ ଭେଟିବ ଓଡ଼ିଶା ।

**ବିଜୟ ହଜାରେ ଟ୍ରଫି**

## ସର୍ଫରାଜଙ୍କ ୧୫ ବଲ୍‌ରେ ୫୦ ରନ୍

ଜୟପୁର,୮ ।୧(ଏଜେନ୍ସି):

**ଭାରତରେ ଦ୍ରୁତତମ ଅର୍ଦ୍ଧଶତକ**

ଏଠାରେ ଚାଲିଥିବା ପଞ୍ଜାବ ବିପକ୍ଷ ବିଜୟ ହଜାରେ ଟ୍ରଫିରେ ମୁମ୍ବଇର ସର୍ଫରାଜ ଖାନ୍ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି । ଏହି କ୍ରମରେ ସେ ଭାରତୀୟ ଘରୋଇ କ୍ରିକେଟ ଓ ଖେଳାଳିଙ୍କ ମଧ୍ୟରେ ଦ୍ରୁତତମ । ପୂର୍ବରୁ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ ଦୁଇଜଣ ଖେଳାଳି ଯଥା ୧୯୯୫ରେ ମହାରାଷ୍ଟ୍ରର ଅଭିଜିତ କାଲେ ବନାମ ବରୋଦା ଓ ୨୦୨୧ରେ ବରୋଦାର ଅତୀତ ସେଠ (ବନାମ ଛତିଶଗଡ଼)ଙ୍କ ନାମରେ ଥିଲା । ସର୍ଫରାଜ ଆଜି ଏହି ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି । ଏମାନେ ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ଏହି ରେକର୍ଡର ଅଧିକାରୀ ଥିଲେ । ସର୍ଫରାଜ ୨୦ ବଲ୍‌ରେ ୬୨ ରନ୍ ଓ ଅଧିନାୟକ ଶ୍ରେୟସ ଆୟର ୩୪ ବଲ୍‌ରେ ୪୫ ରନ୍ କରିବା ସତ୍ତ୍ୱେ ଦଳ ମାତ୍ର ୧ ରନ୍‌ରେ ଅଭିଷେକ ଶର୍ମାଙ୍କ ପଞ୍ଜାବଠାରୁ ପରାଜିତ ହୋଇଯାଇଛି । ଗୁରନୁର ବ୍ରାର ଓ ମୟଙ୍କ ମାର୍କଣ୍ଡେ ୪ଟି ଲେଖାଏଁ ୱିକେଟ ନେଇ ପଞ୍ଜାବକୁ ବିଜୟୀ କରାଇଥିଲେ ।



**କ୍ୱାର୍ଟର ଫାଇନାଲ ଖେଳସୂଚୀ**

| | | |
|---|---|---|
| ୧୨।୧ | କର୍ଣ୍ଣାଟକ ବନାମ ମୁମ୍ବଇ | ବେଙ୍ଗାଲୁରୁ-୧ |
| ୧୨।୧ | ୟୁପି ବନାମ ସୌରାଷ୍ଟ୍ର | ବେଙ୍ଗାଲୁରୁ-୨ |
| ୧୩।୧ | ଦିଲ୍ଲୀ ବନାମ ବିଦର୍ଭ | ବେଙ୍ଗାଲୁରୁ-୨ |
| ୧୩।୧ | ପଞ୍ଜାବ ବନାମ ଏମ୍‌ପି | ବେଙ୍ଗାଲୁରୁ-୧ |
| ୧୫।୧ | ପ୍ରଥମ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୬।୧ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୮।୧ | ଫାଇନାଲ | ବେଙ୍ଗାଲୁରୁ-୧ |

ଗ୍ରାଉଣ୍ଡ: ସେଣ୍ଟର ଅଫ୍ ଏକ୍ସିଲେନ୍ସ ୧ ଓ ୨ ।

### ୮ଟି ଦଳକୁ ପରବର୍ତ୍ତୀ ଯୋଗ୍ୟତା

ଆଜିର ଖେଳ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି । ଗ୍ରୁପ୍‌ର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଗ୍ରୁପ୍-ଏ'ରୁ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ, ଗ୍ରୁପ୍-ବି'ରୁ ଉତ୍ତରପ୍ରଦେଶ ଓ ବିଦର୍ଭ, ଗ୍ରୁପ୍-ସି'ରୁ ପଞ୍ଜାବ ଓ ମୁମ୍ବଇ, ଗ୍ରୁପ୍-ଡି'ରୁ ଦିଲ୍ଲୀ ଓ ସୌରାଷ୍ଟ୍ର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଜାନୁଆରୀ ୧୨ ଓ ୧୩ରେ କ୍ୱାଟ;ର ଫାଇନାଲ ମୁକାବିଲା ଆୟୋଜିତ ହେବ ।

## ପରାଜୟ ସହ ଷଷ୍ଠରେ ରହିଲା ଓଡ଼ିଶା

କଟକ,୮ ।୧(ସମିସ): ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ଲିଗ୍ ପର୍ଯ୍ୟାୟରେ ହ୍ୟାଟ୍ରିକ ବିଜୟ ହାସଲ ପରେ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ୭ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ଗ୍ରୁପ-ଡି ଟେବଲର ୬ଷ୍ଠ ସ୍ଥାନରେ ରହିଛି । ଏହି ଲଜ୍ଜାଜନକ ଫଳାଫଳ ସହିତ ବିସିସିଆଇର ଚଳିତ ଘରୋଇ ସିଜନରେ ଓଡ଼ିଶା ବରିଷ୍ଠ ପୁରୁଷ ଦଳର ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୫ ୱିକେଟରେ ରେଲୱେ ଠାରୁ ହାରିଥିଲା । ରେଲୱେର ସାହେବ ଯୁବରାଜ ସିଂହ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ ।

ବେଙ୍ଗାଲୁରୁର ଅଲୁର ଗ୍ରାଉଣ୍ଡରେ ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ୭୨ରନରେ ପ୍ରଥମ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ଦଳ ପକ୍ଷରୁ ରେକର୍ଡ ସହ ନିରାଶ କରିଥିବା ସ୍ୱସ୍ତିକ ସାମଲ ୭, ଓମ୍‌ଟି ମୁଣ୍ଡେ ୧୯, ଶାନ୍ତନୁ ମିଶ୍ର ୨୩ ଓ ଗୋବିନ୍ଦ ପୋଦ୍ଦାର ୧୯ ରନ୍ କରିଥିଲେ ।



ଏହି ସମୟରେ ଅଭିଜ୍ଞ ଅଧିନାୟକ ବିପ୍ଳବ ସାମନ୍ତରାୟ(୪୩ରନ), ଦୁଇ ନବାଗତ ଅଲରାଉଣ୍ଡର ସମ୍ବିତ ବରାଳ (୫୦ରନ) ଓ ସୌମ୍ୟରଞ୍ଜନ ଲେଙ୍କା (୫୬ରନ) ମଧ୍ୟକ୍ରମରେ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିବା ଯୋଗୁଁ ଦଳୀୟ ସ୍କୋର ୨୦୦ ପାର୍ କରିଥିଲା । ଓଡ଼ିଶା ପକ୍ଷରୁ ପଦାର୍ପଣ କରିଥିବା ୱିକେଟ କିପର ଦିନେଶ ମାଝୀ ୧୫ରନ କରିଥିଲେ । ନିମ୍ନକ୍ରମର ବ୍ୟାଟରଙ୍କ ବିଫଳତା ସହିତ ଓଡ଼ିଶାର ଇନିଂସ୍ ୨୫୧ରନରେ ସୀମିତ ରହିଥିଲା । ରେଲୱେର ବରୁନ ଏବଂ ରାଜ ଚୌଧୁରୀ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ । ଜବାବରେ ରେଲୱେ ୪୫.୨ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା । ନଂ-୩ରେ କ୍ରିଜକୁ ଆସିଥିବା ଯୁବରାଜ ଦମଦାର ବ୍ୟାଟିଂ କରି ଦଳକୁ ଜିତାଇଥିଲେ । ଯୁବରାଜ ୧୩୪ବଲରୁ ୧୧ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୧୮ ରନର ଅପରାଜିତ ପାଳି ଖେଳିଥିଲେ । ଜୁବେର ୪୩ବଲରୁ ଦ୍ରୁତ ୬୫ରନ ସଂଗ୍ରହ କରିଥିଲେ । ଓଡ଼ିଶା ପକ୍ଷରୁ ଗୋବିନ୍ଦଙ୍କୁ ୨ଟି ୱିକେଟ ମିଳିଥିଲା । ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଏବଂ ଓମ୍ ଗୋଟିଏ ଲେଖାଏ ୱିକେଟ ପାଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS